ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, February 4/2025 | Page 14 | ₹ 7.00

୫୧ଶ ଭାଗ ୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 72 | ମୂଲ୍ୟ ₹୭/-



ସଞ୍ଜୁ ସାମସନ ଆଘାତପ୍ରାପ୍ତ

ଇଂଲଣ୍ଡ ବିପକ୍ଷ ୫ମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ବେଳେ ଆଘାତପ୍ରାପ୍ତ ହୋଇଛନ୍ତି ଭାରତୀୟ ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନ।

୧୪

୦୭

'କନ୍ନାପା'ରେ ପ୍ରଭାସଙ୍କ ରୁଦ୍ର ଅବତାର

'କନ୍ନାପ୍ପା' ଫିଲ୍ମରେ ଅଭିନେତା ପ୍ରଭାସଙ୍କ ପ୍ରଥମ ଲୁକ୍‌କୁ ସୋମବାର ଜାରି କରାଯାଇଛି।

ବେଆଇନ ଭାବେ ଧର୍ମ ବଦଳାଇଲେ ୧୦ ବର୍ଷ ଜେଲ

ରାଜସ୍ଥାନ ଆଣିଲା ବିଲ୍

ନୂଆଦିଲ୍ଲୀ,୩।୨

ରାଜସ୍ଥାନ ସରକାର ରାଜ୍ୟ ବିଧାନସଭାରେ ସୋମବାର ବେଆଇନ ଧର୍ମାନ୍ତରୀକରଣ ନିରୋଧୀ ବିଲ୍ ଆଗତ କରିଛନ୍ତି। ପ୍ରସ୍ତାବିତ ଆଇନ ଅନୁଯାୟୀ, ବେଆଇନ ଭାବେ ଧର୍ମ ପରିବର୍ତ୍ତନ କଲେ ତାହାକୁ ଜାମିନବିହୀନ ଅପରାଧ ବିବେଚନା କରାଯାଇ ଅଦାଲତରେ ବିଚାର ପାଇଁ ଗ୍ରହଣଯୋଗ୍ୟ ହେବ। ବେଆଇନ ଭାବେ ଗୋଟିଏ ଧର୍ମରୁ ଅନ୍ୟ ଧର୍ମକୁ ପରିବର୍ତ୍ତନ ରୋକିବା ଏହି ବିଲ୍‌ର ଲକ୍ଷ୍ୟ। ବିଲ୍‌ରେ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ☞ପୃଷ୍ଠା–୪



ପ୍ରୟାଗରାଜରେ ମହାକୁମ୍ଭ ମେଳାର ବସନ୍ତ ପଞ୍ଚମୀ ଅମୃତ ସ୍ନାନ ଅବସରରେ ସୋମବାର ସଙ୍ଗମ ସ୍ଥଳରେ ସାଧୁସନ୍ଥ ସ୍ନାନ କରୁଛନ୍ତି।

ମହାକୁମ୍ଭ ଦଳାଚକଟା

ଲୋକ ସଭାରେ ହଙ୍ଗଗୋଳ

କରଦାତାଙ୍କ ବିପୁଳ ଟଙ୍କା ବ୍ୟୟରେ ଆୟୋଜିତ ପ୍ରୟାଗରାଜ କୁମ୍ଭମେଳାରେ ଗତ ମାସ ୨୯ରେ ଘଟିଥିବା ଦଳାଚକଟାକୁ ନେଇ ସୋମବାର ଲୋକ ସଭାରେ ବିରୋଧୀ ସଦସ୍ୟମାନେ ହଙ୍ଗଗୋଳ କରିଥିବାବେଳେ ରାଜ୍ୟ ସଭାରେ କକ୍ଷତ୍ୟାଗ କରିଛନ୍ତି। ସରକାରଙ୍କ ଅବହେଳା ଏବଂ ସମ୍ବେଦନହୀନତା ଯୋଗୁ ବହୁସଂଖ୍ୟକ ଲୋକଙ୍କ ଜୀବନ ଗଲା ବୋଲି ବିରୋଧୀ କହିବା ସହ ଏଥିପାଇଁ ସରକାର ନିଜକୁ ଉତ୍ତରଦାୟୀ କରନ୍ତୁ ବୋଲି ଦାବି କରିଛନ୍ତି। ଦଳାଚକଟାରେ ୩୦ ନୁହେଁ, ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆକଳନ କରିବା ସହ ସରକାର ମୃତ୍ୟୁସଂଖ୍ୟା ଲୁଚାଉଥିବା ନେଇ ରାଜ୍ୟ ସଭାରେ ଅଭିଯୋଗ କରିଛନ୍ତି। ସେହିପରି ମୃତଦେହଗୁଡ଼ିକୁ ନଦୀରେ ଫିଙ୍ଗି ଦିଆଯାଇଥିବା ଏବଂ ଏଥିଯୋଗୁ ନଦୀ ଦୂଷିତ ହୋଇପଡ଼ିଥିବା ନେଇ ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ ସଂସଦ ବାହାରେ ସଙ୍ଗିନ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଖାର୍ଗେଙ୍କ ବୟାନକୁ ଶାସକ ଦଳ ପକ୍ଷରୁ ବିରୋଧ କରାଯାଇଥିବାବେଳେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ମନ୍ତବ୍ୟ ଫେରାଇ ନେବାକୁ କହିଛନ୍ତି।

ନୂଆଦିଲ୍ଲୀ,୩।୨(ପି.ଟି.)

ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ଡିଏମ୍‌କେ ଏମ୍‌ପି କନିମୋଝି କୁମ୍ଭମେଳା ଦଳାଚକଟାରେ ମୃତକଙ୍କ ପାଇଁ ଦୁଃଖପ୍ରକାଶ କରିବା ସହ ସରକାର ତୀର୍ଥଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ବିଫଳ ହୋଇଥିବାରୁ ସମାଲୋଚନା କରିଛନ୍ତି। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଦଳାଚକଟା ଘଟଣା ଉପରେ ଆଲୋଚନା ଦାବିରେ ଦୀର୍ଘ ସମୟ ଧରି ହଙ୍ଗଗୋଳ ହୋଇଛି। ସେମାନେ ମୃତକମାନଙ୍କ ତାଲିକା ଦାବି କରିଥିଲେ। ରାଜନୀତି ଓ ଧର୍ମର ମିଳନ ଯୋଗୁ ନିରୀହ ଲୋକେ ଅସୁବିଧାରେ ପଡୁଛନ୍ତି। ଦଳାଚକଟାରେ ପ୍ରକୃତରେ କେତେ ଲୋକଙ୍କ ମୃତ୍ୟୁ ଘଟିଲା, ତାହା ଦେଶବାସୀ ଜାଣିପାରିନାହାନ୍ତି ବୋଲି କନିମୋଝି କହିଛନ୍ତି। ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଏବଂ ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ନେତୃତ୍ୱରେ ବିରୋଧୀ ସଦସ୍ୟମାନେ ପ୍ରଶ୍ନୋତ୍ତର କାଳ ସ୍ଥଗିତ ରଖାଯାଇ ଷ୍ଟାମ୍ପେଡ୍ ଉପରେ ଆଲୋଚନା ହେଉ ବୋଲି ଦାବି କରିଛନ୍ତି। ରାଜ୍ୟ ସଭାରେ ବିରୋଧୀଙ୍କ କକ୍ଷତ୍ୟାଗ

ଗତ ମାସ ୨୯ ତାରିଖ ମୌନି ଅମାବାସ୍ୟା ଯୋଗୁ ସଙ୍ଗମରେ ବୁଡ଼ ପକାଇବା ପାଇଁ ବହୁ କୋଟି ଲୋକଙ୍କ ଭିଡ଼ ହୋଇଥିଲା। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଅମୃତ ସ୍ନାନ ପାଇଁ ଗଲାବେଳେ ଠେଲାପେଲାରେ ବାରିକେଡ୍ ଭାଙ୍ଗିଯିବାରୁ ଦଳାଚକଟା ହୋଇଥିଲା। ଏଥିରେ ୩୦ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ ଜଣ ଆହତ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଏହି ସଂଖ୍ୟାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶ୍ନୋତ୍ତର କାଳ ଆଲୋଚନା ଜାରି ରହିବାରୁ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ସଦସ୍ୟମାନେ ସ୍ୱଳ୍ପ ସମୟ ପାଇଁ କକ୍ଷତ୍ୟାଗ କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ଦଳାଚକଟା ପ୍ରସଙ୍ଗକୁ ନେଇ ଅନୁରୂପ ସ୍ଥିତି ଉପୁଜିଥିଲା। ଗୃହର ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଆଲୋଚନା ପାଇଁ ଅନୁମତି ନ ଦେବାରୁ ବିରୋଧୀମାନେ କକ୍ଷତ୍ୟାଗ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଦଳାଚକଟାରେ ୩୦ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯିବା ଆଦୌ ଗ୍ରହଣୀୟ ନୁହେଁ। କୁମ୍ଭମେଳାରେ ୧,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ସେ ଆକଳନ କରୁଛନ୍ତି ବୋଲି କହିଛନ୍ତି। ତେବେ ଦଳାଚକଟାରେ ପ୍ରକୃତ ମୃତ୍ୟୁସଂଖ୍ୟା କେତେ ଏବଂ କେତେ ଜଣ ନିଖୋଜ ହୋଇଛନ୍ତି, ତାହା ସରକାର ପ୍ରକାଶ କରିବା ଉଚିତ। ଯଦି ତାଙ୍କ ଆକଳନ ଭୁଲ୍ ହୋଇଥାଏ, ତେବେ ସେ କ୍ଷମା ମାଗିବେ ବୋଲି ଖାର୍ଗେ କହିଛନ୍ତି। ତାଙ୍କ ମନ୍ତବ୍ୟକୁ ଶାସକ ଦଳ ପକ୍ଷରୁ ଜୋର୍‌ଦାର ବିରୋଧ କରାଯାଇଥିଲା। ଖାର୍ଗେ ତାଙ୍କ ମନ୍ତବ୍ୟ ଫେରାଇ ନିଅନ୍ତୁ ବୋଲି ଧନ୍‌କର କହିଛନ୍ତି। ସେହିପରି ଦଳାଚକଟାରେ ପ୍ରାଣ ହରାଇଥିବା ଲୋକଙ୍କ ମୃତଦେହକୁ ନଦୀରେ ଫିଙ୍ଗିଦିଆଯାଇଥିବା ରାଜ୍ୟ ସଭାରେ ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଉଥିବା ନଦୀରେ ମୃତଦେହ ଫିଙ୍ଗାଯାଇଥିବାରୁ ଏହାର ଜଳ ଅତ୍ୟନ୍ତ ଦୂଷିତ ବୋଲି ସେ କହିଛନ୍ତି। ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ବଡ଼ କିନ୍ତୁ ଗୁଣବତ୍ତା ନୁହେଁ

ରେଳ ବଜେଟରେ ଓଡ଼ିଶାକୁ ୧୦,୫୯୯ କୋଟି

- ମାଲଦାରୁ ବେଙ୍ଗାଲୁରୁକୁ ନୂଆ ଅମୃତ ଭାରତ ଏକ୍ସପ୍ରେସ୍ ଚାଲିବ
- ୧୮୯୮ କି.ମି. ଟ୍ରାକ୍ ତିଆରିରେ କବଚ ଟେକ୍ନୋଲୋଜି
- ୫୯ ଅମୃତ ଷ୍ଟେଶନର ଉନ୍ନତୀକରଣ ପାଇଁ ୨,୩୭୯ କୋଟି

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

କେନ୍ଦ୍ରୀୟ ବଜେଟ୍ ୨୦୨୫–୨୬ରେ ରେଳଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ପାଇଁ ଏଥିରେ ୧୦,୫୯୯ କୋଟି ଟଙ୍କାର ଅନୁଦାନ ଘୋଷଣା କରାଯାଇଛି। ଏହା ୨୦୦୯–୨୦୧୪ ଅବଧି ତୁଳନାରେ ୧୨.୫% ଅଧିକ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏନେଇ ସୋମବାର ଭୁବନେଶ୍ୱରସ୍ଥିତ ରେଳସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରେଳମନ୍ତ୍ରୀ ନୂଆଦିଲ୍ଲୀରୁ ଭର୍ଚୁଆଲରେ ଯୋଡ଼ିହୋଇ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡିଶାରେ ୭୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। କେନ୍ଦ୍ର ସରକାର ଗତ ୧୦ବର୍ଷ ମଧ୍ୟରେ ରାଜ୍ୟରେ ୨୦୪୬ଟି ନୂଆ ରେଳ ଟ୍ରାକ୍ ତିଆରି କରିଛନ୍ତି, ଯାହାକି ମାଲେସିଆର ରେଳ ନେଟ୍‌ୱର୍କଠାରୁ ଅଧିକ ରହିଛି। ଓଡ଼ିଶାରେ ବର୍ତ୍ତମାନ ମୋଟ ୬ଟି ବନ୍ଦେ ଭାରତ ଟ୍ରେନ୍ ଗଡୁଛି। ଭବିଷ୍ୟତରେ ଆହୁରି ଅଧିକ ଚଳାଚଳ କରିବାର ଯୋଜନା ରହିଛି। ଏହା ୧୭ଟି ଜିଲା ସହ ୨୫ଟି ସ୍ୱତନ୍ତ୍ର ଷ୍ଟପେଜକୁ ସଂଯୋଗ କରୁଛି। ଏହା ବ୍ୟତୀତ ରାଜ୍ୟରେ ଆହୁରି ୭୩,୭୨୩ କୋଟି ଟଙ୍କାର ରେଳ ପ୍ରକଳ୍ପ କାମ ଚାଲିଛି। ବର୍ତ୍ତମାନ ୪୭୮୪ କି.ମି. ଦୀର୍ଘ ୪୮ଟି ନୂଆ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ୧୮୯୮ କି.ମି. ଟ୍ରାକ ତିଆରିରେ କବଚ ଟେକ୍ନୋଲୋଜି ☞ପୃଷ୍ଠା–୪

ଋଣ ବୋଝ ସହି ନ ପାରି ଦମ୍ପତିଙ୍କ ଆତ୍ମହତ୍ୟା

କାନ୍ଥରେ ମୃତକଙ୍କ ଶେଷକଥା

ଯାଜପୁର/ବ୍ରହ୍ମବରଦା,୩।୨ (ହର୍ଷବର୍ଦ୍ଧନ ବେହେରା/ଯଯାତି କେଶରୀ ବେହେରା)

ଋଣ ବୋଝ ଅସହ୍ୟ ହେଲା। ମାନସିକ ସନ୍ତୁଳନ ହରାଇ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ କୋଠାସାହି ଗ୍ରାମର ଏକ ଦମ୍ପତି ବେକରେ ରଶି ବାନ୍ଧି ସୋମବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବିଜୟ ରାଉତ(୬୦) ଏବଂ ତାଙ୍କ ସ୍ତ୍ରୀ ପଦ୍ମିନୀ ରାଉତ(୫୫)। ବ୍ରହ୍ମବରଦା ଥାନା ପୋଲିସ ସୋମବାର ପୂର୍ବାହ୍ନରେ ଖବର ପାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ୨ଟି ଅପମୃତ୍ୟୁ ମାମଲା(ନଂ.୨/୨୦୨୫ ଓ ୩/୨୦୨୫) ☞ପୃଷ୍ଠା–୪

ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ

୧ ଡଲାର= ୮୭.୧୭ ଟଙ୍କା

ନୂଆଦିଲ୍ଲୀ,୩।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କାନାଡା, ମେକ୍ସିକୋ ଏବଂ ଚାଇନା ଉପରେ ଟାରିଫ୍ ଲାଗୁ କରିବା ପରେ ବୈଶ୍ୱିକ ବାଣିଜ୍ୟ ଯୁଦ୍ଧ ବ୍ୟାପକ ରୂପ ନେବା ଆଶଙ୍କା ପ୍ରକଶ ପାଇଛି। ଏହାର ପ୍ରଭାବରେ ଡଲାର ଇଣ୍ଡେକ୍ସ ୧.୨୪% ବୃଦ୍ଧି ପାଇଛି। ଫଳରେ ସୋମବାର ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟରେ ହ୍ରାସ ଘଟି ୮୭.୧୭ରେ ପହଞ୍ଚିଛି, ଅର୍ଥାତ୍ ୧ ଡଲାରର ବିନିମୟ ମୂଲ୍ୟ ୮୭ଟଙ୍କା ୧୭ପଇସା ହୋଇଛି। କିଛି ସମୟ ପୂର୍ବରୁ ଟଙ୍କା ମୂଲ୍ୟ ସର୍ବାଧିକ ୮୭.୨୯ ସ୍ତରକୁ ଖସିଥିଲା। ଆମେରିକୀୟ ଡଲାର ଇଣ୍ଡେକ୍ସ ୬ଟି ବିଦେଶୀ ମୁଦ୍ରାର ବାସ୍କେଟ୍ ସହ ତୁଳନା କରାଯାଇ ଆକଳନ କରାଯାଇଥାଏ। ତଦନୁଯାୟୀ ଡଲାର ସୂଚକାଙ୍କ ୧.୨୪% ବୃଦ୍ଧି ପାଇ ☞ପୃଷ୍ଠା–୪

ଭାରତୀୟ ବଂଶୋଦ୍ଭବ ଚନ୍ଦ୍ରିକା ଟଣ୍ଡନ ଜିତିଲେ ଗ୍ରାମୀ ପୁରସ୍କାର

ଲସ୍‌ଏଞ୍ଜେଲ୍ସ, ୩।୨

ସଙ୍ଗୀତ କ୍ଷେତ୍ରରେ ସବୁଠାରୁ ପ୍ରତିଷ୍ଠିତ ପୁରସ୍କାର ସମାରୋହ ଗ୍ରାମୀ ଆୱାର୍ଡ୍ସର ୬୭ତମ ସଂସ୍କରଣ ସୋମବାର ଆମେରିକାର ଲସ୍‌ଏଞ୍ଜେଲ୍ସସ୍ଥିତ କ୍ରିପ୍ଟୋ ଡଟ୍ କମ୍ ଏରିନାଠାରେ ରେକର୍ଡିଙ୍ଗ ଏକାଡେମୀ ଦ୍ୱାରା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରେଣୀରେ ପ୍ରଖ୍ୟାତ ସଙ୍ଗୀତଜ୍ଞଙ୍କୁ ସମ୍ମାନିତ କରାଯାଇଛି। ଭାରତୀୟ ଆମେରିକୀୟ ସଙ୍ଗୀତଜ୍ଞ



ଚନ୍ଦ୍ରିକା ଟଣ୍ଡନ

ତଥା ଉଦ୍ୟୋଗୀ ଚନ୍ଦ୍ରିକା ଟଣ୍ଡନ ତାଙ୍କ ଆଲବମ୍ 'ତ୍ରିବେଣୀ' ପାଇଁ ବେଷ୍ଟ ନ୍ୟୁ ଏଜ୍, ଆମ୍ବିଆଣ୍ଟ ଏବଂ ଚାଣ୍ଟ୍ ଆଲବମ୍ ଶ୍ରେଣୀରେ ଗ୍ରାମୀ ପୁରସ୍କାର ଜିତିଛନ୍ତି। ସେ ତାଙ୍କର ସହକର୍ମୀ ଦକ୍ଷିଣ ଆଫ୍ରିକାର ବଂଶୀ ବାଦକ ୱାଉଟର କେଲରମ୍ୟାନ ଓ ଜାପାନର ଭାଓଲିନ ବାଦକ ମାଟସୁମୋଟୋଙ୍କ ସହ ଗ୍ରାମୀ ପୁରସ୍କାର ଗ୍ରହଣ କରିଥିଲେ। ପେପ୍ସିକୋର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଇନ୍ଦ୍ରା ନୁୟୀଙ୍କର ବଡ଼ଭଉଣୀ ଚନ୍ଦ୍ରିକା ଜଣେ ବିଜନେସ୍ ଲିଡର ଭାବେ ମଧ୍ୟ ପରିଚିତ। ଚେନ୍ନାଇରେ ବଢ଼ିଥିବା ଚନ୍ଦ୍ରିକା ଗ୍ରାମୀ ପୁରସ୍କାର ଜିତି ଖୁସି ପ୍ରକାଶ କରିଛନ୍ତି। ଏହା ତାଙ୍କ ପାଇଁ ଅଦ୍ଭୁତ ଅନୁଭବ ହୋଇଥିବା ଚନ୍ଦ୍ରିକା କହିଛନ୍ତି। ସଙ୍ଗୀତ ତାଙ୍କ ଜୀବନର ସବୁକିଛି ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚନ୍ଦ୍ରିକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଏକ୍ସ'ରେ ଲେଖିଛନ୍ତି, ଭାରତୀୟ ସଂସ୍କୃତିକୁ ବିଶ୍ୱବ୍ୟାପୀ ପରିଚୟ ଦେବାରେ ଚନ୍ଦ୍ରିକାଙ୍କର ଉଦ୍ୟମ ☞ପୃଷ୍ଠା–୪

ସଂକ୍ଷେପରେ

ଆତଙ୍କବାଦୀ ଆକ୍ରମଣରେ ଅବସରପ୍ରାପ୍ତ ଯବାନ ମୃତ

ଶ୍ରୀନଗର, ୩।୨

ଦକ୍ଷିଣ କଶ୍ମୀରସ୍ଥିତ କୁଲଗାମ ଜିଲା ବେହିବାଘ ଅଞ୍ଚଳରେ ଭାରତୀୟ ସେନାର ଜଣେ ଅବସରପ୍ରାପ୍ତ ଯବାନଙ୍କ ଘର ଉପରକୁ ସୋମବାର ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ଆତଙ୍କବାଦୀଙ୍କ ଗୁଳିରେ ଅବସରପ୍ରାପ୍ତ ଯବାନଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଓ ଝିଅ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତ ଅବସରପ୍ରାପ୍ତ ଯବାନଙ୍କର ନାମ ମଞ୍ଜୁର ଅହମଦ ୱାଗେ ହୋଇଥିବା ଜଣେ ସ୍ଥାନୀୟ ପୋଲିସ ଅଧିକାରୀ ସୁଚନା ଦେଇଛନ୍ତି। ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୁରକ୍ଷାବାହିନୀ ପକ୍ଷରୁ ବେହିବାଘ ଅଞ୍ଚଳକୁ କର୍ଡନ କରାଯିବା ସହ ଆତଙ୍କବାଦୀଙ୍କ ସର୍ଚ୍ଚ ଅପରେଶନ ପ୍ରକ୍ରିୟା ଆରମ୍ଭ କରାଯାଇଛି।

ଚୋରି କରି ଗୋଧ୍ରା ନରସଂହାର ମାମଲାର ଦୋଷୀ ଗିରଫ

୪ ମାସ ହେଲା ଫେରାର ଥିଲେ

ପୁଣେ, ୩।୨

ଗୋଧ୍ରା ଟ୍ରେନ୍ ନରସଂହାର ମାମଲାରେ ଗତ ୪ ମାସ ହେବ ଫେରାର ଥିବା ଦୋଷୀ ସଲିମ ଜର୍ଦ୍ଦାଙ୍କୁ ସୋମବାର ଏକ ଚୋରି ମାମଲାରେ ମହାରାଷ୍ଟ୍ରର ପୁଣେରୁ ଗିରଫ କରାଯାଇଛି। ନାସିକରେ ହୋଇଥିବା ଏକ ଚୋରି ଘଟଣାରେ ସଲିମଙ୍କର ସମ୍ପୃକ୍ତି ରହିଥିବା ପୁଣେ ଗ୍ରାମୀଣ ପୋଲିସ ସୂଚନା ଦେଇଛି। ପୁଣେ ପୋଲିସ ତାଙ୍କୁ ନାସିକ ପୋଲିସକୁ ହସ୍ତାନ୍ତର କରିଛି। ଗୋଧ୍ରା ଟ୍ରେନ୍ ନରସଂହାର ମାମଲାରେ ଗୁଜରାଟର ଏକ ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା ସଲିମଙ୍କୁ ଗତ ସେପ୍ଟେମ୍ବର ୧୭ରେ ୭ ଦିନିଆ ପାରୋଲ ମିଳିଥିଲା। ଫଳରେ ସେ ଜେଲରୁ ବାହାରକୁ ଆସିଥିଲେ। ପାରୋଲ ଅବଧି ଶେଷ ହେବା ବେଳକୁ ସେ ଫେରାର ହୋଇଯାଇଥିଲେ।

ତେଲୁଗୁ ଫିଲ୍ମ ନିର୍ମାତାଙ୍କ ଆତ୍ମହତ୍ୟା

ସୁକର୍ଣ୍ଣ କୃଷ୍ଣ ପ୍ରସାଦ ଚୌଧୁରୀ

ପଣଜୀ, ୩।୨

ତେଲୁଗୁ ଫିଲ୍ମ ନିର୍ମାତା ସୁକର୍ଣ୍ଣ କୃଷ୍ଣ ପ୍ରସାଦ ଚୌଧୁରୀ ସୋମବାର ଗୋଆସ୍ଥିତ ଭଡ଼ାଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବେଡ୍‌ରୁମ୍‌ରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି। ପ୍ରାରମ୍ଭିକ ତଦନ୍ତରୁ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି ବୋଲି ପୋଲିସ କହିଛି। ୪୪ ବର୍ଷୀୟ ସୁକର୍ଣ୍ଣ କିଛିଦିନ ହେବ କେତେକ ବ୍ୟକ୍ତିଗତ ଏବଂ ବୃତ୍ତିଗତ ସମସ୍ୟାକୁ ନେଇ ଚାପରେ ରହୁଥିବା ନେଇ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ଡ୍ରଗ୍ସ କାରବାରରେ ସମ୍ପୃକ୍ତି ଅଭିଯୋଗରେ ୨୦୨୩ରେ ସେ ଗିରଫ ହୋଇଥିଲେ। ରଜନୀକାନ୍ତଙ୍କ ଅଭିନୀତ ପ୍ରସିଦ୍ଧ 'କବାଲି' ଫିଲ୍ମର ସେ ପ୍ରଯୋଜକ ଥିଲେ।

'ମେକ୍ ଇନ୍ ଇଣ୍ଡିଆ' ବିଫଳ ହୋଇଛି: ରାହୁଲ

ନୂଆଦିଲ୍ଲୀ,୩।୨

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

- ଟ୍ରମ୍ପଙ୍କ ଶପଥ ଉତ୍ସବରେ ମୋଦିଙ୍କ ପାଇଁ ଆମନ୍ତ୍ରଣ ଯୋଗାଡ଼ କରିବାକୁ ଯାଇଥିଲେ ଜୟଶଙ୍କର
- ରାହୁଲଙ୍କ ମନ୍ତବ୍ୟକୁ ସରକାରଙ୍କ ଖଣ୍ଡନ

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାହୁଲ ଗାନ୍ଧୀ ଲୋକ ସଭାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ 'ମେକ୍ ଇନ୍ ଇଣ୍ଡିଆ' ଚିନ୍ତାଧାରାକୁ ପ୍ରଶଂସା କରିଥିବାବେଳେ ସରକାର ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି, ଯେଉଁଥିପାଇଁ ୨୦୧୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଉତ୍ପାଦନ କ୍ଷେତ୍ରର ଅବଦାନ ୧୫.୩ ପ୍ରତିଶତ ଥିବାବେଳେ ବର୍ତ୍ତମାନ ତାହା ୧୨.୬ ପ୍ରତିଶତକୁ ଖସିଆସିଛି। ଉତ୍ପାଦନ ସେକ୍ଟରରେ ଗତ ୬୦ ବର୍ଷ ମଧ୍ୟରେ ଏହା ସବୁଠୁ କମ୍ ଭାଗ ବୋଲି ରାହୁଲ କହିଥିଲେ। ଏଥିପାଇଁ ଭାରତ ମାଟିରେ ଚାଇନା ସୈନ୍ୟଙ୍କ ଉପସ୍ଥିତିକୁ ସେ ସିଧାସଳଖ ଦାୟୀ କରିଥିଲେ। ତେବେ କଂଗ୍ରେସ ନେତାଙ୍କ ଏଭଳି ମନ୍ତବ୍ୟକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କଡ଼ା ବିରୋଧ କରିଥିଲେ। ରାହୁଲ ମିଥ୍ୟା ଅଭିଯୋଗ ଆଣୁଥିବା ରିଜିଜୁ କହିବା ସହ ଏହାର ପ୍ରମାଣ ଦାବିରେ ସେ ବାଚସ୍ପତି ଓମ୍ ବିର୍ଲାଙ୍କ ସହ କଥା ହେବେ ବୋଲି କହିଥିଲେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବା ନିମନ୍ତେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଆମନ୍ତ୍ରଣ ଯୋଗାଡ଼ କରିବାକୁ ପଠାଯାଇଥିଲା ବୋଲି ରାହୁଲ ଅଭିଯୋଗ କରିବାରୁ ସରକାରୀ ଦଳ ଏହାକୁ ଜୋର୍‌ଦାର ବିରୋଧ କରିଥିଲେ। ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟକୁ ଖଣ୍ଡନ କରି ଜୟଶଙ୍କର କହିଛନ୍ତି, ଜୋ ବାଇଡେନ୍ ପ୍ରଶାସନର ପରରାଷ୍ଟ୍ର ସଚିବ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ)ଙ୍କୁ ଭେଟିବା ପାଇଁ ଗତ ଡିସେମ୍ବରରେ ସେ ଆମେରିକା ଯାଇଥିଲେ। ରାହୁଲ ଜାଣିଶୁଣି ମିଛ ବିବୃତି ଦେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଲାଗି ନିମନ୍ତ୍ରଣ ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଆମେରିକା ଯାଆନ୍ତି ନାହିଁ। ଏଭଳି ବ୍ୟବସ୍ଥା ଚାଲୁଥିଲେ, ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିବାକୁ ଆମେରିକା ରାଷ୍ଟ୍ରପତିଙ୍କୁ ଆସିବାକୁ ପଡୁଥାନ୍ତା ବୋଲି ଜୟଶଙ୍କର କହିଛନ୍ତି। ରାହୁଲ ଏଭଳି ମିଥ୍ୟା ଅଭିଯୋଗ ଆଣି ଭାରତର ବୈଶ୍ୱିକ ଛବିକୁ କ୍ଷତି ପହଞ୍ଚାଉଥିବା ଜୟଶଙ୍କର ଅଭିଯୋଗ କରିଛନ୍ତି।

ସେହିପରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ରେ ଭାରତ ଅନ୍ୟ ଦେଶ ତୁଳନାରେ ବହୁ ପଛରେ ପଡ଼ିଥିବା ରାହୁଲ କହିଛନ୍ତି। ବିନା ଡେଟାରେ ଏଆଇର କୌଣସି ଅର୍ଥ ନାହିଁ। ଏଆଇ ସିଷ୍ଟମ୍‌କୁ ପରିପୁଷ୍ଟ କରିବା ନିମନ୍ତେ ଭାରତ ପାଖରେ ଡେଟା ନ ଥିବା କଂଗ୍ରେସ ନେତା କହିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣକୁ ରାହୁଲ ସମାଲୋଚନା କରିବା ସହ ଏହାକୁ ବାରମ୍ବାର ଦୋହରାଯାଉଥିବା ଏକ ଲମ୍ବା ତାଲିକା ବୋଲି କହିଥିଲେ। ରାଷ୍ଟ୍ରପତି ତାଙ୍କ ଭାଷଣରେ କେନ୍ଦ୍ର ସରକାରଙ୍କ ଶାସନର ଟ୍ରାକ୍ ରେକର୍ଡକୁ ଦୋହରାଇବା ସହ ଆଗକୁ ସରକାର ଗ୍ରହଣ କରିବାକୁ ଯାଉଥିବା ଅର୍ଥନୈତିକ ଦିଶା ନିର୍ଦ୍ଦେଶ ସମ୍ପର୍କରେ କହିଥିଲେ। ଏହା ପରେ ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କ ଅବସ୍ଥାକୁ ଲକ୍ଷ୍ୟ କରି କହିଥିଲେ, ବିଚାରି ମହିଳା, ଅଭିଭାଷଣର ଶେଷଆଡ଼କୁ ଅତ୍ୟନ୍ତ ଥକିଗଲା ଭଳି ଜଣାପଡୁଛନ୍ତି। ସୋନିଆଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସୋନିଆ କେବଳ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦାକୁ ଅସମ୍ମାନ କରିନାହାନ୍ତି, ବରଂ ଦେଶର ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ ଅପମାନିତ କରିଛନ୍ତି ବୋଲି ଭାଜପା ସମାଲୋଚନା କରିବା ସହ ତାଙ୍କଠାରୁ କ୍ଷମା ଦାବି କରିଥିଲା।

ସୋନିଆଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

ନୂଆଦିଲ୍ଲୀ,୩।୨

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ୩୧ ତାରିଖରେ ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ଅଭିଭାଷଣ ରଖିବା ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ତାଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ମୁଣ୍ଡ ଟେକିଛି। ରାଷ୍ଟ୍ରପତିଙ୍କ ପ୍ରତି ସୋନିଆଙ୍କ ଅପମାନଜନକ ମନ୍ତବ୍ୟକୁ ବିରୋଧ କରି ଭାଜପାର କେତେଜଣ ଏମ୍‌ପି ସୋମବାର ତାଙ୍କ ବିରୋଧରେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ୍ ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଫଗନ ସିଂ କୁଲସ୍ତେଙ୍କ ନେତୃତ୍ୱରେ ଆଦିବାସୀ ସମ୍ପ୍ରଦାୟର ଭାଜପା ଏମ୍‌ପିମାନେ ଉଭୟ ସୋନିଆ ଏବଂ ବିହାର ଏମ୍‌ପି ପପ୍ପୁ ଯାଦବଙ୍କ ମନ୍ତବ୍ୟ ପାଇଁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସଭା ଅଧ୍ୟକ୍ଷ ଏବଂ ଲୋକ ସଭା ବାଚସ୍ପତିଙ୍କୁ ନିବେଦନ କରିଛନ୍ତି। ସୋନିଆ ଓ ପପ୍ପୁଙ୍କ ମନ୍ତବ୍ୟ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ମର୍ଯ୍ୟାଦା ହାନି କରିଥିବା ସେମାନେ ଅଭିଯୋଗ କରିଛନ୍ତି।

ନୂଆଦିଲ୍ଲୀରେ ସୋମବାର ରାଷ୍ଟ୍ରପତି ଭବନ ଦିବସ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଗାୟକ ସୋନୁ ନିଗମ ଓ ଅନ୍ୟମାନେ ଗ୍ରୁପ୍ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

ଅଡିଓ ଟେପ୍‌ର ଫୋରେନ୍‌ସିକ୍ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୨

ଜାତିଆଣ ହିଂସାରେ ମଣିପୁର ମୁଖ୍ୟମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ

ମଣିପୁର ଜାତିଆଣ ହିଂସା ସହ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ଏ ସମ୍ପର୍କିତ ଏକ ଅଡିଓ ଟେପ୍‌କୁ ପରୀକ୍ଷା କରି ୬ ସପ୍ତାହ ମଧ୍ୟରେ ଜଉମୁଦା ଲଫାପାରେ ସେଣ୍ଟ୍ରାଲ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି (ସିଏଫ୍‌ଏସ୍‌ଏଲ୍) ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୨୪କୁ ଧାର୍ଯ୍ୟ କରାଯାଇଛି। ଅଡିଓ ଟେପ୍‌ର ନିରପେକ୍ଷ ତଦନ୍ତ ଦାବିକରି କୁକି ମାନବାଧିକାର ଟ୍ରଷ୍ଟ ସଂଗଠନ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲାବେଳେ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରୁଥ୍ ଲାବ୍ ନାମକ ଘରୋଇ ଫୋରେନ୍‌ସିକ ସାଇନ୍ସ ଲାବରେଟୋରି ଅଡିଓ ଟେପ୍ ଯାଞ୍ଚକରି ଏଥିରେ ଥିବା ସ୍ୱର ମୁଖ୍ୟମନ୍ତ୍ରୀଙ୍କ ସ୍ୱର ସହ ୯୩ ପ୍ରତିଶତରୁ ଅଧିକ ମେଳ ଖାଉଥିବା ପ୍ରମାଣିତ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଅଦାଲତଙ୍କୁ ଏହା ଜଣାଇଛନ୍ତି।

୧୩ରେ ଟ୍ରମ୍ପଙ୍କୁ ଭେଟିପାରନ୍ତି ମୋଦି

ୱାଶିଂଟନ,୩।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୩ ତାରିଖରେ ୱାଶିଂଟନ ଡିସିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିପାରନ୍ତି। ମୋଦିଙ୍କ ପାଇଁ ଟ୍ରମ୍ପ ନୈଶଭୋଜିର ମଧ୍ୟ ଆୟୋଜନ କରିପାରନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଜାନୁଆରୀ ୨୦ରେ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମୋଦିଙ୍କର ତାଙ୍କ ସହ ପ୍ରଥମ ସାକ୍ଷାତ ହେବ। ପ୍ରଧାନମନ୍ତ୍ରୀ ୨ ଦିନିଆ ଫ୍ରାନ୍ସ ଗସ୍ତ ଶେଷ କରି ୧୨ ତାରିଖ ସନ୍ଧ୍ୟାରେ ୱାଶିଂଟନ ଡିସିରେ ପହଞ୍ଚିବା ଆଶା କରାଯାଉଛି। ସେ ସେଠାରେ ୧୪ ତାରିଖ ପର୍ଯ୍ୟନ୍ତ ରହିବା ସହ ଆମେରିକୀୟ କର୍ପୋରେଟ୍ ଲିଡର ଏବଂ ପ୍ରବାସୀ ଭାରତୀୟଙ୍କ ସହ ବୈଠକ କରିବେ ବୋଲି ସୂଚନା ମିଳିଛି। ମୋଦିଙ୍କ ଗସ୍ତକୁ ତ୍ୱରିତ୍ କରିବା ଦିଗରେ ଉଭୟ ଦେଶ ଉଦ୍ୟମ ଚଳାଇଥିବା ଗତ ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଥିଲେ।

ମେକ୍ସିକୋ ଉପରେ ଟାରିଫ୍ ମାସେ ସ୍ଥଗିତ

ୱାଶିଂଟନ୍/ଓଟାୱା,୩।୨

ମସ୍କଙ୍କ ଷ୍ଟାର୍‌ଲିଙ୍କ୍ ଓଣ୍ଟାରିଓରେ ବ୍ୟାନ୍

ଡୋନାଲ୍ଡ ଟ୍ରମ୍ପ



କ୍ଲାଉଡିଆ ସେଇନ୍‌ବମ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମେକ୍ସିକୋରୁ ଆମଦାନୀ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ଶନିବାର ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ, ଯାହାକି ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହୋଇଥାନ୍ତା। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେଇନ୍‌ବମ୍ ସୋମବାର ଟ୍ରମ୍ପଙ୍କ ସହିତ ଟେଲିଫୋନ୍ ଯୋଗେ କଥାହୋଇ ସୀମା ସୁରକ୍ଷିତ ରଖିବାକୁ ରାଜି ହୋଇଥିଲେ। ଫଳରେ ମାସେ ପାଇଁ ଟାରିଫ୍ ସ୍ଥଗିତ ରଖିବାକୁ ଟ୍ରମ୍ପ ସହମତ ହୋଇଛନ୍ତି। ଉତ୍ତର ସୀମା ଦେଇ ଆମେରିକାକୁ ଫେଣ୍ଟାନିଲ୍ ଭଳି ବେଆଇନ ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବା ଦିଗରେ ଉଭୟ ଦେଶ ଏକାଠି କାର୍ଯ୍ୟ କରିବେ। ସେହିପରି ମେକ୍ସିକୋକୁ ଉଚ୍ଚ କ୍ଷମତାସମ୍ପନ୍ନ ଅସ୍ତ୍ର ଚୋରାଚାଲାଣ ବନ୍ଦ ଦିଗରେ କାର୍ଯ୍ୟ କରିବାକୁ ଆମେରିକା ପ୍ରତିଶ୍ରୁତି ଦେଇଥିବା କ୍ଲାଉଡ଼ିଆ କହିଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଟାରିଫ୍ ବିରୋଧରେ କାନାଡା ମୁକାବିଲାମୂଳକ ଅଭିମୁଖ୍ୟ ନେଇଥିବାରୁ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଛି। କାନାଡାର ଓଣ୍ଟାରିଓ ପ୍ରଦେଶ ଆମେରିକା କମ୍ପାନୀ ଏବଂ ଏଲନ୍ ମସ୍କଙ୍କ ଷ୍ଟାର୍‌ଲିଙ୍କ୍ ସେବାକୁ ସୋମବାର ବ୍ୟାନ୍ କରିଦେଇଛି। ଫଳରେ ଷ୍ଟାର୍‌ଲିଙ୍କ୍‌ର ୧୦୦ ନିୟୁତ ଡଲାରର ଡିଲ୍ ରଦ୍ଦ ହେବାକୁ ଯାଉଛି। କାନାଡା ଉପରେ ଟ୍ରମ୍ପ ପ୍ରଶାସନ ଲଗାଇଥିବା ଟାରିଫ୍ ନ ଉଠାଇବା ଯାଏ ବ୍ୟାନ୍ ବଳବତ୍ତର ରହିବ ବୋଲି ଓଣ୍ଟାରିଓ ରାଜ୍ୟର ଶାସନ ମୁଖ୍ୟ ଡୋଉଗ୍ ଫୋର୍ଡ କହିଛନ୍ତି।

ବନାଞ୍ଚଳରେ ସ୍ଥିତାବସ୍ଥା ବଜାୟ ରଖ: ରାଜ୍ୟ, କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩।୨

ଦେଶରେ ଜଙ୍ଗଲ କ୍ଷେତ୍ରକୁ କମ୍ କରୁଥିବା କୌଣସି ମଧ୍ୟ ପଦକ୍ଷେପ ନେବାକୁ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାରଙ୍କୁ ବାରଣ କରିଛନ୍ତି। ନିକଟରେ ୨୦୨୩ ବନ ସଂରକ୍ଷଣ ଆଇନରେ କରାଯାଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଏକ ଆବେଦନର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବି. ଆର୍ ଗଭାଇ ଓ ଜଷ୍ଟିସ୍ ବିନୋଦ ଚନ୍ଦ୍ରନ୍‌ଙ୍କୁ ନେଇ ଗଠିତ ୨ ଜଣିଆ ଖଣ୍ଡପୀଠ ଶୁଣାଣିବେଳେ ଜଙ୍ଗଲଜମି ସଂରକ୍ଷଣ ପାଇଁ ଅଦାଲତଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସୁପ୍ରିମକୋର୍ଟ କହିଛନ୍ତି, ଜଙ୍ଗଲ କ୍ଷେତ୍ରକୁ ହ୍ରାସ କରୁଥିବା କୌଣସି ମଧ୍ୟ ପଦକ୍ଷେପକୁ ଅନୁମତି ଦିଆଯିବ ନାହିଁ। ଆଗାମୀ ନିର୍ଦ୍ଦେଶ ଯାଏ ଭାରତ ସରକାର କିମ୍ବା କୌଣସି ରାଜ୍ୟ ସରକାର ଏପରି କୌଣସି ପଦକ୍ଷେପ ନେଇପାରିବେ ନାହିଁ, ଯାହା ଜଙ୍ଗଲ ଜମିକୁ ନଷ୍ଟ କରିବ। ତେବେ ଏହି ମାମଲାରେ ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୪ ତାରିଖରେ ହେବ।

ମନ୍ଦିରରେ ଭୋଜି ଖାଇ ୧୭୦ ଅସୁସ୍ଥ

ଶିବପୁରୀ, ୩।୨

ମଧ୍ୟପ୍ରଦେଶର ଶିବପୁରୀ ଜିଲା ମାମୁନି କଳା ଗ୍ରାମପଞ୍ଚାୟତରେ ଏକ ମନ୍ଦିରରେ ଭୋଜି ଖାଇ ୧୭୦ ଜଣ ଅସୁସ୍ଥ ହୋଇଯାଇଛନ୍ତି। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସଞ୍ଜୟ ରଶେଶ୍ୱର ସୂଚନା ଦେଇଛନ୍ତି। ରବିବାର ଉକ୍ତ ମନ୍ଦିରରେ ଏକ ବଡ଼ଧରଣର ଭୋଜିର ଆୟୋଜନ କରାଯାଇଥିଲା। ଭୋଜି ଖାଇସାରିବା ପରେ ପ୍ରାୟ ୧୭୦ ଲୋକଙ୍କର ଫୁଡ୍ ପଏଜନିଂ ହେବାରୁ ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅସୁସ୍ଥ ବ୍ୟକ୍ତିଙ୍କଠାରେ ବାନ୍ତି, ଜ୍ୱର, ଝାଡ଼ାବାନ୍ତି ଆଦି ଲକ୍ଷଣ ରହିଥିବା ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ ୬୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।

ବିବାଦରେ ଉଦିତ ନାରାୟଣ

ମୁମ୍ବାଇ, ୩।୨

ଗାୟକ ଉଦିତ୍ ନାରାୟଣ ମଞ୍ଚରେ ଜଣେ ମହିଳାଙ୍କୁ ଚୁମ୍ବନ ଦେଇ ବିବାଦଘେରକୁ ଆସିଛନ୍ତି। ଏକ ଲାଇଭ୍ କନ୍‌ସର୍ଟରେ ଜଣେ ଯୁବତୀ ତାଙ୍କ ସହ ସେଲ୍‌ଫି ନେବା ପାଇଁ ଅନୁରୋଧ କରିଥିଲେ। ଉଦିତ୍ ଯୁବତୀ ଜଣକ ସହ ସେଲ୍‌ଫି ଉଠାଇ ତାଙ୍କୁ ଏକ ଚୁମ୍ବନ ଦେଇଥିଲେ। ଏହାର କିଛି ଭିଡିଓ ଏବେ ଭାଇରାଲ ହେଉଛି। ଯୁବତୀଙ୍କ ପ୍ରତି ଅଶାଳୀନ ବ୍ୟବହାର କରିଥିବା ଦର୍ଶାଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଉଦିତଙ୍କୁ ଟ୍ର

ଓଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ

ଭୁବନେଶ୍ୱର,(ସୁନିତ୍ ମିଶ୍ର): ରାଜ୍ୟ ସରକାର ଓଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଓଏଏସ୍ ଅଫିସର ସୁବାସ ଚନ୍ଦ୍ର ରାଏଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ରେଜିଷ୍ଟ୍ରାର ଭାବେ ବଦଳି କରାଯାଇଛି। ଓଏଏସ୍ ଅଫିସର ଅବିନାଶ ରାଉତଙ୍କୁ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ଅବିନାଶ ରାଉତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ତୁଲାଉଥିଲେ।



ଅଭିଯୋଗ ଶୁଣାଣି

ପ୍ରତ୍ୟୁଷାଙ୍କ ଚିକିତ୍ସା ଲାଗି ୫ ଲକ୍ଷ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୨ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଷ୍ଟମ ପାଳି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାର ହେରମ୍ବ ଗିରି ତାଙ୍କ ୭ ବର୍ଷର ଝିଅ ପ୍ରତ୍ୟୁଷା ଗିରିଙ୍କୁ ନେଇ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ। ଝିଅଟି ଜେରୋଡର୍ମା ନାମକ ଏକ ଜଟିଳ ରୋଗରେ ପୀଡ଼ିତ। ଏହାର ଚିକିତ୍ସା ବ୍ୟୟସାପେକ୍ଷ। ଗତ ଡିସେମ୍ବର ୩୦ରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଆସି ଦେଖା କରିଥିଲେ। ମୁଖ୍ୟମନ୍ତ୍ରୀ ପିଲାଟିର ଅବସ୍ଥା ଦେଖି ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍‌ପିଟାଲ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କଟକ ବଡ଼ ମେଡିକାଲକୁ ପଠାଇ ତାଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ। ମାସେ ଚିକିତ୍ସିତ ହୋଇ ଫେରିବା ପରେ ସେ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କୁ ଆସି ସହାୟତା ପାଇଁ ଦେଖାକଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ଚିକିତ୍ସା ବାବଦକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ତ୍ୱରିତ ସହାୟତା ଅନୁମୋଦନ କରି ତୁରନ୍ତ ଯୋଗାଇ ଦେବାକୁ ବ୍ୟବସ୍ଥା କରିଥିଲେ। ଏହାସହ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୋଟିଏ ଘର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ବଲାଙ୍ଗୀରର ରତନ କାଲଶେ ତାଙ୍କ ୧୬ ବର୍ଷର ଭିନ୍ନକ୍ଷମ ପୁଅ ଆଲୋକ କାଲଶେଙ୍କୁ ସାଙ୍ଗରେ ନେଇ ଆସିଥିଲେ। ଯୁବକ ବସି, ଚାଲିବୁଲି ପାରୁନାହାନ୍ତି। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ସିଏମ୍‌ଆର୍‌ଏଫ୍‌ରୁ ସହାୟତା ପ୍ରଦାନ କରିବା ପାଇଁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ପହଞ୍ଚିବା ପରେ ବାହାରେ ଚେୟାରରେ ବସିଥିବା ପ୍ରାୟ ୩୦ ଜଣ ଭିନ୍ନକ୍ଷମଙ୍କୁ ଭେଟିଥିଲେ। ସେମାନଙ୍କ ସମସ୍ୟା ଅଭିଯୋଗକୁ ଗୋଟିଏ ଗୋଟିଏ କରି ଶୁଣିବା ପରେ ପାଖରେ ଥିବା ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଅଭିଯୋଗପତ୍ର ଧରାଇ ସମାଧାନ କିପରି ହେବ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ୧୦୦୦ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ କରିଥିଲେ। ମୁଖ୍ୟମନ୍ତ୍ରୀ,

■ ୮୦୩୧ ଅଭିଯୋଗ ପତ୍ରରୁ ୬୫୪୫ଟି ସମାଧାନ କରାଯାଇଛି

ତାଙ୍କ ସହଯୋଗୀ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ସମସ୍ତଙ୍କ ଅଭିଯୋଗକୁ ଗୁରୁତ୍ୱଦେଇ ଶୁଣୁଛନ୍ତି। ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ପ୍ରକୋଷ୍ଠରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ନ୍ୟାୟ ଦେବାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଫଳତା ହାସଲ କରିଛି। ଗତବର୍ଷ ଜୁଲାଇରୁ ଆରମ୍ଭ ହୋଇଥିବା ପ୍ରଥମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରୁ ୭ମ ପାଳି ସୁଦ୍ଧା ୮୧ ପ୍ରତିଶତ ମାମଲାର ସମାଧାନ ହୋଇଛି। ଗତ ୭ଟି ପାଳି ସୁଦ୍ଧା ସମୁଦାୟ ୮୦୩୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୬୫୪୫ଟି ଅଭିଯୋଗର ସମାଧାନ କରାଯାଇଛି। ପ୍ରଥମ ପାଳିରେ ୯୦% ଅଭିଯୋଗର ସମାଧାନ ହୋଇଥିଲା ବେଳେ ୨ୟ ପାଳିରେ ୮୮%, ୩ୟ ପାଳିରେ ୮୬%, ୪ର୍ଥ ପାଳିରେ ୮୪%, ୫ମ ପାଳିରେ ୮୩%, ୬ଷ୍ଠ ପାଳିରେ ୫୪% ଏବଂ ୭ମ ପାଳିରେ ୪୭% ଅଭିଯୋଗର ସମାଧାନ କରାଯାଇଛି। ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି। ସରକାରଙ୍କ ପାଖକୁ ଯେଉଁ ଆଶା ଭରସା ନେଇ ଲୋକମାନେ ଆସୁଛନ୍ତି ଆମେ ସେମାନଙ୍କୁ କେବେ ନିରାଶ କରିବୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି, ହଇରାଣ ଓ ଖର୍ଚ୍ଚାନ୍ତ ହୋଇ ଏଠାକୁ ନ ଆସି ଜିଲାପାଳମାନଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଥମେ ଅଭିଯୋଗ ଜଣାନ୍ତୁ। ସେଠାରେ ମଧ୍ୟ ସମାଧାନ ହେଉଛି। ଜଟିଳ ସମସ୍ୟା ହେଲେ ଜିଲାପାଳଙ୍କ ଅନୁମୋଦନକ୍ରମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଏବଂ ଅନ୍ୟ ବିଭାଗଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ମାଲକାନଗିରିର ପୂର୍ବତନ ଜିଲାପାଳଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ

ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ମୃତ୍ୟୁ ପାଗଲା

ମାଲକାନଗିରି,୩।୨ (ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ନିଖୋଜ ଏବଂ ମୃତ୍ୟୁ ଘଟଣାର ଶୁଣାଣି କରି ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟ ସୋମବାର ଅଗ୍ରୱାଲଙ୍କ ବିରୋଧରେ ଜାମିନ ବିହୀନ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ଅଗ୍ରୱାଲଙ୍କ ସମେତ ଅନ୍ୟ ୩ଜଣଙ୍କ ବିରୋଧରେ ମଧ୍ୟ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଛି। ସେମାନେ ହେଲେ ଅବସରପ୍ରାପ୍ତ ଓଆର୍‌ଏସ୍ ଅଧିକାରୀ ଭଗବତ ପାଣିଗ୍ରାହୀ, ଡାଟା ଏଣ୍ଟ୍ରି ଅପରେଟର ବେଣୁ ଏବଂ ଷ୍ଟେନୋ ପ୍ରକାଶ ଚନ୍ଦ୍ର ସ୍ୱାଇଁ। ବାରମ୍ବାର ନୋଟିସ୍ ସତ୍ତ୍ୱେ ଅଦାଲତରେ ହାଜର ନ ହେବାରୁ ଏହି ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୨୭ରେ ତତ୍‌କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ନିଖୋଜ ହୋଇଯାଇଥିଲେ। ତା'ପରଦିନ ଅର୍ଥାତ୍ ଡିସେମ୍ବର ୨୮ରେ ମାଲକାନଗିରି ସଦରମହକୁମା ନିକଟସ୍ଥ ସତୀଗୁଡ଼ା ଜଳଭଣ୍ଡାରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ତାଙ୍କ ମୃତ୍ୟୁ ପଛରେ ତତ୍କାଳୀନ ଜିଲାପାଳ ଅଗ୍ରୱାଲ ଏବଂ ଆଉ ୩ଜଣ ସମ୍ପୃକ୍ତ ବୋଲି ମୃତ ଦେବନାରାୟଣଙ୍କ ସ୍ତ୍ରୀ ବନଜା ପଣ୍ଡା ଏକ ମାମଲା ଦାୟର କରିଥିଲେ। ଏହି ମାମଲା ଗତ ୫ ବର୍ଷ ଧରି ମାଲକାନଗିରି ନ୍ୟାୟାଳୟରେ ଚାଲିଥିଲା। ପରବର୍ତ୍ତୀ ସମୟରେ ଏହି କେସ୍ କଟକ ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର ହୋଇଥିଲା। ସେଠାରେ ଏସ୍‌ଡିଜେଏମ୍ କୋର୍ଟରେ ଚାଲିଛି। କୌଣସି ଫଇସଲା ନ ହେବା ପରେ ପୁନର୍ବାର ଏହି ମାମଲା ମାଲକାନଗିରି

ବ୍ରାଣ୍ଡେଡ୍ ପୋଷାକ ଓ ଜୋତା
କେବଳ ୧୨ ଘଣ୍ଟା ପାଇଁ ୮୦% ପର୍ଯ୍ୟନ୍ତ ରିହାତିରେ ଉପଲବ୍ଧ
ଦ କ୍ରାଉନ୍ ହୋଟେଲ, ଭୁବନେଶ୍ୱରଠାରେ

ଅଗ୍ରଣୀ ବ୍ରାଣ୍ଡର ଗାର୍ମେଣ୍ଟ କମ୍ପାନୀ ନିଜର ପୋଷାକ ଓ ନାମୀଦାମୀ ଅନ୍ତର୍ଜାତୀୟ ବ୍ରାଣ୍ଡର ଜୋତାଗୁଡ଼ିକୁ ମାତ୍ର ୧୨ ଘଣ୍ଟା ପାଇଁ ଓଡ଼ିଶାରେ ୮୦% ପର୍ଯ୍ୟନ୍ତ ରିହାତି ସହିତ ବିକ୍ରି କରିବା ଲାଗି ନିଷ୍ପତ୍ତି ନେଇଛି । ବିଗତ ୬ ମାସରେ ଦେଖାଦେଇଥିବା ବିଶାଳ ମାନ୍ଦାବସ୍ଥା କାରଣରୁ ବିଶ୍ୱବ୍ୟାପୀ କମ୍ପାନୀର ଷ୍ଟୋରଗୁଡ଼ିକ ବନ୍ଦ ହୋଇଯାଇଛି । ବର୍ତ୍ତମାନ, ୨୦୨୫ର ନୂତନ ବକ୍ସ ପ୍ୟାକ୍ ବ୍ରାଣ୍ଡେଡ୍ କଲେକ୍ସନକୁ ପ୍ରଥମଥର ପାଇଁ ୮୦% ପର୍ଯ୍ୟନ୍ତ ରିହାତି ସହିତ ଭୁବନେଶ୍ୱରଠାରେ ଦ କ୍ରାଉନ୍ ହୋଟେଲ, ନୟାପଲ୍ଲୀକୁ ବିକ୍ରି ପାଇଁ ଅଣାଯାଇଛି ।

ଅଗ୍ରଣୀ ବ୍ରାଣ୍ଡର ପୁରୁଷ, ମହିଳା ଓ ପିଲାଙ୍କ ପୋଷାକ ଟ.୩୦୦/-ରୁ ୧୫୦୦/-ରେ ବିକ୍ରି ହେଉଛି । ଅବିଶ୍ୱସନୀୟ ମୂଲ୍ୟରେ ବ୍ରାଣ୍ଡେଡ୍ ପୋଷାକ କିଣିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ଉକ୍ତ ସେଲ୍‌ରେ ୫୦ଟି କାଉଣ୍ଟରରେ ୩୦,୦୦୦ରୁ ଅଧିକ ଗାର୍ମେଣ୍ଟର ପ୍ରଦର୍ଶନ ସମେତ, ବିଭିନ୍ନ ବ୍ରାଣ୍ଡ ଓ ଅନେକ ଭେରାଇଟିର ପୁରୁଷଙ୍କ ଜୋତା ୮୦୦/-ରୁ ୧୮୦୦/- ମଧ୍ୟରେ ଉପଲବ୍ଧ ହେଉଛି । ଏହି ସେଲ୍ ଦ କ୍ରାଉନ୍ ହୋଟେଲ, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା- ୭୫୧୦୧୫ଠାରେ ଅନୁଷ୍ଠିତ ହେଉଛି । ଏହି ସେଲ୍ ମାତ୍ର ୧୨ ଘଣ୍ଟା ପାଇଁ । ସକାଳ ୧୦ଟାରୁ ରାତି ୧୦ଟା । ସେଲ୍‌ରେ ମାଗଣା ପ୍ରବେଶ ଓ ପାର୍କିଂ ଉପଲବ୍ଧ । ସମସ୍ତ କାର୍ଡ ଓ ଡିଜିଟାଲ ଦେୟ ଗ୍ରହଣ କରାଯିବ ।
Advertisement

ପଶ୍ଚିମ ଓଡ଼ିଶାରେ ତାତି, ଉପକୂଳରେ ଘନ କୁହୁଡ଼ି

ଭୁବନେଶ୍ୱର,୩।୨ (ଅନୁରାଧା ମହାରଣା)

ଏବେ ରାତିରେ କୁହୁଡ଼ି ଓ ଦିନରେ ଖରା ହେଉଛି। ସୋମବାର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିବାବେଳେ ପୁଣି ପାରଳାଖେମୁଣ୍ଡିରେ ୩୬.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀର ୩୬ ଡିଗ୍ରୀ, ଝାରସୁଗୁଡା ୩୫.୬, ସୁନ୍ଦରଗଡ଼ ୩୫.୪ ଓ ସମ୍ବଲପୁରରେ ତାପମାତ୍ରା ୩୫.୨ ଡିଗ୍ରୀ ସେଲସିୟସ୍ ରହିଥିଲା। ଅନ୍ୟପଟେ ଗତ ୨୧ ତାରିଖରୁ ଉପକୂଳ ଓଡ଼ିଶାରେ ଘନକୁହୁଡି ହେଉଛି। ମୁଖ୍ୟତଃ ବଙ୍ଗୋପସାଗର ଅଞ୍ଚଳରେ ଗୁରୁଚାପ ବଳୟ ଯୋଗୁ କୁହୁଡି ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହେଉଛି। ସୋମବାର ବାଲେଶ୍ୱର, ଖୋର୍ଦ୍ଧା, ଅନୁଗୋଳ ଜିଲାରେ ଘନକୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଆସନ୍ତା ୨ ଦିନ ମଧ୍ୟ ବିଭିନ୍ନ ସ୍ଥାନରେ ଘନକୁହୁଡ଼ି ହେବ। ଏନେଇ ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ ଓ ଗଞ୍ଜାମ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

LAND FOR SALE

Berhampur National Highway side more than 4 (Four) Acres of Patta Land (20 Bharana) in Prime Location with a Frontage of 500ft (Approx) with Boundarywall & Shed of nearly 15000 Sqfeet at Bhaligarh Mouza, Berhampur.

For Sale Contact 7377061717



ନିଯୁକ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ

କଟକ,୩।୨ (କାର୍ତ୍ତିକ ସାହୁ)

ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଗଲା

■ ଚୟନ ପ୍ରକ୍ରିୟା ଚାଲୁରହିବ

■ ସ୍ୱାସ୍ଥ୍ୟ ସଚିବ, ଓଏସ୍‌ଏସ୍‌ଏସ୍‌ସି ଆୟୁକ୍ତଙ୍କୁ ନୋଟିସ

ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ନେଇ ରୁଜୁ ମାମଲାରେ ହାଇକୋର୍ଟ ନିଯୁକ୍ତି ଉପରେ ସୋମବାର ରହିତାଦେଶ ଜାରି କରିଛନ୍ତି। ନିଯୁକ୍ତି ପ୍ରକ୍ରିୟା କରୁଥିବା ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଚୟନ ପ୍ରକ୍ରିୟା ଜାରି ରଖିବ। ମାତ୍ର ହାଇକୋର୍ଟଙ୍କ ଅନୁମତି ବିନା ନିଯୁକ୍ତି କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର ମାମଲାର ଶୁଣାଣି କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏବଂ ଓଏସ୍‌ଏସ୍‌ଏସ୍‌ସି ଆୟୁକ୍ତଙ୍କୁ ନୋଟିସ ଜାରି କରିଛନ୍ତି। ମାର୍ଚ୍ଚ ତୃତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ୨୭୫୩ଟି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ପଦବୀରେ ନିଯୁକ୍ତି ନିମନ୍ତେ ୨୦୨୩ ଏପ୍ରିଲ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ' ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଯୋଗେ ଆବେଦନ ସମୟସୀମା ରହିଥିଲା। ବିଜ୍ଞପ୍ତି ଅନୁଯାୟୀ ନିଯୁକ୍ତି ନିମନ୍ତେ ଲିଖିତ ପରୀକ୍ଷାରେ ୧୦୦ ନମ୍ବର ବିକଳ୍ପ ଉତ୍ତର ମୂଳକ ପ୍ରଶ୍ନ ରହିଥିଲା। ପରୀକ୍ଷାର ସମୟ ଦୁଇ ଘଣ୍ଟା ଧାର୍ଯ୍ୟ ହୋଇଥିଲା। ଏଥିସହ ପ୍ରତି ଭୁଲ୍ ଉତ୍ତରରେ ୦.୨୫% ନମ୍ବର କଟିବା ବ୍ୟବସ୍ଥା ରହିଥିଲା। ପରୀକ୍ଷା ଶେଷହେବା ପରେ ୨୦୨୩ ଡିସେମ୍ବର ୭ରେ ଓଏସ୍‌ଏସ୍‌ଏସ୍‌ସି ଏକ ନୋଟିସ ଜାରି କରିବା ସହ ଉତ୍ତର ସିଟ ପ୍ରକାଶ କରିଥିଲା। ଏହାର ଦୁଇମାସ ପରେ ଅର୍ଥାତ୍ ୨୦୨୪ ଫେବୃଆରୀ ୫ରେ ଓଏସ୍‌ଏସ୍‌ଏସ୍‌ସି ପ୍ରକାଶ କରିଥିବା ଉତ୍ତର ଖାତାର ତ୍ରୁଟି ସଂଶୋଧନ କରିଥିଲା। ସେଥିରେ ୨୧ଟି ପ୍ରଶ୍ନର ଉତ୍ତରରେ ତ୍ରୁଟି ରହିଥିଲା ବୋଲି ଦର୍ଶାଯାଇଥିଲା। ସେଥିମଧ୍ୟରୁ ୧୩ଟି ପ୍ରଶ୍ନର ସଂଶୋଧିତ ଉତ୍ତର ପ୍ରକାଶ କରାଯାଇଥିବାବେଳେ ୮ଟି ପ୍ରଶ୍ନର ଉତ୍ତର ପ୍ରକାଶ ପାଇ ନ ଥିଲା। ଅପରପକ୍ଷରେ ଗ୍ରେସ୍ ମାର୍କ ଆଧାରରେ ନିଯୁକ୍ତି ଦେବା ଲାଗି ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ସ୍ଥିର କରାଯାଇଥିଲା। ମାତ୍ର ଏହାଦ୍ୱାରା ବହୁ ମେଧାବୀ ଆଶାୟୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେବେ। ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି ଥିବା ଅଭିଯୋଗ ଆଣି ଗଙ୍ଗାମଣି ଜେନା ଓ ଅନ୍

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ରାଜ ଭବନ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା ।
- ଅଲ୍ ଓଡ଼ିଶା ବିଇଓ ଲେଭଲ ମିସ୍ ଆଣ୍ଡ ଆକାଉଟାଣ୍ଟ ମିଳିତ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ସଂଘ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୦ଟା ।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ରାଜମହଲ ଛକ, ସମୟ: ୧୦ଟା ୩୦ ।
- ଆଦିକବି ସାରଳା ଦାସ ବିକାଶ ପରିଷଦ ପକ୍ଷରୁ ଆଦିକବି ତିରୋଧାନ ଦିବସରେ ଆଲୋଚନା ଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସ୍ୱରବର୍ଣ୍ଣର ଗୁରୁପ୍ରସାଦ ମହାନ୍ତି କବିତା ଆସର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀଶ୍ରୀ ତ୍ରିନାଥ ଦେବଙ୍କ ୨୩ତମ ବାର୍ଷିକୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କ୍ୟାପିଟାଲ ହାଟ, ୟୁନିଟ୍-୧, ସମୟ: ଅପରାହ୍ନ ୨ଟା ।
- ଆଦିକବି ସାରଳା ଦାସ ଓ ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ଓ ସଙ୍ଗୀତ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ।
- ୨୯ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ ପରିସର, ଭିଙ୍ଗାରପୁର, ସମୟ: ରାତି ୭ଟା ୩୦ ।

କଟକ

- ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ଜାତୀୟ ତ୍ୟାଗ ଦିବସ, ସ୍ଥାନ: ଗୋରାକବର, ସମୟ: ସକାଳ ୭ଟା ୧୫ ।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପ୍ରୟାଣ ଦିବସରେ ଜିଲାପାଳଙ୍କ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ମଧୁବାବୁଙ୍କ ସମାଧି ପୀଠ, ଗୋରାକବର, ସମୟ: ସକାଳ ୯ଟା ୩୦ ।
- ରେଭେନ୍‌ଶା ବାଳିକା ବିଦ୍ୟାଳୟ ପକ୍ଷରୁ ମଧୁସ୍ମୃତି ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ଚୌଧୁରୀବଜାର, ସମୟ: ପୂର୍ବାହ୍ନ ୧୦ଟା ।
- ଏସ୍‌ସିବି ଦନ୍ତ ଚିକିତ୍ସା ବିଭାଗ ପକ୍ଷରୁ ଭେଲିଡେଟାରୀ କାର୍ଯ୍ୟକ୍ରମ, ସ୍ଥାନ: ଏସ୍‌ସିବି ନୂତନ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା ।
- ଲାଇଫ କ୍ୟାମ୍ପର ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ କର୍କ ଦିବସ ପାଳନ, ସ୍ଥାନ: ହୋଟେଲ ବିଶାଳ ଇନ୍, ବାଦାମବାଡ଼ି, ସମୟ: ସନ୍ଧ୍ୟା ୬ଟା ।

ପୁରୀ

- ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ବାଇପାସ ରୋଡ, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀଗୁଣ୍ଡିଚା ଆଧାମିକ ଟ୍ରଷ୍ଟ ପକ୍ଷରୁ ଜାତୀୟ ବିଶେଷାଙ୍କ ଲୋକାର୍ପଣ ଉତ୍ସବ, ସ୍ଥାନ: ରାଣୀ ସତୀ ଭବନ, ସମୟ: ସନ୍ଧ୍ୟା ୬ଟା ।

ଖୋର୍ଦ୍ଧା

- ଗତିଶ୍ୱର ମହାଦେବଙ୍କ ପୀଠରେ ୪୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ମନ୍ଦିର ପରିସର, ଛଣଘର-କୁସୁମାଟି ଗ୍ରାମ, ଜଟଣୀ, ସମୟ: ସକାଳ ୬ଟା ।
- ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଡ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।
- ମା'ବାରଡ଼ଙ୍ଗାଙ୍କ ଦଶମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମନ୍ଦିର ପରିସର, ଷଣ୍ଢପୁର ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୬ଟା ।
- ଗେଡ଼ିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଗେଡ଼ିଆପଲ୍ଲୀ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦ ।

ବାଲେଶ୍ୱର

- ଉତ୍ସବ ଉତ୍ତର ଓଡ଼ିଶାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ।
- ଜଳେଶ୍ୱର ମହୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍ ପଡ଼ିଆ, ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା ।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ।

ଭଦ୍ରକ

- ଆଙ୍କୁଡ଼େଶ୍ୱରୀ ମନ୍ଦିରରେ ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୯ଟା ।
- ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାରାପୁର ଡିଗ୍ରୀ କଲେଜର ବାର୍ଷିକୋତ୍ସବ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ନିତ୍ୟାନନ୍ଦ ସ୍ମାରକୀ ପାଠାଗାର ଉଦ୍‌ଘାଟନ, ସ୍ଥାନ: ଧାମନଗର ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା ।
- ଅର୍ଜୁନ ପଲ୍ଲିଶ୍ରୀ ମେଳାର ୯ମ ସନ୍ଧ୍ୟା, ସ୍ଥାନ: ଓଡ଼ଙ୍ଗ, ବନ୍ତ, ସମୟ: ସନ୍ଧ୍ୟା ୬ଟା ।

କେନ୍ଦୁଝର

- ଗ୍ରାମଦେବତୀ ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଗୁହାଳଗଡ଼ିଆ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା ।
- ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନସିରପୁର, ହାଟଡ଼ିହୀ, ସମୟ: ସକାଳ ୭ଟା ।
- ସ୍ମୃତି ଚାରଣ ସଭା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କାନପୁର, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା ।

ମୟୂରଭଞ୍ଜ

- ସରସ୍ୱତୀ ସଙ୍କୀର୍ତ୍ତନ କମିଟି ପକ୍ଷରୁ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରର ଦଧିନଉତି ସ୍ଥାପନ, ସ୍ଥାନ: ମୁରୁଣିଆ, ସାରସକଣା, ସମୟ: ସକାଳ ୯ଟା ।
- ଶ୍ରୀ ଶ୍ରୀ ଭଗବତଜୀଉ ମନ୍ଦିରର ଏକାଦଶ ବାର୍ଷିକ ଶ୍ରୀମଦ ଭାଗବତ ପୋଥିପାଠ ଉତ୍ସବର ଘଟୋଦ୍ଭଳନ, ସ୍ଥାନ: ମାଳିହାତୀ, ମାଣତ୍ରୀ, ବଡ଼ସାହି, ସମୟ: ସକାଳ ୯ଟା ।
- ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ମୋରଡ଼ା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ।

ବ୍ରହ୍ମପୁର

- କର୍କଟ ଦିବସରେ କ୍ରାନ୍ତି ଅନୁଷ୍ଠାନର ଓ୍ୱାକାଥନ, ସ୍ଥାନ: ସରକାରୀ ଆଇଟିଆଇ ଖେଳପଡିଆ, ସମୟ: ସକାଳ ୮ଟା ।
- ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୯ଟା ।

ଗଞ୍ଜାମ

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଦିଗପହଣ୍ଡି, ସମୟ: ସକାଳ ୮ ଟା ।
- ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର, ସ୍ଥାନ: ଆସିକା ବ୍ଲକ ଦେବଭୂମି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ଦିଗପହଣ୍ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ : ବିଦ୍ୟାଳୟ ସଭା ମଣ୍ଡପ, ସମୟ : ପୂର୍ବାହ୍ନ ୧୧ ଟା ।

କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କ. ନୂଆଗାଁ ବ୍ଲକ ଗୁଞ୍ଜିବାଡ଼ି ପଞ୍ଚାୟତ ଧରମପୁର, ସମୟ: ସକାଳ ୯ଟା ।

ଢେଙ୍କାନାଳ

- ମାଘ ସପ୍ତମୀ ଅବସରରେ ଉତରାୟଣୀ ଗଙ୍ଗା ତଟରେ ମହା ଅଲଭ୍ୟ ବାରୁଣୀ ବୁଡ଼, ସ୍ଥାନ: ନଗନାଥେଶ୍ୱର ବ୍ରାହ୍ମଣୀ ନଦୀ ଘାଟ, ବଡ଼ନାଗେନା, ସମୟ: ସକାଳ ସାଢେ ୮ଟା ।

ଜଗତ୍‌ସିଂହପୁର

- ବସ୍ତିବାସିନ୍ଦା ସୁରକ୍ଷା ପରିଷଦ ପକ୍ଷରୁ ପିଏଚଏଲ୍ ଗେଟ ଆଗରେ ବିକ୍ଷୋଭ, ସ୍ଥାନ: ରଙ୍ଗିଆଗଡ ପିଏଚଏଲ୍ ଫାଟକ ପାଖ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ।
- ନବ ଜଗନ୍ନାଥ ମନ୍ଦିରରେ ବିଗ୍ରହ ସ୍ଥାପନା କାର୍ଯ୍ୟକ୍ରମ, ସ୍ଥାନ: ଉଦୟବଟ ଧାମ, ଦୋଛକି, ପାରାଦୀପ, ସମୟ: ଅପରାହ୍ନ ୩ ଟା ।

କେନ୍ଦ୍ରାପଡ଼ା

- ବ୍ଲକସ୍ତରୀୟ କର୍ମନିଯୁକ୍ତି ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା ।

ଯାଜପୁର

- ଯଖପୁରା ଶ୍ରୀ ଜଗନ୍ନାଥ ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ, ସ୍ଥାନ : ମନ୍ଦିର ପରିସର, ସମୟ : ଅପରାହ୍ନ ୧ଟା ।
- ସୁକିନ୍ଦା ଶିଳ୍ପ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଦାନଗଦି ମହାପାଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।
- ଯାଜପୁର ଏକ୍ସପ୍ରେସର ଶୁଭ ଉଦଘାଟନ, ସ୍ଥାନ : ଯାଜପୁର ରୋଡ଼ ବ୍ୟାସବିହାର କଲୋନୀ, ସମୟ : ପୂର୍ବାହ୍ନ ୧୦ଟା ।

ନୟାଗଡ଼

- ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୩ୟ ଦିବସରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୪ଟା ।
- ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୩ୟ ଦିବସରେ ସାଧାରଣ ସଭା, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।

ନବରଙ୍ଗପୁର

- ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ସକାଳ ୯ଟା ।
- ଲମତାଗୁଡ଼ା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ମେଳା, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ କହ୍ନେଇମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଶିଶୁ ସୁରକ୍ଷା ସଚେତନତା ଶିବିର, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

କୋରାପୁଟ

- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଉପଜିଲାପାଳଙ୍କ ବାସଭବନ ନିକଟ ପାର୍କ, ସମୟ: ସକାଳ ୯ଟା ୩୦ ।
- ଜିଲାରେ ସ୍ୱତନ୍ତ୍ର ସୌର ଗ୍ରାମ ସୃଷ୍ଟି ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା ।
- ଟିବି ନିରାକରଣ ନେଇ ୧୦୦ ଦିନିଆ କାର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ ଟା ।

ସମ୍ବଲପୁର

- ସାଥୀ ଚାରିଟେବୁଲ ଟ୍ରଷ୍ଟର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା ।
- ଭାରତ ବିକାଶ ପରିଷଦ ଆୟୋଜିତ ସ୍ୱଦେଶୀ ସ୍ୱାବଲମ୍ବୀ ଭାରତ କାର୍ଯ୍ୟକ୍ରମ, ସ୍ଥାନ: କୁଞ୍ଜେଲପଡା ନିକଟସ୍ଥ ସଂସ୍କୃତି ଭବନ, ସମୟ: ଅପରାହ୍ନ ୫ଟା ୩୦ ।
- ସାହିତ୍ୟ ଅନୁଷ୍ଠାନ ଅନ୍ୟା ଆୟୋଜିତ ସ୍ମୃତିରେ ସୁଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

ରାଉରକେଲା

- ଆର୍‌ଏସ୍‌ପି ପ୍ରାୟୋଜିତ ସ୍ପର୍ଦ୍ଧା-୨୦୨୫ କ୍ରୀଡ଼ା ପ୍ରତିଯୋଗିତାର ୩ୟ ଦିବସ, ସ୍ଥାନ: ଆର୍‌ଏସ୍‌ପି ଟ୍ରେନିଜ ହଷ୍ଟେଲ, ସମୟ: ସକାଳ ୯ଟା ।
- ୩୦ତମ ପୁସ୍ତକ ମେଳାର ଚତୁର୍ଥ ଦିବସରେ ସାହିତ୍ୟ ସଭା, ସ୍ଥାନ: ଭଞ୍ଜ ଭବନ ପଡିଆ, ରାଉରକେଲା, ସମୟ: ଅପରାହ୍ନ ୪ଟା ।
- ସାହିତ୍ୟ ଆଲୋଚନା ଓ କବିତା ପାଠ ଉତ୍ସବ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସେକ୍ଟର-୫ ସମୟ: ସନ୍ଧ୍ୟା ୬ଟା ।

ସୁନ୍ଦରଗଡ଼

- ବଡ଼ଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନିପୁଣ ମେଳା, ସ୍ଥାନ:ବାଳିକା ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ।
- ଶ୍ରୀଅନ୍ନ ଏବଂ ରବି ଫସଲ ପରିଚାଳନା ସମ୍ବନ୍ଧୀୟ ୪ଦିବସୀୟ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ସମ୍ପ୍ରସାରଣ ଉପକେନ୍ଦ୍ର, କିରେଇ, ସମୟ: ପୂର୍ବାହ୍ନ୧୦ଟା ।

ବରଗଡ଼

- ମା' ଗ୍ରାମଦେବୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ଭାଲୁପାଲି(ରୁଣ୍ଡୁଡ଼ା), ଭେଡ଼େନ,ସମୟ: ସକାଳ ୮ଟା ।
- ଜିଲା ଯୁବ କଂଗ୍ରେସର ଆନ୍ଦୋଳନ, ସ୍ଥାନ: ଏସ୍‌ପି ଅଫିସ୍, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ଭୁର୍ଣ୍ଣୁଣ୍ଡପାଟ୍ ମନ୍ଦିର ପ୍ରତିଷ୍ଠାରେ ପାରାୟଣ, ସ୍ଥାନ: ଡାଙ୍ଗ(ପଧାନଟିକ୍ରା), ବରଗଡ଼, ସମୟ: ଅପରାହ୍ନ ୩ଟା ।

କଳାହାଣ୍ଡି

- ଜିଲାପାଳଙ୍କ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ଜୁନାଗଡ଼ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ହାଇସ୍କୁଲ ପଡିଆ ଜୁନାଗଡ଼, ସମୟ: ଅପରାହ୍ନ ୪ଟା ।

ଦେବଗଡ଼

- ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳାର ଚତୁର୍ଥ ଦିବସ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରୋଡ, ଦେବଗଡ଼, ସମୟ: ଅପରାହ୍ନ ୫ଟା ।
- ଉତ୍ସବ ପ୍ରଧାନପାଟ-୨୦୨୫ର ଚତୁର୍ଥ ଦିବସ ଓ ସାଧାରଣ ସଭା, ସ୍ଥାନ: ବଡ଼ ବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।
- ଉତ୍ସବ ପ୍ରଧାନପାଟ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା ।

ସୁବର୍ଣ୍ଣପୁର

- ୧୬ ତମ ମା' ଉମଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: କଦୋଦର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଜାତୀୟ କୃମି ନାଶକ ଦିବସ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରଶିକ୍ଷଣ କକ୍ଷ, ସମୟ: ଅପରାହ୍ନ ୪ଟା ।

ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ ବସ୍ତିପଡ଼ା, ସମୟ: ଅପରାହ୍ନ ୩ଟା ୨୫ ।
- ଖଡିଆଳ ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡ଼ିଆ, ସମୟ: ରାତ୍ର ୮ଟା ।
- ମହୋତ୍ସବ ଉପଲକ୍ଷେ କବିତା ପାଠୋତ୍ସବ, ସ୍ଥାନ: ସାଂସ୍କୃତିକ ଅନୁଷ୍ଠାନ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା ।

ଝାରସୁଗୁଡ଼ା

- ତିଳସପ୍ତମୀ ଉପଲକ୍ଷେ ତିନି ବିଗ୍ରହଙ୍କ ସ୍ନାନ କାର୍ଯ୍ୟକ୍ରମ, ସ୍ଥାନ: କୁଜୁରଜଙ୍ଘା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା ।
- ରବି ମହାଗ୍ରହଙ୍କ ଜୟନ୍ତୀ ଉପଲକ୍ଷେ ପୂଜା ଓ ହୋମ, ସ୍ଥାନ: ପୂଝାରୀପାଳି ହନୁମାନ ମନ୍ଦିର, ସମୟ: ସକାଳ ୮ଟା ।
- ବୀର ସୁରେନ୍ଦ୍ର ସାଏ ଜୟନ୍ତୀ କୁଇଜ ପ୍ରତିଯୋଗୀତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ, ସ୍ଥାନ: ଭିକମପାଲି କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀମଦ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ, ସ୍ଥାନ: ହିର୍ମା, ସମୟ: ଅପରାହ୍ନ ୪ଟା ।



ପ୍ରଥମ ପୃଷ୍ଠାରୁ...

ଲୋକ ସଭାରେ...

ସରକାର ଦଳାଚକଟା ମୃତ୍ୟୁର ପ୍ରକୃତ ସଂଖ୍ୟା ଜଣାନ୍ତୁ ବୋଲି ଜୟା ଦାବି କରିଛନ୍ତି। ଅମୃତ ସ୍ନାନ ପାଇଁ ମହାକୁମ୍ଭରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ପୂର୍ବରୁ ଆଶା କରାଯାଉଥିଲା। ଏହା ସତ୍ତ୍ୱେ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାର ଲୋକଙ୍କ ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ନ ଥିବା ବିରୋଧୀ ଦଳଗୁଡ଼ିକ କହିଛନ୍ତି। ମହାକୁମ୍ଭରେ ପ୍ରତି ଦିନ ଲକ୍ଷାଧିକ ଲୋକ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଉଛନ୍ତି। ବସନ୍ତ ପଞ୍ଚମୀ ଶାହୀ ସ୍ନାନରେ ମଧ୍ୟ ୩ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇବା ଆଶା କରାଯାଉଛି। ତେଣୁ ମହାକୁମ୍ଭରେ ଲୋକଙ୍କ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନାକୁ ପ୍ରାଥମିକତା ଦିଆଯିବା ଜରୁରୀ ବୋଲି ଦାବି କରି ବିରୋଧୀ ସଦସ୍ୟମାନେ ଏଥିପାଇଁ ନୋଟିସ୍ ଦେଇଥିଲେ ମଧ୍ୟ ଅଧ୍ୟକ୍ଷ ଏହାକୁ ଗ୍ରହଣ ନ କରିବାରୁ ସେମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

ବେଆଇନ ଭାବେ...

୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଗଜେନ୍ଦ୍ର ସିଂ ଖିନ୍ୱସର ବିଲ୍‌କୁ ଆଗତ କରିଥିବାବେଳେ ବଜେଟ ଅଧିବେଶନରେ ଆଲୋଚନା ପରେ ଗୃହୀତ ହେବ ବୋଲି କୁହାଯାଉଛି।

ମିଥ୍

ଏ ବର୍ଷର ବାର୍ତ୍ତା

ପ୍ରତିବର୍ଷ ବିଶ୍ୱ କ୍ୟାନ୍‌ସର ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ବାର୍ତ୍ତା ପ୍ରକାଶିତ ହୋଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ୟୁନାଇଟେଡ୍ ବାଏ ୟୁନିକ୍' ଅର୍ଥାତ୍, ଆମେ ଏକ ଭିନ୍ନ ଢଙ୍ଗରେ ଏକତ୍ରିତ ହୋଇ କ୍ୟାନ୍‌ସର ସହ ଲଢ଼ିବା। ଜନସାଧାରଣ ଏହାର କାରଣ ବିଷୟରେ ଭଲ ଭାବରେ ଅବଗତ ହେବା ନିହାତି ଦରକାର। ତେଣୁ ଏଥର ବିଶ୍ୱ କ୍ୟାନ୍‌ସର ଦିବସରେ ସମସ୍ତଙ୍କୁ ଏକାଠି ହେବାକୁ ଆହ୍ୱାନ ଦିଆଯାଇଛି। ଏହି ରୋଗ ଏବେ ଚିକିତ୍ସକଙ୍କ ପାଇଁ ଚିନ୍ତାର କାରଣ ସାଜିଛି। କାରଣ ଅନେକେ ଏହାର କାରଣ ବିଷୟରେ କେତେକାଂଶରେ ଅବଗତ ହୋଇ ମଧ୍ୟ ତାହାର ଚିକିତ୍ସା ଠିକ୍ ସମୟରେ କରାଇ ନ ଥାନ୍ତି। ଯେତେବେଳେ ଚିକିତ୍ସା ଆରମ୍ଭ କରନ୍ତି ସେତେବେଳକୁ କ୍ୟାନ୍‌ସର ଗୁରୁତର ଆକାର ଧାରଣ କରିସାରିଥାଏ। ଏହାଦ୍ୱାରା ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିବା ସହ ଅକାଳ ମୃତ୍ୟୁକୁ ସାମ୍ନା କରିବାକୁ ହୋଇଥାଏ।

ବର୍ତ୍ତମାନ ସମଗ୍ର ବିଶ୍ୱ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ କ୍ୟାନ୍‌ସର ବା କର୍କଟ ରୋଗ ଅନ୍ୟତମ। ଏହି ରୋଗର ଲକ୍ଷଣ ଜାଣିବା ମାତ୍ରେ ତୁରନ୍ତ ଚିକିତ୍ସା କରାଇ ନେବା ନିହାତି ଦରକାର। ଏବେ କ୍ୟାନ୍‌ସର ଚିକିତ୍ସା ପାଇଁ ଅନେକ ପ୍ରକାର ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଅନୁସରଣ କରାଯାଉଛି। କେବଳ ସେତିକି ନୁହେଁ, କେତେକ କ୍ୟାନ୍‌ସରକୁ ପ୍ରାରମ୍ଭରୁ ଚିହ୍ନଟକରି ସେଥିରୁ ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ ମିଳୁଛି। କ୍ୟାନ୍‌ସର ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୪ରେ 'ବିଶ୍ୱ କ୍ୟାନ୍‌ସର ଦିବସ' ପାଳନ କରାଯାଇଥାଏ।

କର୍କଟ ଯୋଦ୍ଧା ସଂଘମିତ୍ରା ପାଲଟିଛନ୍ତି ପ୍ରେରଣା

୧୪ ଥର ସର୍ଜରି ହୋଇଛି, ୩୨ କେମୋ ନେଇଛି

କଟକ,୩।୨ (ଶିଳ୍ପା ପ୍ରିୟଦର୍ଶିନୀ)

ଆଜି ବିଶ୍ୱ କର୍କଟ ଦିବସ। ଏହି ଦିବସକୁ କର୍କଟ ସହ ଲଢ଼େଇ କରୁଥିବା ଲୋକଙ୍କ ମଧ୍ୟରେ ଆଶା ଓ ଖୁସି ଭରିଦେବାକୁ ଉତ୍ସର୍ଗ କରାଯାଇଛି। କର୍କଟ ରୋଗ ଏହାର ନାମ ହିଁ ଅଧିକାଂଶ ରୋଗୀଙ୍କ ଶରୀର ଓ ମାନସିକତାକୁ ଗଭୀର ଭାବେ ପ୍ରଭାବିତ କରିଥାଏ। କିନ୍ତୁ ବିଶେଷଜ୍ଞଙ୍କ ମତରେ କର୍କଟ ରୋଗୀ ଚିକିତ୍ସା ସମୟରେ ଖୁସି ରହିବା ନିହାତି ଆବଶ୍ୟକ। କାନାଡ଼ାର ମେଲାଣ୍ଡି ରୋଜ୍ କର୍କଟରେ ପୀଡ଼ିତ ହେବା ପରେ ଡାକ୍ତର ତାଙ୍କୁ କିଛି ସପ୍ତାହ ବଞ୍ଚିବେ ବୋଲି କହିଥିଲେ। ହେଲେ ସେ ଜୀବନରେ ହାର୍ ମାନି ନ ଥିଲେ। ସେ ମନୋବଳ ଦୃଢ଼ କରି ଅନ୍ୟ କର୍କଟ ରୋଗୀଙ୍କୁ ସଚେତନ କରାଇବା ସହ ଖୁସିରେ ବଞ୍ଚିବାକୁ ପ୍ରେରଣା ଦେଉଥିଲେ। ଠିକ୍ ସେହିପରି ଓଡ଼ିଶାରେ ମଧ୍ୟ ବହୁ କର୍କଟ ଯୋଦ୍ଧା ଅଛନ୍ତି, ଯେଉଁମାନେ ନିଜେ ରୋଗ ସହ ଲଢ଼େଇ କରି ମଧ୍ୟ ଅନ୍ୟମାନଙ୍କ ମନରେ ଖୁସିର ଆଶା ଭରିଦେବାକୁ ଉଦ୍ୟମ ଚଳାଇଛନ୍ତି। ସେମିତି ଜଣେ ମହିଳା ହେଉଛନ୍ତି କଟକ ବେଲେଶ୍ୱରସ୍ଥିତ ନ୍ୟୁ କଲୋନୀ ଅଞ୍ଚଳର ସଂଘମିତ୍ରା ପଣ୍ଡା(୪୩)। ୨୦୧୫ରେ ଶରୀର ଅସୁସ୍ଥ ହେବାରୁ ସେ ପରୀକ୍ଷା କରାଇବା ପରେ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ଚିକିତ୍ସା କରାଇଥିଲେ। ହେଲେ ୨୦୨୨ରେ ତାଙ୍କ ଶରୀରରେ ରୋଗ ପୁଣି ଚିହ୍ନଟ ହେଲା ଏବଂ ଚତୁର୍ଥ ପର୍ଯ୍ୟାୟରେ ରୋଗ ପହଞ୍ଚିଲା। ତାଙ୍କ ଚିକିତ୍ସା ପାଇଁ ସ୍ୱାମୀ ମହେନ୍ଦ୍ର ନାଥ ପଣ୍ଡା ଚିନ୍ତାରେ ଥିଲେ। ମହେନ୍ଦ୍ର ଜଗତ୍‌ସିଂହପୁର ଜିଲାର ମୂଳବାସିନ୍ଦା। ସଂଘମିତ୍ରା ଓ ମହେନ୍ଦ୍ର ପ୍ରେମବିବାହ କରିଥିଲେ। କଟକରେ ଏଲ୍‌ଆଇସି ଏଜେଣ୍ଟ ଭାବେ ମହେନ୍ଦ୍ର କାମ କରୁଥିବାରୁ ଭଡ଼ାଘରେ ରହୁଥିଲେ। ହେଲେ କର୍କଟ ରୋଗରେ ପୀଡିତ ସଂଘମିତ୍ରାଙ୍କ ଶେଷ ଇଚ୍ଛା ଥିଲା କଟକରେ ଘର କରିବା। ତାଙ୍କ ଇଚ୍ଛା ପୂରଣ କରିବା ପାଇଁ ମହେନ୍ଦ୍ର ବ୍ୟାଙ୍କରୁ ଋଣ ନେଇ କଟକ ବେଲେଶ୍ୱର ଅଞ୍ଚଳରେ ଘର କଲେ। ହେଲେ ପରିବାର ଚଳାଇ ସଂଘମିତ୍ରାଙ୍କ ଚିକିତ୍ସା, ବ୍ୟାଙ୍କ ଋଣ ଶୁଝିବା ଓ ଦୁଇପୁଅଙ୍କ ପାଠପଢା ଖର୍ଚ୍ଚ ନେଇ ମହେନ୍ଦ୍ର ବେଶ୍ ଚିନ୍ତାରେ ପଡ଼ିଯାଇଥିଲେ। ବାପା ଏଭଳି ଚିନ୍ତାରେ ରହୁଥିବାରୁ ବଡ଼ପୁଅ ୟୁଟ୍ୟୁବ୍ ଭିଡିଓ କରି ରୋଜଗାର କରିବାକୁ ପ୍ରସ୍ତାବ ଦେଇଥିଲେ। ପରେ ସଂଘମିତ୍ରା ନିଜ ଚିକିତ୍ସା ଓ ସେ ସମୟର ଅନୁଭୂତି, ରୋଗୀ ଏବଂ ସାଧାରଣ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରେଇବା ଉଦ୍ଦେଶ୍ୟରେ ଭିଡିଓ କରିବାକୁ ଚିନ୍ତା କଲେ। ୟୁଟ୍ୟୁବ୍‌ରେ କ୍ୟାନ୍‌ସର ଜର୍ନି ନାମକ ଏକ ଚ୍ୟାନେଲ କରି ସେଥିରେ ନିଜ କର୍କଟ ରୋଗର କାହାଣୀ ବଖାଣିବା ସହ ଲୋକଙ୍କୁ ସଚେତନ କରିବା ଆରମ୍ଭ କରିଥିଲେ। ହେଲେ କର୍କଟ ସହ ଦଇବ ଯେପରି ତାଙ୍କ ଭାଗ୍ୟ ଉପରେ ଦାଉ ସାଧିଲା। ସଂଘମିତ୍ରାଙ୍କ ଚିକିତ୍ସା ଜାରି ରହିଥିବାବେଳେ ୨୦୨୩ରେ ହୃଦ୍‌ଘାତରେ ମହେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଶାଶୁଘର ବି ସଂଘମିତ୍ରାଙ୍କ ପାଇଁ ପର ହୋଇଗଲା। ଏବେ ସଂଘମିତ୍ରାଙ୍କ ପରିବାର କହିଲେ ମା' ବନଶ୍ରୀ ଦାଶ, ବାପା ବିଜୟ କୁମାର ଦାଶ, ବଡ଼ପୁଅ ରୁଦ୍ର ନାରାୟଣ ପଣ୍ଡା, ସାନପୁଅ ରୌପ୍ୟ ନାରାୟଣ ପଣ୍ଡା। ସ୍ୱାମୀଙ୍କ ମୃତ୍ୟୁ ପରେ ସଂଘମିତ୍ରା ଭାଙ୍ଗିପଡ଼ିଥିଲେ, ହେଲେ ଦୁଇ ପୁଅଙ୍କ ପାଇଁ ନିଜ ମନୋବଳ ଦୃଢ କରି ପୂର୍ବପରି ଭିଡିଓ ଜାରି କରି ଲୋକଙ୍କୁ ସଚେତନ କରାଇଲେ। ୟୁଟ୍ୟୁବ୍‌ରେ ସାଢେ ୩ ଲକ୍ଷରୁ ଅଧିକ ଲୋକ ସଂଘମିତ୍ରାଙ୍କ ସହ ଜଡିତ ରହିଛନ୍ତି। ୟୁଟ୍ୟୁବ୍‌ରେ ନିଜ କାହାଣୀ କହି ସଂଘମିତ୍ରା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏଥିରୁ ଯାହା ରୋଜଗାର ହେଉଛି, ସେଥିରେ ପିଲାଙ୍କ ଭବିଷ୍ୟତ ଗଢିବା ସହ ପରିବାର ଚଳାଇବା ଓ ନିଜ ଚିକିତ୍ସା କରାଉଛନ୍ତି ସଂଘମିତ୍ରା।

ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼ିବି



ସ୍ତନ କର୍କଟ ରୋଗ ଯେପରି ମୋ ଜୀବନ ବଦଳାଇ ଦେଇଛି। ଗୋଟିଏ ନାରୀର ଯାହା ସୌନ୍ଦର୍ଯ୍ୟ ତାହା ଏବେ ମୋ' ପାଖରେ ନାହିଁ। ୩୨ଟି କେମୋ, ୧୪ ସର୍ଜରି, ୨୫ ରେଡିଏଶନ ନେଇଛି। ତଥାପି ହାର୍ ମାନିନି। ମୋ ପିଲାଙ୍କ ପାଇଁ ମୋତେ ବଞ୍ଚିବାକୁ ପଡୁଛି। ସାଧାରଣତଃ ସ୍ତନ କର୍କଟ ରୋଗକୁ ଯୁବତୀ ଓ ମହିଳାମାନେ ଲାଜ କରିଲୁଚାଇଥାନ୍ତି। ହେଲେ ଏଭଳି ରୋଗକୁ ଅବହେଳା କରିବା ଉଚିତ୍ ନୁହେଁ। ଏହାର ଚିକିତ୍ସା କରାଇ ରୋଗର ମୁକାବିଲା କରିବା ଜରୁରୀ। ସେହିପରି ଲୋକମାନେ ଏଭଳି ରୋଗୀଙ୍କୁ ଘୃଣା ନ କରି ରୋଗକୁ ଘୃଣା କରିବା ଆବଶ୍ୟକ। ଏବେ ମଧ୍ୟ ଡାକ୍ତର କହିଛନ୍ତି ଯେ ଏହି ରୋଗ ପୁଣିଥରେ ମୋତେ ହେବ। କିନ୍ତୁ ନିରାଶ ହୋଇନାହିଁ, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼େଇ କରିବି ବୋଲି ସଂଘମିତ୍ରା କହିଛନ୍ତି।

ଓଡ଼ିଶାରେ ବର୍ଷକୁ ୩୦ହଜାର ମୃତ୍ୟୁ

ଭୁବନେଶ୍ୱର, ୩।୨ (ବନ୍ଦନା ସେଠୀ)

କ୍ୟାନ୍‌ସର... ନାଁ ଶୁଣିବା ମାତ୍ରେ ମନରେ ଆପେ ଆପେ ଛନକା ପଶିଯାଉଛି। ଏହି ଦୁରାରୋଗ୍ୟରେ ଆକ୍ରାନ୍ତ ହେଲେ ମୃତ୍ୟୁ ନିଶ୍ଚିତ ବୋଲି ଧାରଣା ରହିଛି। କାରଣ କ୍ୟାନ୍‌ସରକୁ ନେଇ ଯେତିକି ସଚେତନତା ବା କ୍ୟାମ୍ପେନ୍ କରାଯାଉଛି ତାହା ଯଥେଷ୍ଟ ହୋଇପାରୁ ନାହିଁ। ସେହିଭଳି ଚିକିତ୍ସା କ୍ଷେତ୍ରରେ ମଧ୍ୟ ଭରସାଯୋଗ୍ୟ ସଫଳତା ମିଳିପାରୁନି। ଫଳରେ ଦିନକୁ ଦିନ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି। ବିଶେଷକରି ଓଡ଼ିଶାରେ କ୍ୟାନ୍‌ସରର ସ୍ଥିତି ବେଶ୍ ଉଦ୍‌ବେଗଜନକ ରହିଛି। ଏକ ତଥ୍ୟରୁ ଜଣାପଡିଛି ଯେ, ୨୦୨୩ରେ ରାଜ୍ୟରେ ୫୦ହଜାର କ୍ୟାନ୍‌ସର ରୋଗୀ ଚିହ୍ନଟ ହୋଇଥିବାବେଳେ ୨୦୨୪ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୦ହଜାରରେ ପହଞ୍ଚିଛି। ବ୍ରେଷ୍ଟ କ୍ୟାନ୍‌ସର, ସର୍ଭାଇକାଲ୍ କ୍ୟାନ୍‌ସର, ଓରାଲ୍ ବା ମୁଖ କ୍ୟାନ୍‌ସର, ଫୁସ୍‌ଫୁସ୍ ଏବଂ ପେଟ କ୍ୟାନ୍‌ସରରେ ବହୁଳ ମାତ୍ରାରେ ରୋଗୀ ଚିହ୍ନଟ ହେଉଛନ୍ତି। ସେହିପରି କେବଳ କ୍ୟାନ୍‌ସରରେ ବର୍ଷକୁ ପ୍ରାୟ ୩୦ହଜାର ମୃତ୍ୟୁ ଘଟୁଛି। ମଙ୍ଗଳବାର ବିଶ୍ୱ କ୍ୟାନ୍‌ସର ଦିବସ ପାଇଁ ଏହା ବଡ଼ ଆହ୍ୱାନ ପାଲଟିଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ୟୁନାଇଟେଡ୍ ବାଏ ୟୁନିକ୍'। ସବୁଠାରୁ ବଡ଼ କଥା ହେଉଛି, କ୍ୟାନ୍‌ସରକୁ ବେଳ ଝୁଁ ଚିହ୍ନି ତାହାର ଉପଯୁକ୍ତ ଚିକିତ୍ସା କରିପାରିଲେ ଏହି ରୋଗକୁ ପ୍ରତିହତ କରିହେବ। ସେହିପରି ନିଜକୁ ଦୃଢ କରି ରୋଗ ବିରୋଧରେ ଲଢେଇ କଲେ ବିଜୟ ନିଶ୍ଚୟ ମିଳିପାରିବ, ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ସନ୍ତୋଷୀମା, କିଶନଙ୍କ ଭଳି ଅନେକ ଯୋଦ୍ଧା।

ପରିବାର ପ୍ରେରଣାରୁ କ୍ୟାନ୍‌ସରକୁ ପ୍ରତିହତ କରିପାରିଛି

ଭଦ୍ରକ ଜିଲା ଆଗରପଡ଼ା ଗ୍ରାମର ସନ୍ତୋଷୀମା ବେହେରା। ଜନ୍ମରୁ ସବୁକିଛି ଠିକ୍ ଚାଲିଥିଲା। ଷ୍ଟାଣ୍ଡାର୍ଡ–୪ରେ ପଢ଼ିବାବେଳେ ହଠାତ୍ ଦେହ ଅସୁସ୍ଥ ହେବା ଆରମ୍ଭ ହେଲା। ହିମୋଗ୍ଲୋବିନ୍ କମିବା ସହ ଜ୍ୱର ଓ ଅନ୍ୟାନ୍ୟ ସମସ୍ୟା ଲାଗି ରହିଲା। ବୋନ୍‌ମ୍ୟାରୋ ଟେଷ୍ଟରୁ ତାଙ୍କର ବ୍ଲଡ୍‌କ୍ୟାନ୍‌ସର ହୋଇଥିବା ଜଣାପଡ଼ିଲା। କ୍ୟାନ୍‌ସରର ଦ୍ୱିତୀୟ ଷ୍ଟେଜ୍‌ରେ ଝିଅ ଥିବା ଜାଣି ସନ୍ତୋଷୀମାଙ୍କ ମା', ବାପାଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିଲା। ସ୍ୱଳ୍ପ ରୋଜଗାରରେ ଝିଅର ଚିକିତ୍ସା କରିବାଠାରୁ ତା'ର ମନୋବଳ ଦୃଢ କରିବା ଉଭୟ ମା' ବାପାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ପରେ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରେ ଚିକିତ୍ସା ଆରମ୍ଭ ହେଲା। ପ୍ଲେଟ୍‌ଲେଟ୍, ହିମୋଗ୍ଲୋବିନ୍ ଆଦି ନିୟନ୍ତ୍ରଣକୁ ଆସିବା ପରେ କେମୋ ଆରମ୍ଭ ହୋଇଥିଲା। ପ୍ରାୟ ୪ବର୍ଷର ଚିକିତ୍ସା ପରେ ଏବେ ସନ୍ତୋଷୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏବେ ସେ ଖୋର୍ଦ୍ଧାର ଏକ ଇଞ୍ଜିନିୟରିଂ କଲେଜରେ ପାଠ ପଢୁଛନ୍ତି। ଏନେଇ ସନ୍ତୋଷୀମା କହିଛନ୍ତି, ସେତେବେଳେ ଛୋଟ ଥିଲି, ତେଣୁ କଷ୍ଟ ଛଡ଼ା ରୋଗ ସମ୍ପର୍କରେ ବିଶେଷ କିଛି ଧାରଣା ନ ଥିଲା। ମୋ' ସହିତ ମୋ' ପରିବାର ସବୁବେଳେ ରହି ଆସିଥିଲା। ସେମାନଙ୍କ ପ୍ରେରଣା ଏବଂ ଦୃଢ ମନୋବଳ ପାଇଁ ଆଜି ମୁଁ କ୍ୟାନ୍‌ସରକୁ ପ୍ରତିହତ କରିପାରିଛି।

ଧୈର୍ଯ୍ୟ ନ ହରାଇ ସାମ୍ନା କର

ବ୍ରହ୍ମପୁରର ପଞ୍ଚମା ଗ୍ରାମର କିଶନ ରାଉଳ। ୧୭ବର୍ଷ ବୟସରେ ତାଙ୍କୁ ନନ୍ ହୋଡ୍‌ଗକିଙ୍ଗ ଲିମ୍ଫୋମା(ଏନ୍‌ଏଚ୍‌ଏଲ୍) କ୍ୟାନ୍‌ସର ହୋଇଥିବା ଜଣାପଡ଼ିଥିଲା। ବ୍ରହ୍ମପୁର ମେଡିକାଲରେ ଅପରେଶନ ହେବା ପରେ ମଧ୍ୟ କୌଣସି ସୁଧାର ନ ଆସିବାରୁ କଟକ ଆଚାର୍ଯ୍ୟ ହରିହର ହସ୍ପିଟାଲକୁ ରେଫର୍ ହୋଇଥିଲେ। ପ୍ରାୟ ଦେଢବର୍ଷର ଚିକିତ୍ସା ପରେ ୨୦୧୯ରେ କିଶନ୍ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରିଥିଲେ। ପରିବାର ଏବଂ ସାଙ୍ଗସାଥୀଙ୍କ ସହଯୋଗ ତାଙ୍କୁ ଏଭଳି ଏକ ଦୁଃସ୍ଥିତିରୁ ବାହାରିବାରେ ସହାୟକ ହୋଇଥିଲା ବୋଲି କିଶନ୍ କହିଛନ୍ତି। କଷ୍ଟ ସମୟରେ ଧୈର୍ଯ୍ୟ ନ ହରାଇ ତାହାର ସାମ୍ନା କଲେ ହିଁ ସଫଳତା ମିଳିପାରିବ। ଏବେ କିଶନ୍ ଖଲିକୋଟ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ର ଛାତ୍ର। ଆଗକୁ ସରକାରୀ ଚାକିରି କରି ମା' ବାପାଙ୍କ ଆଶାବାଡ଼ି ହେବେ ବୋଲି ସେ କହିଛନ୍ତି।

କ୍ୟାନ୍‌ସର ସର୍ଭାଇଭରଙ୍କୁ ଆଗକୁ ଆଣିବାକୁ ପଡ଼ିବ

ପ୍ରାରମ୍ଭିକ ସ୍ତରରେ କ୍ୟାନ୍‌ସରକୁ ଚିକିତ୍ସା କଲେ ତାହା ଆରୋଗ୍ୟ ହୋଇପାରିବ। ତେଣୁ ଏହାର ଶୀଘ୍ର ଚିହ୍ନଟ ହେବା ଜରୁରୀ। ଏହାବାଦ୍ ରୋଗକୁ ନେଇ ଯେଉଁସବୁ ଭ୍ରାନ୍ତ ଧାରଣା ରହିଛି, ତାକୁ ପ୍ରତିହତ କରିବା ପାଇଁ ସର୍ଭାଇଭରମାନଙ୍କୁ ସମାଜର ପ୍ରଥମ ଧାଡ଼ିକୁ ଆଣିବା ଆବଶ୍ୟକ। ଫଳରେ ଏମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜି ପାରିବେ।

–ଲିଲି ଜେନାମଣି, ପ୍ରତିଷ୍ଠାତା, କ୍ରିୟା ଫାଉଣ୍ଡେଶନ୍

DSPL-375
NATIONAL HEALTH MISSION
World Cancer Day 4 February
Health in Your Hand
ଓଡ଼ିଶା ଶାସନ

ବିଶ୍ୱ କର୍କଟ ଦିବସ
୪ ଫେବୃଆରୀ ୨୦୨୫

"ସ୍ୱକୀୟ ଦକ୍ଷତା ଓ ସମ୍ମିଳିତ ପ୍ରୟାସର ଉପଯୋଗରେ କର୍କଟର ନିରାକରଣ"

କ୍ୟାନ୍‌ସର (କର୍କଟ) ରୋଗ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ପାଇଁ ପ୍ରତି ବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନ୍‌ସର ଦିବସ ରୂପେ ପାଳନ କରାଯାଉଛି । କର୍କଟ ରୋଗର ପ୍ରମୁଖ କାରଣ ଗୁଡିକ ମଧ୍ୟରେ ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଓ କିଛି ଭୂତାଣୁ ଜନିତ ସଂକ୍ରମଣ ଅନ୍ତର୍ଭୁକ୍ତ । ଆସନ୍ତୁ, ବିଶ୍ୱ କ୍ୟାନ୍‌ସର ଦିବସ ଅବସରରେ ଆମେ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ପ୍ରୟାସ ଜାରି ରଖି କ୍ୟାନ୍‌ସର ମୁକ୍ତ ଭବିଷ୍ୟତ ଗଠନ ପାଇଁ ପ୍ରତିଜ୍ଞା କରିବା । ଏଥି ସହିତ ନିଜର ସାମର୍ଥ୍ୟକୁ କର୍କଟ ନିରାକରଣ ନିମନ୍ତେ ବିନିଯୋଗ କରିବା ।

କ୍ୟାନ୍‌ସର (କର୍କଟ) ପ୍ରତିରୋଧର ଉପାୟ

- ତମାଖୁ ସେବନରୁ ନିବୃତ୍ତ ରହିବା ।
- ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା ।
- ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସ ଆପଣାଇବା ।
- ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଜାରି ରଖିବା ।
- ସୁସ୍ଥ ଜୀବନ ଶୈଳୀ ଆପଣେଇବା ।
- ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ।
- ପରିବେଶ ପ୍ରଦୂଷଣକୁ ପ୍ରତିହତ କରିବା ।

ସଅଳ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା କର୍କଟ ରୋଗ ଆରୋଗ୍ୟ ସାଧ

ଅଧିକ ଜାଣିବା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡେ-କେୟାର କେମୋଥେରାପି କେନ୍ଦ୍ରରେ ଯୋଗାଯୋଗ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0122/2425

facebook.com/HFWOdisha http://www.health.odisha.gov.in/ @HFWOdisha

WE MAKE IT HAPPEN
World Cancer Day 4 February
HCG adding life to years
The Specialist in Cancer Care

We Know Every Cancer is Unique.

Hence, We Stay United to Create Positive, Lasting Change in the Lives of the Affected.

This World Cancer Day, join forces with HCG Panda Cancer Hospital, Cuttack, to raise awareness about the impact of cancer and the importance of early detection, prevention, and treatment. Every story shared, every voice heard, and every action taken contribute to bringing down the burden of cancer.

TAKE STEPS TO REDUCE YOUR RISK

- Avoid the Use of Tobacco
- Get Vaccinated
- Maintain a Healthy Diet
- Limit Alcohol Intake
- Stay at a Healthy Weight
- Do Self-Exams
- Stay Active

SAY YES TO REGULAR CANCER SCREENINGS TO STAY SAFE.

HCG Panda Cancer Hospital
NH- 16,Telengapentha, Cuttack
6358 888 824
www.hcgoncology.com

କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। –ଶ୍ରୀଅରବିନ୍ଦ

-ମାଘ ସପ୍ତମୀ, (କାଣାର୍କ) ଚନ୍ଦ୍ରଭାଗା ତୀର୍ଥେ ସ୍ନାନ, ଗୋବର୍ଦ୍ଧନ ପୀଠ ଗାରୋଇ ଆଶ୍ରମରେ ଶ୍ରୀମନ୍ଦିରର ଜନ୍ମ ଉତ୍ସବ, ମାଛଗାଁ, ଜଗତ୍‌ସିଂହପୁର

ବଡ଼ କିନ୍ତୁ ଗୁଣବତ୍ତା ନୁହେଁ

ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ସକାଶେ ଜାତୀୟ ଶିକ୍ଷାନୀତି ୨୦୨୦ ଅଣାଯାଇଛି। କିନ୍ତୁ ଶିକ୍ଷା କ୍ଷେତ୍ରରେ ଦୁର୍ନୀତି ଏହାର ସଫଳତା ଉପରେ ପ୍ରଶ୍ନ ଉଠାଉଛି। ନିକଟରେ ନ୍ୟାଶ୍‌ନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡେଶନ କାଉନ୍‌ସିଲ (ନାକ୍) ବା ଜାତୀୟ ମାନ୍ୟତା ଆକଳନ ପରିଷଦର ପ୍ରକ୍ରିୟାରେ ଲାଞ୍ଚ କାରବାର ସମ୍ପର୍କିତ ଖବର ଏହାର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛି। ପ୍ରକାଶିତ ଖବରରୁ ଜଣାପଡ଼ିଛି ଯେ, ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ କୋନେରୁ ଲକ୍ଷ୍ମୈଆ ଏଜୁକେଶନ ଫାଉଣ୍ଡେଶନ୍ (କେଏଲ୍‌ଇଏଫ୍) ଅଧୀନ ଏକ ଶିକ୍ଷାନୁଷ୍ଠାନକୁ ନାକ୍ ମାନ୍ୟତା ପ୍ରଦାନ ପାଇଁ ହୋଇଥିବା ଲାଞ୍ଚ କାରବାର ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦେଶର ୬ଜଣ ନାକ୍ ଯାଞ୍ଚ କମିଟି ସଦସ୍ୟଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି। ଏକାବେଳକେ ୨୦ଟି ସ୍ଥାନରେ ଚଢ଼ାଉ କରି ୩୬ ଲକ୍ଷ ଟଙ୍କା, ୬ଟି ଲାପ୍‌ଟପ୍, ଗୋଟିଏ ଆଇଫୋନ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସିବିଆଇ ସୂତ୍ରରୁ ପ୍ରକାଶ ଯେ, ସେମାନେ ୧ କୋଟି ୮୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏହି ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶାର ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତି ବିହାର)ର ଲାଇବ୍ରେରି ସାଇନ୍ସ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ବୁଲୁ ମହାରଣାଙ୍କ ସମେତ ଅନ୍ୟ ନାକ୍ ସଦସ୍ୟମାନେ। ଆଶ୍ଚର୍ଯ୍ୟର ବିଷୟ ହେଉଛି, କେଏଲ୍‌ଇଏଫ୍‌ର ଉପସଭାପତି କୋନେରୁ ରାଜା ହରିନ ମଧ୍ୟ ଏହି ମାମଲାରେ ଗିରଫ ହୋଇଛନ୍ତି। ଉଲ୍ଲେଖନୀୟ ଯେ, ନାକ୍ ହେଉଛି ବିଶ୍ୱବିଦ୍ୟାଳୟ ଅନୁଦାନ କାଉନ୍‌ସିଲ (ୟୁଜିସି)ର ଏକ ଶାଖା। ଏହାକୁ ୧୯୯୪ରେ ସ୍ଥାପନ କରାଯାଇଥିଲା ଓ ଏହାର ମୁଖ୍ୟାଳୟ ରହିଛି ବେଙ୍ଗାଲୁରୁରେ। ଭାରତବର୍ଷର ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକର ଭିତ୍ତିଭୂମି ଓ ପଠପଢ଼ା ଉପରେ ଅନୁଧ୍ୟାନ କରି ନାକ୍ ମାନ୍ୟତା ଦେଇଥାଏ। ଶିକ୍ଷାନୁଷ୍ଠାନଗୁଡ଼ିକ ପାଠପଢ଼ା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ନେଇ ଏକ ସେଲ୍ଫ ଷ୍ଟଡି ରିପୋର୍ଟ (ଏସ୍‌ଏସ୍‌ଆର୍) ନାକ୍ ମୁଖ୍ୟାଳୟକୁ ପଠାଇଥାନ୍ତି। ପରେ ନାକ୍ ସଦସ୍ୟଙ୍କ ୫ ଜଣିଆ କିମ୍ବା ୩ ଜଣିଆ ଟିମ୍ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପାଠପଢ଼ା ମାନ ଓ ପରିବେଶ ଅଛି କି ନାହିଁ ତାହା ଯାଞ୍ଚ କରିବାକୁ ଯାଇଥାନ୍ତି। ଯାଞ୍ଚ ପରେ ସେମାନେ ନାକ୍‌କୁ ସେମାନଙ୍କ ରିପୋର୍ଟ ଦେବା ପରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ବୃତ୍ତାନ୍ତ ମାନ୍ୟତା ସ୍ଥିର କରାଯାଇଥାଏ। ଏଥିରେ ଏ++ ସର୍ବୋଚ୍ଚ ମାନ୍ୟତା ହୋଇଥିବାବେଳେ ଏହା ପଛକୁ ଏ+, ଏ, ବି++, ବି+, ବି, ସି ରହିଛି। ୟୁଜିସି ଅନୁଦାନ ଓ ଆର୍ଥିକ ସହାୟତା ପାଇବା ଲାଗି ଏହିସବୁ ମାନ୍ୟତା ସକାଶେ ଶିକ୍ଷାନୁଷ୍ଠାନଗୁଡ଼ିକ ଚେଷ୍ଟା କରିଥାନ୍ତି। ଦେଖାଯାଏ ଅନେକ ଘରୋଇ ବିଶ୍ୱବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ମାନ୍ୟତା ପାଇଁ ଶିକ୍ଷା ପରିସରରେ ଚିକିତ୍ସାଳୟ, ବ୍ୟାଙ୍କ, ଖେଳପଡ଼ିଆ, ଇ–ଲାଇବ୍ରେରି ଓ ଅନ୍ୟାନ୍ୟ ବ୍ୟବସ୍ଥା କରି ଏସ୍‌ଏସ୍‌ଆର୍‌ରେ ଦର୍ଶାଇବା ସହ ନାକ୍ କମିଟି ସଦସ୍ୟଙ୍କୁ ଏହାର ଯାଞ୍ଚ ସମୟରେ ପ୍ରଭାବିତ କରିଥାନ୍ତି। ଶୁଣିବାକୁ ମିଳେ ଯେ,ସେମାନଙ୍କୁ ଦାମୀ ଉପହାର ସହ ବିଭିନ୍ନ ସ୍ଥାନ ଭ୍ରମଣର ବ୍ୟବସ୍ଥା କରାଯାଏ। କିନ୍ତୁ ଏବେ ଅନେକ ଲକ୍ଷ ଟଙ୍କା ଲାଞ୍ଚ କାରବାର ଘଟଣା ସାମ୍ନାକୁ ଆସିବା ପରେ ନାକ୍ କାର୍ଯ୍ୟଶୈଳୀ ତଥା ଉଚ୍ଚଶିକ୍ଷାର ମାନ ବା ଗୁଣବତ୍ତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ।

ଗୋଟିଏ ପଟେ ଶିକ୍ଷାକୁ ବିଶ୍ୱ ସ୍ତରୀୟ କରାଯିବା ପାଇଁ ପ୍ରୟାସ ଜାରି ରହୁଥିଲା ବେଳେ ଅନ୍ୟପଟେ ଦୁର୍ନୀତିର ଛିଟା ଶିକ୍ଷାନୀତିକୁ କ୍ଷତି ପହଞ୍ଚାଇବା ଉଚ୍ଚମାନର ଶିକ୍ଷା ନ ପାଇଲେ ଭାରତୀୟ ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବା କଷ୍ଟକର ହୋଇପଡ଼ିବା

ଉଲ୍ଲେଖନୀୟ ଯେ, ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ହେଉଛି ବିଶ୍ୱର ସବୁଠୁ ବଡ଼, ଅର୍ଥାତ୍ କଲେଜ ଓ ୟୁନିଭର୍ସିଟିରେ ପଢୁଥିବା ଛାତ୍ରଙ୍କ ସଂଖ୍ୟା ସର୍ବାଧିକ। କିନ୍ତୁ ସେହି 'ବଡ଼' ଶବ୍ଦକୁ ଗୁଣବତ୍ତା ବୋଲି କହିହେବ ନାହିଁ। ସରକାରୀ ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦୨୪ ସୁଦ୍ଧା ଦେଶରେ ବିଭିନ୍ନ ବର୍ଗର ୧୧୧୩ ବିଶ୍ୱବିଦ୍ୟାଳୟ, ୫୨, ୬୨୭ ଡିଗ୍ରୀ କଲେଜ ରହିଥିଲା। ଏବେ ଏହି ସଂଖ୍ୟା ଅଧିକ ହୋଇଥିବ । ଓଡ଼ିଶା ପରିପ୍ରେକ୍ଷୀରେ ଦେଖିବାକୁ ଗଲେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ବାଦ୍ ଦେଲେ ରାଜ୍ୟରେ ୨୫ଟି ବିଶ୍ୱବିଦ୍ୟାଳୟ, ୧୨ଟି ଘରୋଇ ଓ ୪ଟି ଡିମ୍ଡ ବିଶ୍ୱବିଦ୍ୟାଳୟ ସମେତ ୧୨୭୩ କଲେଜ ରହିଛି। ଏମାନଙ୍କ ମଧ୍ୟରୁ ଅନେକ ଏ+ କିମ୍ବା ଏ ମାନ୍ୟତା ପାଇଥିବା ପ୍ରକାଶିତ ଖବରରୁ ଜଣାପଡ଼ିଛି। ତେବେ ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ସର୍ବଭାରତୀୟ ସ୍ତରରେ ୨୦୨୩ ଜୁନ୍ ସୁଦ୍ଧା ୮୨୦ ବିଶ୍ୱବିଦ୍ୟାଳୟ ଓ ୧୫,୫୦୧ କଲେଜକୁ ନାକ୍ ମାନ୍ୟତା ଦିଆଯାଇଛି। ତଥାପି ସାମଗ୍ରିକ ଭାବେ ଭାରତର ଶିକ୍ଷାର ମାନକୁ ବିଚାରକୁ ନେଲେ ଏହା ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକର ଉଚ୍ଚଶିକ୍ଷା ତୁଳନାରେ ଦୁର୍ବଳ। ଭାରତରେ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ପ୍ରାଧ୍ୟାପକ, ଅଧ୍ୟାପକ, ଭିତ୍ତିଭୂମି ଓ ଶିକ୍ଷାର ଗୁଣବତ୍ତାରେ ଅଭାବ ପରିଲକ୍ଷିତ ହୋଇଥାଏ। ଉଦାହରଣ ସ୍ୱରୂପ ବିଶ୍ୱ ୟୁନିଭର୍ସିଟି ର୍ୟାଙ୍କିଂରେ ୧୦୦ ମଧ୍ୟରେ ଭାରତର କୌଣସି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇପାରି ନାହିଁ। ଗୋଟିଏ ପଟେ ଶିକ୍ଷାକୁ ବିଶ୍ୱ ସ୍ତରୀୟ କରାଯିବା ପାଇଁ ପ୍ରୟାସ ଜାରି ରହୁଥିଲା ବେଳେ ଅନ୍ୟପଟେ ଦୁର୍ନୀତିର ଛିଟା ଶିକ୍ଷାନୀତିକୁ କ୍ଷତି ପହଞ୍ଚାଇବ। ଉଚ୍ଚମାନର ଶିକ୍ଷା ନ ପାଇଲେ ଭାରତୀୟ ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବା କଷ୍ଟକର ହୋଇପଡ଼ିବ। ଦୁର୍ବଳ ଉଚ୍ଚଶିକ୍ଷା ଦେଶକୁ ଉଚ୍ଚସ୍ତରକୁ ନେଇପାରିବ ନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ସ୍ୱପ୍ନ ଅଧୁରା ରହିଯିବ।

su | do | ku
Puzzles by Srikant Ghosh

ସୁ–ଡୋ–କୁ

				4	9		5	
		5			2			1
	2							
		6	3					
2	4			5				
	3		1		7			
		7				8	6	
			9			7		5
	8				6		2	

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

5	3	2	9	8	1	6	4	7
1	9	4	6	5	7	2	8	3
6	7	8	4	3	2	5	9	1
4	5	1	2	9	8	3	7	6
9	8	6	3	7	5	1	2	4
7	2	3	1	4	6	9	5	8
8	6	7	5	1	9	4	3	2
2	4	9	7	6	3	8	1	5
3	1	5	8	2	4	7	6	9

ଗତକାଲିର ଉତ୍ତର

ଗାଁରେ ଦରଦାମ୍ ଅସମ୍ଭାଳ କାହିଁକି

ନଟବର ଖୁଣ୍ଟିଆ

ଏବେ ଖବରକାଗଜଗୁଡ଼ିକରେ ଆମ ରାଜ୍ୟ ଓଡ଼ିଶାରେ ଦରଦାମ୍ ବୃଦ୍ଧି ହେତୁ ସାଧାରଣ ଜନତା ହନ୍ତସନ୍ତ ହେବା ଖବର ବଡ଼ ବଡ଼ ଅକ୍ଷରରେ ପ୍ରକାଶ ପାଉଛି। ବିଶେଷକରି ଗାଁରେ ଦରଦାମ୍ ଅସମ୍ଭାଳ ଏବଂ ସର୍ବଭାରତୀୟ ସ୍ତରର ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ୫.୭୬ ପ୍ରତିଶତ ଥିବାବେଳେ ଓଡ଼ିଶାରେ ତାହା ୭.୭୬ ପ୍ରତିଶତ। ହାରାହାରି ଭାବେ ଓଡ଼ିଶାର ଗ୍ରାମୀଣ ଖୁଚୁରା ବଜାର ସବୁଠାରୁ ମହଙ୍ଗା ବଜାର ହୋଇଛି। ମହଙ୍ଗା ବଜାର ମୁଖ୍ୟତଃ କୃଷିଜାତ ଦ୍ରବ୍ୟର ଚଢ଼ା ଦର ପାଇଁ ଦାୟୀ। ନିତ୍ୟ ବ୍ୟବହାର୍ଯ୍ୟ କୃଷିଜାତ ସାମଗ୍ରୀ କହିଲେ ଅଟା, ଚାଉଳ, ଲୁଣ, ଡାଲି, ଖାଇବା ତେଲ, ଆଳୁ, ପିଆଜ, ରସୁଣ, ଅଦା, ବିଲାତି ବାଇଗଣ, କଦଳୀ, ଦେଶୀ ଆଳୁ, ଓଲୁଅ, ସାରୁ କୋବି, ସଜନା ଛୁଇଁ, ଅମୃତ ଭଣ୍ଡା, ବିନ, ମଟର ଛୁଇଁ, ବରଗୁଡିଛୁଇଁ, ମାଛ, ମାଂସ, ଅଣ୍ଡା ଇତ୍ୟାଦି।

ପୂର୍ବେ ଆମେ ଓଡ଼ିଆମାନେ ସାଧାରଣତଃ ରୁଟି ଖାଉ ନ ଥିଲେ । ଏବେ କିନ୍ତୁ ଅନେକ ଲୋକ ଅନ୍ତତଃ ରାତିରେ ରୁଟି ଖାଉଛନ୍ତି। ଏହାଛଡ଼ା ଗହମଜାତ ଦ୍ରବ୍ୟ ହେଉଛି ମଇଦା, ପାସ୍ତା, ପାଉଁରୁଟି ଆଦି। ଗହମ ଆମ ରାଜ୍ୟରେ ଅମଳ ହେଉ ନାହିଁ। ବାହାର ରାଜ୍ୟରୁ ଆସିଲେ ପରିବହନ ଖର୍ଚ୍ଚ ଅଧିକ ହେଉଛି। ତେଣୁ ଗହମ ଜାତ ଖାଦ୍ୟସାମଗ୍ରୀର ମୂଲ୍ୟ ଅଧିକ ହେବା ସ୍ୱାଭାବିକ। ଚାଉଳ ଦାମ୍ ମଧ୍ୟ ତୁଳନାତ୍ମକ ଭାବେ ଓଡ଼ିଶାରେ ଅଧିକ। ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ପ୍ରାୟ ୮୦ ପ୍ରତିଶତ ପରିବାର ମାଗଣାରେ ଚାଉଳ ପାଉଛନ୍ତି। ସେମାନେ ମୁଣ୍ଡପିଛା ୫ କେଜି ପାଉଛନ୍ତି। ଗାଁରେ, ସହରରେ ଚାଷୀ, ଶ୍ରମିକମାନଙ୍କୁ ପଚାରିବାରୁ ସେମାନେ କହନ୍ତି, ଯେହେତୁ ତିନି ବକ୍ତ ଭାତ ଖାଆନ୍ତି ଆଉ ୯/୧୦ କେଜି ବାହାରୁ କିଣନ୍ତି। ଯେଉଁମାନେ ସରକାରୀ ମାଗଣା ଚାଉଳ ନ ଖାଇ ବେପାରୀଙ୍କୁ ବିକି ଦିଅନ୍ତି, ସେହି ଚାଉଳକୁ ସେମାନେ କେଜି ପ୍ରତି ୩୦ ଟଙ୍କା ଦେଇ କିଣନ୍ତି। କିନ୍ତୁ ଏହି ଚାଉଳ ନ ମିଳିଲେ ସେମାନେ କେଜି ପ୍ରତି ୩୮ଟଙ୍କାରେ କିଣନ୍ତି। ଏବେ ପିଲାମାନେ ମୋଟା ଚାଉଳ ଖାଉ ନାହାନ୍ତି। ରାୟପୁର, ଜଗଦଳପୁର, ଆନ୍ଧ୍ରପ୍ରଦେଶ, କଲିକତାରୁ ଆସୁଥିବା ଚାଉଳ ଖାଉଛନ୍ତି ; ଯାହାର ଦାମ୍ ୪୫ରୁ ୫୦ଟଙ୍କା। ଅନ୍ୟ ରାଜ୍ୟରୁ ଚାଉଳ ଆସୁଥିବାରୁ ପରିବହନ ଖର୍ଚ୍ଚ ଅଧିକ ହେଉଛି। ଡାଲି, ତୈଳବୀଜ, ପିଆଜ, ଆଳୁ, ଅଣ୍ଡା, ମାଛରେ ଆତ୍ମନିର୍ଭରଶୀଳ ନ ହୋଇଥିବାରୁ ବାହାର ରାଜ୍ୟରୁ ଏସବୁ ଖାଦ୍ୟ ସାମଗ୍ରୀ ଆମଦାନୀ ହେଉଛି । ମୂଲ୍ୟ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ହେଉଛି। ବଜାରରେ ଖବର ନେଲେ ଜାଣିବେ

କଞ୍ଚା ଲଙ୍କା, ପାଚିଲା ଓ କଞ୍ଚା ଅମୃତ ଭଣ୍ଡା ଓ କଦଳୀ, ପିଙ୍ଗୁଳି, ସଜନା ଛୁଇଁ ଆଦି ଯାହାକି ଆମେ ଅମଳ କରିପାରିବା ସେସବୁ ମଧ୍ୟ ବାହାର ରାଜ୍ୟରୁ ଆସୁଛି। ଆମର ୪୮୦ କିଲୋମିଟର ସମୁଦ୍ର ତଟ ଅଥଚ ଲୁଣ ଉତ୍ପାଦନ ବୁଡ଼ିଗଲା ପରିସ୍ଥିତି। ଆମେ ଲୁଣ ଆମଦାନୀ କରୁଛୁ।

ଯେଉଁ ସବୁ ଖାଦ୍ୟ ସାମଗ୍ରୀ ଆମେ ଆମଦାନୀ କରୁଛୁ ଆମ ରାଜ୍ୟରେ ସେସବୁର ଚାଷ କରିବାର ଅନେକ ସୁବିଧା ଅଛି। ଯୁବ ସମାଜ ଚାଷ କରିବାକୁ ଚାହୁଁ ନାହାନ୍ତି। ଏହି ଲେଖକର ଘର ଉପକୂଳ ଓଡ଼ିଶାରେ। ପିଲାଦିନେ ଦେଖିଛି ଅଧିକାଂଶ ଚାଷୀ ନିଜ ପରିବାରର ପିଆଜ, ଆଳୁ, ରସୁଣର ଆବଶ୍ୟକତା ମେଣ୍ଟାଇ କିଛି ସ୍ଥାନୀୟ ବଜାରରେ ବିକ୍ରି କରିବା ପାଇଁ ଅଳ୍ପ ଜମିରେ ସେସବୁ ଚାଷ କରିଥାନ୍ତି। ଗ୍ରାମାଞ୍ଚଳ ବଜାରକୁ ବାହାରୁ ଏସବୁ ଦ୍ରବ୍ୟ ପ୍ରାୟ ଆସେ ନାହିଁ, ଯାହା ବି ଆସେ ନାମକୁ ମାତ୍ର।

ଅମୃତଭଣ୍ଡା ଗଛ ଯଦି ଆମ ବାଡ଼ିରେ ସମସ୍ତେ ଗୋଟା ଦୁଇଟା ଲଗାନ୍ତେ ଆନ୍ଧ୍ରରୁ ଆମଦାନୀ କରନ୍ତେ ନାହିଁ କି ଚଢ଼ା ଦାମ ଦେଇ କିଣନ୍ତେ ନାହିଁ । ଗାଁକୁ ଯାଇ ଦେଖନ୍ତୁ ଯୁବକମାନେ ଚାଷ ନ କରି ଦାଦନ ଶ୍ରମିକ ରୂପେ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ଯେଉଁମାନେ ରହୁଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ କୌଣସି ନା କୌଣସି ରାଜନୈତିକ ସ୍ଥାନୀୟ ନେତାଙ୍କ ସହ ଯୋଡ଼ି ହୋଇ କେତେ ବେଳେ କେମିତି କିଛି ସାହାଯ୍ୟ ପାଉଛନ୍ତି। ଖାଦ୍ୟ ସୁରକ୍ଷା ଆଇନରେ ମାସକୁ ୫ କେଜି ଲେଖା ଖାଦ୍ୟଶସ୍ୟ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମାଗଣା ମିଳୁଛି। ପିଏମ୍ କିଷାନରେ ବର୍ଷକୁ ୬ ହଜାର, ରାଜ୍ୟ ସରକାର କାଳିଆ ବଦଳରେ ସିଏମ୍ କିଷାନ ନାମରେ ଜମି ଥିବା ଲୋକଙ୍କୁ ସାହାଯ୍ୟ ଦେଉଛନ୍ତି। ଯଦି ସର୍ଭେ କରିବେ ଏହି ଅର୍ଥ ଅନେକ କ୍ଷେତ୍ରରେ ଚାଷରେ ଖର୍ଚ୍ଚ ନ ହୋଇ ଅଣଉତ୍ପାଦନ ମୂଳକ କାମରେ ବ୍ୟୟ ହେଉଛି। ଘରେ ବୃଦ୍ଧ ପିତାମାତା ଥିଲେ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ଅଧିକାଂଶ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯେଉଁ ଋଣ ବ୍ୟାଙ୍କ୍‌ରୁ ଆଣୁଛନ୍ତି ଆତ୍ମନିଯୁକ୍ତି ପାଇଁ, ସେହି ଋଣକୁ ଅଧିକ ସୁଧରେ ଅଣଉତ୍ପାଦନ ଲାଗି ଋଣ ଲଗାଉଛନ୍ତି। ସେହି ଲାଭକୁ ନିଜ ମଧ୍ୟରେ ବାଣ୍ଟି ନେଉଛନ୍ତି। ଏବେ ଖୁବ୍ ପ୍ରଚାରିତ ଓଡ଼ିଶାର ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଯେଉଁ ବାର୍ଷିକ ୧୦ ହଜାର ଟଙ୍କା ଦିଆଯାଇଛି ସେହି ଅର୍ଥରେ କେତେ ପ୍ରତିଶତ ମହିଳା ଉତ୍ପାଦନମୂଳକ ଉଦ୍ୟୋଗରେ ବିନିଯୋଗ କରୁଛନ୍ତି? ଏହା ମୁଖ୍ୟତଃ ମୁଦ୍ରାସ୍ଫୀତିକୁ ବୃଦ୍ଧି କରୁଛି।

ଯେଉଁ ଯୁବକମାନେ କୃଷି ଶ୍ରମିକ ଭାବେ ଗାଁରେ କାମ କରୁଛନ୍ତି ଅନେକ ଅଞ୍ଚଳରେ ସାତଘଣ୍ଟା କାମ ନ କରି ୪ରୁ ସାଢ଼େ ୪ ଘଣ୍ଟା କାମ କରୁଛନ୍ତି ଏବଂ ମଝିରେ ମଧ୍ୟ ଜଳଖିଆ ଚାଷୀଠାରୁ ଖାଉଛନ୍ତି । ଧାନରୁଆ ବେଳେ କେଉଁ କେଉଁଠାରେ ମଦ୍ୟପାନ ପାଇଁ ପଇସା ମାଗୁଛନ୍ତି। ଏଥିରେ ଚାଷୀର ଚାଷ ଖର୍ଚ୍ଚ ବୃଦ୍ଧି ପାଉଛି। ଚାଷ ଲାଭଜନକ ହେଉନାହିଁ। ଗାଁରେ ହେଉ ଅବା ସହରର ବସ୍ତି ଅଞ୍ଚଳରେ ମାଇକ୍ରୋ ଫାଇନାନ୍ସ କମ୍ପାନୀମାନେ ଅନ୍ୟୂନ ୨୬ ପ୍ରତିଶତ ସୁଧରେ ଋଣ ଉତ୍ପାଦନମୂଳକ କାମ ପାଇଁ କାଗଜପତ୍ରରେ ଦେଖାଇ ଅଣ ଉତ୍ପାଦନମୂଳକ କାମ ପାଇଁ ଋଣ ଦେଇ ମାସିକ କିସ୍ତି ଆଦାୟ କରୁଛନ୍ତି। ସମଗ୍ର ଖଟିଖିଆ ସମାଜ ଋଣ ଗ୍ରସ୍ତ। ସୁଧ ଗଣି ଗଣି ଆୟ ଶେଷ କରି ଦେଉଛନ୍ତି। ଋଣଯନ୍ତା କବଳରେ ଆଜି ଶ୍ରମିକ ଗୋଷ୍ଠୀ। ଉତ୍ପାଦନମୂଳକ କାମ ପାଇଁ ଅର୍ଥ ବିନିଯୋଗ ହେଉ ନ ଥିବାରୁ ଉତ୍ପାଦନ କମ୍ ହେଉଛି, ଏଣେ ଚାହିଦା ବଢୁଛି। ସୁତରାଂ ଅର୍ଥନୀତିର ଚାହିଦା ଓ ଯୋଗାଣ ସୂତ୍ର ଅନୁସାରେ ଦରଦାମ୍ ବଢ଼ିବା ସ୍ୱାଭାବିକ। ଦରଦାମ୍ ବୃଦ୍ଧି ହେତୁ ଶ୍ରମିକ ଗୋଷ୍ଠୀ ଆବଶ୍ୟକ ମୁତାବକ ଖାଦ୍ୟ ସାମଗ୍ରୀ ପାଉ ନାହାନ୍ତି , ନିଜ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଦେଇପାରୁ ନାହାନ୍ତି ନା ସ୍ୱାସ୍ଥ୍ୟର ଆବଶ୍ୟକ ଯତ୍ନ ନେଇପାରୁ ନାହାନ୍ତି। ଋଣ ଯନ୍ତାର ବିଷ ବଳୟରେ ଛନ୍ଦି ହୋଇ ଢୋକେ ପିଇ ଦଣ୍ଡେ ବଞ୍ଚୁଛନ୍ତି।

ଖଟିଖିଆମାନଙ୍କୁ ଏଥିରୁ ଉଦ୍ଧାର କରିବାକୁ ହେଲେ ଦରଦାମ୍ ସ୍ଥିର ରଖିବାକୁ ହେବ। ସେଥିପାଇଁ ଉତ୍ପାଦନମୂଳକ କାମ ପାଇଁ ଅଗ୍ରାଧିକାର ଦେବାକୁ ହେବ। ଭୋଟ ପାଇଁ ମାଗଣା ବଣ୍ଟନକୁ ବନ୍ଦ କରିବାକୁ ହେବ, ଯାହା ଆଜିଫ୍ରି ନାମରେ ଅଭିହିତ। ଫ୍ରି ବି ଆମର ଅର୍ଥନୀତିକୁ କିପରି ଦୁର୍ବଳ କରି ଆମ ରାଜକୋଷରୁ ଅଣଉତ୍ପାଦନମୂଳକ ବ୍ୟୟ କରି ମୁଦ୍ରାସ୍ଫୀତିକୁ ପ୍ରୋତ୍ସାହନ ଦେଉଛି ତାହା ଅର୍ଥଶାସ୍ତ୍ରୀ, ବୁଦ୍ଧିଜୀବୀ, ସମାଜସେବୀମାନେ ତାତ୍ତ୍ୱିକ ଆଲୋଚନା କରି ବିଭିନ୍ନ ରାଜନୈତିକ ଦଳଙ୍କୁ ବୁଝାନ୍ତୁ ଯେ ଦୀର୍ଘସ୍ଥାୟୀ ବିକାଶର ଏହା କିପରି ପରିପନ୍ଥୀ। ଯେଉଁମାନଙ୍କୁ ଫ୍ରି ଦିଆଯାଉଛି ସେମାନେ ପରୋକ୍ଷ ଭାବରେ କ୍ଷତିଗ୍ରସ୍ତ। ସାଧାରଣ ଲୋକଙ୍କ ପାଇଁ ଯଥେଷ୍ଟ ନିଯୁକ୍ତିମୂଳକ ଉଦ୍ୟୋଗ ହେଉ ନ ଥିବାରୁ ସେମାନଙ୍କ ପୁଅ ଝିଅମାନେ ବେକାର ହୋଇ ବୁଲୁଛନ୍ତି।

ଫ୍ରି ରାଜନୀତି ଜମା ଭଲ ରାଜନୀତି ନୁହେଁ, ଭଲ ଅର୍ଥନୀତିହିଁ ଭଲ ରାଜନୀତି। ଦରଦାମ୍‌ସୀମା ମଧ୍ୟରେ ରଖିବାକୁ ହେଲେ ଉତ୍ପାଦନ ବଢ଼ାଇବା ଆବଶ୍ୟକ ଏବଂ ଲୋକଙ୍କର ଆୟ ବଢ଼ିବା ଆବଶ୍ୟକ।

ମୋ: ୯୯୩୭୯୫୧୨୬୨

ଶିକ୍ଷା ଚାପରେ ଜୀବନ

ଶ୍ରୁତକୀର୍ତ୍ତି ତ୍ରିପାଠୀ

ରାଜସ୍ଥାନର କୋଟାରେ ଡାକ୍ତରୀ ପ

ରେପୋରେଟ୍ ହ୍ରାସ ସମ୍ଭାବନା

ଆଜି ଆରବିଆଇର ଏମ୍‌ପିସି ବୈଠକ

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ର ନୂତନ ମୁଦ୍ରା ନୀତି କମିଟି (ଏମପିସି) ବୈଠକ ଫେବୃଆରୀ ୪ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଆରବିଆଇ ଗଭର୍ନର ସଞ୍ଜୟ ମଲହୋତ୍ରା ଅଧ୍ୟକ୍ଷତା କରିବେ। ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ, ଏହି ବୈଠକରେ ରେପୋରେଟ୍ ପ୍ରାୟ ୨୫ ଆଧାର ପଏଣ୍ଟ (ବିପିଏସ) ହ୍ରାସ ହୋଇପାରେ, ଯାହା ଏହାକୁ ୬.୫% ରୁ ୬.୨୫% କୁ ହ୍ରାସ କରିବ। ଫେବୃଆରୀ ୭ରେ ସୁଧ ହାର ଉପରେ

ଏମ୍‌ପିସି ନିଷ୍ପତ୍ତି ଘୋଷଣା କରିବ। ଯଦିଓ ମୁଦ୍ରାସ୍ଫୀତି ୪% ର ଆରବିଆଇ ଲକ୍ଷ୍ୟଠାରୁ ଅଧିକ ରହିଛି, ଅର୍ଥନୈତିକ ମନ୍ଥରତା ଦୃଷ୍ଟିରୁ ଏହି ହାର ହ୍ରାସ ହେବାର ସମ୍ଭାବନା ଅଧିକ ଦୃଢ଼ୀଭୂତ ହୋଇଛି। ଗତ ସପ୍ତାହରେ ଆରବିଆଇ ବ୍ୟାଙ୍କିଙ୍ଗ ସିଷ୍ଟମରେ ୧.୫ ଲକ୍ଷ କୋଟିର ଲିକ୍ୱିଡିଟି ଅର୍ନ୍ତଭୁକ୍ତ କରିବାକୁ ଘୋଷଣା କରିଥିଲା। ଏହାପୂର୍ବରୁ ଡିସେମ୍ବର ମାସରେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ସିଷ୍ଟମରେ ୧୬ ୧.୧୬ ଲକ୍ଷ କୋଟି ଲିକ୍ୱିଡିଟି ଅର୍ନ୍ତଭୁକ୍ତ କରିଥିଲା। ଯେତେବେଳେ କ୍ୟାସ ରିଜର୍ଭ ଅନୁପାତ (ସିଆରଆର) ୫୦ ବିପିଏସ କଟାଯାଇଥିଲା। ବିଶେଷଜ୍ଞଙ୍କଙ୍କ ଅନୁଯାୟୀ, ଯଦି ଫେବୃଆରୀ ବୈଠକରେ ରେପୋ ହାର ହ୍ରାସ ହୁଏ, ତେବେ ଏହା ଚାହିଦାକୁ ଦୃଢ଼ କରିବାରେ ସାହାଯ୍ୟ କରିବ। ବିଶେଷକରି ଯେତେବେଳେ ସରକାର କରଦାତାମାନଙ୍କୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ପ୍ରଦାନ କରିଛନ୍ତି। କମ ସୁଧ ହାର ଋଣକୁ ଶସ୍ତା କରିବ, ଯାହା ଉଭୟ ବ୍ୟବହାର ଏବଂ ବିନିଯୋଗକୁ ବୃଦ୍ଧି କରିବ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୬.୪% ହେବ ବୋଲି ଆକଳନ କରାଯାଇଛି, ଯାହା ଗତ ୪ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତର ହେବ। ଏହାପୂର୍ବରୁ ଡିସେମ୍ବର ମାସରେ ଆରବିଆଇ ଜିଡିପି ଅଭିବୃଦ୍ଧି ଆକଳନକୁ ୭.୨% ରୁ ୬.୬% କୁ ହ୍ରାସ କରିଥିଲା। ବିଶେଷଜ୍ଞଙ୍କ ମତାନୁସାରେ, ଫେବୃଆରୀ ପରେ, ଏପ୍ରିଲ କିମ୍ବା ଜୁଲାଇରେ ମଧ୍ୟ ୨୫-୫୦ ବିପିଏସ ହ୍ରାସ ହୋଇପାରେ। ସୂଚନାଥାଉକି, ଆରବିଆଇ କ୍ରମାଗତ ୧୧ ତମ ଥର ପାଇଁ ୨୦୨୩ ଡିସେମ୍ବର ପର୍ଯ୍ୟନ୍ତ ରେପୋ ହାରକୁ ୬.୫% ସ୍ଥିର ରଖିଛି। ୨୦୨୨ ମେରୁ ଫେବୃଆରୀ ୨୦୨୩ ମଧ୍ୟରେ, ଆରବିଆଇ ସୁଧ ହାରକୁ ୨୫୦ ବିପିଏସ ବୃଦ୍ଧି କରିଥିଲା। ୨୦୨୩ ଏପ୍ରିଲ ଠାରୁ ରେପୋ ହାର ସ୍ଥିର ରହିଛି ଯାହା ଦ୍ୱାରା ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରଖାଯାଇପାରିବ।

ଖସିଲା ଶେୟାର ବଜାର

ମୁମ୍ବାଇ,୩।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୩୧୯ (୩୧୯.୨୨) ପଏଣ୍ଟ କମି ୭୭,୧୮୭ (୭୭,୧୮୬.୭୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୨୧ (୧୨୧.୧୦) ପଏଣ୍ଟ ହ୍ରାସ ଘଟି ୨୩,୩୬୧(୨୩,୩୬୧.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

କେଦାର ରଞ୍ଜନ ଓପିଜିସିର ନୂଆ ଏମ୍‌ଡି

ଭୁବନେଶ୍ୱର,୩।୨: (ଅଭୟ ଦାଶ)

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ ବା ଓପିଜିସିର ନୂତନ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ କେଦାର ରଞ୍ଜନ ପାଣ୍ଡୁ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏପରିକି କେଦାର ଓପିଜିସିର ଭୁବନେଶ୍ୱର କର୍ପୋରେଟ୍ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଓପିଜିସିର ନିର୍ଦ୍ଦେଶକ (ଅର୍ଥ) ଗଗନ ବିହାରୀ ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉଲ୍ଲେଖଯୋଗ୍ୟ, କେଦାର ରଞ୍ଜନ ଭୁବନେଶ୍ୱରର ସିଇଟିରୁ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ଏବଂ ଆଇଆଇଟି ଦିଲ୍ଲୀରୁ ଏମ୍.ଟେକ୍. ଡିଗ୍ରୀ ହାସଲ କରିଥିଲାବେଳେ ଶକ୍ତି କ୍ଷେତ୍ରରେ ତାଙ୍କର ଦୀର୍ଘ ୩୯ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି। ଏପରିକି ସେ ୧୯୮୬ରେ ଏନ୍‌ଟିପିସି ଲିମିଟେଡ୍

କେଦାର ରଞ୍ଜନ ପାଣ୍ଡୁ

ସହ ଯୋଡି ହୋଇ ସେ ଇଞ୍ଜିନିୟରିଂ ଏକଜିକ୍ୟୁଟିଭ ଟ୍ରେନିଂ ଭାବେ କାର୍ଯ୍ୟ ଆରମ୍ଭ କରି ଦକ୍ଷିଣାଞ୍ଚଳର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ମଧ୍ୟରେ ସେ ବଦରପୁର, ଦାଦ୍ରି, ତାଳଚେର, ଭାଲୁର, ଦର୍ଲାପାଲି, ରାମାଗୁଣ୍ଡମସ୍ଥିତ ବିଭିନ୍ନ ଏନ୍‌ଟିପିସି ପ୍ଲାଣ୍ଟରେ ଭିନ୍ନ ଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି।

ମେଡିକାରେ ସେବା ଦେବେ ମଣିପାଲ ହସ୍ପିଟାଲ ଡାକ୍ତର

ଭୁବନେଶ୍ୱର,୩।୨

କଳିଙ୍ଗ ନଗର ସ୍ଥିତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଚିକିତ୍ସକମାନେ ରୋଗୀ ସେବା ଆରମ୍ଭ କରିଛନ୍ତି। ଏପରିକି ପ୍ରାରମ୍ଭିକ ଷ୍ଟେଜରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ସହ ହୃଦରୋଗୀ, ବ୍ରେନ୍ ବା ସ୍ନାୟୁରୋଗୀ ଏବଂ କ୍ୟାନସର ରୋଗୀମାନେ ଡାକ୍ତରଙ୍କ ପରାମର୍ଶ କରିପାରିବେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଲିଙ୍ଗରାଜ ନାଥ ପ୍ରତିମାସ ଦ୍ୱିତୀୟ ଶୁକ୍ରବାର, ବରିଷ୍ଠ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ଦୀପକ କୁମାର ପରିଡ଼ା ପ୍ରତିମାସ ପ୍ରଥମ ଏବଂ ତୃତୀୟ ମଙ୍ଗଳବାର ଏବଂ କ୍ୟାନସର ରୋଗ ବିଶେଷଜ୍ଞ ଡାକ୍ତର ସଚିନ ଶେଖର ବିଶ୍ୱାଳ ପ୍ରତିମାସ ତୃତୀୟ ଗୁରୁବାର ଟାଟା ମେଡିକାରେ ସକାଳ ୧୦ଟା୩୦ ମିନିଟ୍‌ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଟାଟା ମେଡିକାରେ ରୋଗୀଙ୍କୁ ପରାମର୍ଶ ଦେବେ। ହୃଦ୍‌ରୋଗ ବିଶେଷଜ୍ଞ ତଥା ଡାଇରେକ୍ଟର କ୍ୟାଥଲାବ ଡା. ଲିଙ୍ଗରାଜ ନାଥଙ୍କ ୧୬ରୁ ଊର୍ଦ୍ଧ୍ୱ ବର୍ଷର ଅଭିଜ୍ଞତା ଅଛି, ସେ ଆଞ୍ଜିଓପ୍ଲାଷ୍ଟି, ଜଟିଳ ହୃଦ୍‌ରୋଗ ଏବଂ ଆଡଭାନସ୍ କାର୍ଡିଓଭାସ୍କୁଲାର ରୋଗର ସଫଳ ଚିକିତ୍ସା ପାଇଁ ସୁପରିଚିତ ଥିଲାବେଳେ ଡା. ଦୀପକ କୁମାର ପରିଡାଙ୍କର ଦୀର୍ଘ ୧୫ ବର୍ଷରୁ ଅଧିକ ବର୍ଷର ଅଭିଜ୍ଞତା ରହିଛି। ସେ ଦୁର୍ଘଟଣା ଜନିତ ମସ୍ତିଷ୍କ ଆଘାତ, ବ୍ରେନ୍ କ୍ୟାନସର, ମେରୁଦଣ୍ଡ ସମସ୍ୟା, ଜଟିଳ ସ୍ନାୟୁଗତ ସମସ୍ୟା, ଅପସ୍ମାର ବାତ ରୋଗ, ଛୋଟ ପିଲାଙ୍କ ବ୍ରେନ୍ ସର୍ଜରି ପାଇଁ ସୁପରିଚିତ ଅଟନ୍ତି। ଠିକ୍ ସେହିଭଳି କ୍ୟାନସର ରୋଗ ବିଶେଷଜ୍ଞ ସଚିନ ଶେଖର ବିଶ୍ୱାଳଙ୍କର ବ୍ରେଷ୍ଟ କ୍ୟାନସର, ଫୁସଫୁସ୍ କ୍ୟାନସର ସମେତ ଅନ୍ୟାନ୍ୟ କ୍ୟାନସର ରୋଗର ସଫଳ ଚିକିତ୍ସା କରିବାରେ ୧୫ ବର୍ଷରୁ ଅଧିକ ବର୍ଷର ଅଭିଜ୍ଞତା ରହିଛି। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ମାଆ ବିରଜାଙ୍କ କ୍ଷେତ୍ର ଯାଜପୁରରେ ରୋଗୀ ସେବା ଆରମ୍ଭ କରିବା ଆମ ପାଇଁ ଗର୍ବର ବିଷୟ। ଏହା ଫଳରେ ଯାଜପୁର ଓ ଏହାର ଆଖପାଖ ଜିଲାର ରୋଗୀମାନେ ସହଜରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେଇପାରିବେ।

ବଜାରରେ ସୁଜୁକିର ଅଲ୍ ନ୍ୟୁ ଆସେସ୍ ୧୨୫

ଅଲ୍ ନ୍ୟୁ ଆସେସ ୧୨୫ର ଅନାବରଣ ଉତ୍ସବରେ ଉଭୟ ସୁଜୁକି ଇଣ୍ଡିଆ ଏବଂ ନାରାୟଣୀ ସୁଜୁକିର ଅଧିକାରୀ ଓ କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୩।୨

ଦେଶର ପ୍ରମୁଖ ଦୁଇ ଚକିଆ ନିର୍ମାତା ତଥା ସୁଜୁକି ଇଣ୍ଡିଆର ବହୁ ପ୍ରତୀକ୍ଷିତ ମଡେଲ 'ଅଲ୍ ନ୍ୟୁ ଆସେସ ୧୨୫'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ନାରାୟଣୀ ସୁଜୁକି କଟକ ରୋଡ ଝାରପଡ଼ା ଶୋ'ରୁମ୍‌ରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ସୁଜୁକି ଇଣ୍ଡିଆର ଆର୍‌ଏମ୍ ଟି.ଅସରଫ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପରୋକ୍ତ ମଡେଲକୁ ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଜୁକି ଇଣ୍ଡିଆର ଏରିଆ ମ୍ୟାନେଜର ଏମ୍. ମିଲନ୍‌ଦଙ୍କ ସମେତ ନାରାୟଣୀ ସୁଜୁକିର ଏମଡି ଦିଭିଜ ବୁଦ୍ଧରାଜ, ନିର୍ଦ୍ଦେଶିକା ରେହା ବୁଦ୍ଧରାଜ ଏବଂ ଜିଏମ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ଆସେସ ୧୨୫ରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଏବଂ ଅତ୍ୟାଧୁନିକ ଫିଚର ସାମିଲ ରହିଛି। ଏପରିକି ୧୨୫ସିସି ଇଞ୍ଜିନ ସହ ଆକର୍ଷଣୀୟ ଡିଜାଇନ ଏବଂ କଲରରେ ଏହି ମଡେଲ ଉପଲବ୍ଧ।

ବଜେଟରେ ଶିଳ୍ପ କ୍ଷେତ୍ରକୁ ପ୍ରାଧାନ୍ୟ

ଭୁବନେଶ୍ୱର,୩।୨

କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରାଯାଇଛି। ଏପରିକି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ତାଙ୍କ ଟିମ୍ ଏକ ଦୂରଦୃଷ୍ଟି ସମ୍ପନ୍ନ ବଜେଟ ପ୍ରସ୍ତୁତ କରିଥିଲାବେଳେ ଉକ୍ତ ବଜେଟରେ ଶିଳ୍ପ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ଏହି ବଜେଟ ଏକ ଭଲ ଓ ଜନ ହିତକାରୀ ହୋଇଥିଲାବେଳେ ମୋଟାମୋଟି ଭାବେ ଦେଖିବାକୁ ଗଲେ ଏହା ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବାକୁ ବଜେଟରେ ବିଭିନ୍ନ ଯୋଜନା ମଧ୍ୟ ଅନ୍ତର୍ଭୁକ୍ତ ରହିଛି, ଏଥିରେ ମଧ୍ୟବିତ୍ତ ବର୍ଗଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଇଛି।

ସେହିପରି ଏମ୍‌ଏସ୍‌ଏମ୍‌ଇ ହେଉଛି ବିକାଶର ୨ୟ ଇଞ୍ଜିନ। ଏହି ବଜେଟରେ ୭.୫ କୋଟି ଏମ୍‌ଏସଏମଇ କର୍ମଚାରୀଙ୍କ ଉପରେ ଫୋକସ୍ କରାଯାଇଛି। ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ପ୍ରାଧାନ୍ୟ ଦେଇ ଚଳିତ ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅଣୁ,

ସୁଶାନ୍ତ ପଣ୍ଡା

କ୍ଷୁଦ୍ର, ମଧ୍ୟମ (ମାଇକ୍ରୋ, ସ୍ମଲ, ମିଡିୟମ୍ ଏଣ୍ଟରପ୍ରାଇଜେସ୍)(ଏମ୍‌ଏସ୍‌ଏମ୍‌ଇ) ଶିଳ୍ପକୁ ଗୁରୁତ୍ୱ ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ଦେଶର ମେରୁଦଣ୍ଡ। ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ଦ୍ୱାରା ହିଁ ସର୍ବାଧିକ ନିଯୁକ୍ତି ମିଳିଥାଏ। କେନ୍ଦ୍ର ସରକାର ଚଳିତ ବଜେଟରେ ଏହି ସେକ୍ଟରକୁ ଗୁରୁତ୍ୱ ଦେଇ ପରୋକ୍ଷରେ ଯୁବକମାନଙ୍କ ଲାଗି ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବାକୁ ଯାଉଛନ୍ତି। ଏହି ପୋର୍ଟାଲରେ ଚଳିତ ବର୍ଷ ୧୦ଲକ୍ଷ ଏମ୍‌ଏସ୍‌ଏମ୍‌ଇ କମ୍ପାନୀକୁ ପଞ୍ଜୀକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ସରକାରଙ୍କ ଏଭଳିଆଭିମୁଖ୍ୟ ନିଶ୍ଚିତଭାବେ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ବୃଦ୍ଧି କରିବାରେ ସହାୟକ ହେବ ବୋଲି ସୁଶାନ୍ତ କହିଛନ୍ତି।

କେୟାର ହସ୍ପିଟାଲର ସ୍ୱତନ୍ତ୍ର ସର୍ଜରି କର୍ମଶାଳା

କର୍ମଶାଳାର ଉଦ୍‌ଘାଟନୀ ଅବସରରେ ନିମନ୍ତ୍ରିତ ଅତିଥିଙ୍କ ସମେତ କେୟାର ହସ୍ପିଟାଲର ଚିକିତ୍ସକ ଓ କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୩।୨

କେୟାର ହସ୍ପିଟାଲ ଭୁବନେଶ୍ୱର ୟୁନିଟ ପକ୍ଷରୁ ଏକ ସ୍ୱତନ୍ତ୍ର "ନ୍ୟୁରୋ ଏବଂ ସ୍ପାଇନ୍" ଲାଇଭ ସର୍ଜରି ତାଲିମ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଦେଶର ବହୁ ବିଶିଷ୍ଟ ନ୍ୟୁରୋ ସର୍ଜନ ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀ ଏକାଠି ହୋଇଥିଲେ, ଯାହା ନ୍ୟୁରୋସର୍ଜିକାଲ ଶିକ୍ଷା ଏବଂ ତାଲିମ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଥିଲା। କେୟାର ହସ୍ପିଟାଲର ନ୍ୟୁରୋସର୍ଜିକାଲ ବିଭାଗର ବରିଷ୍ଠ ପରାମର୍ଶଦାତା ଡା. ଆମ୍ବରଞ୍ଜନ ଦାଶଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କର୍ମଶାଳାରେ ବାଇପୋର୍ଟାଲ ଏଣ୍ଡୋସ୍କୋପିକ୍ ସ୍ପାଇନ୍ ସର୍ଜରିର ବର୍ତ୍ତମାନର ପ୍ରଭାବଶାଳୀ ଚିକିତ୍ସା ଉପରେ ଆଲୋକପାତ କରାଯାଇଥିଲା। ଏହି ଉନ୍ନତ କୌଶଳ ମେରୁଦଣ୍ଡ ସର୍ଜରି ରୋଗୀମାନଙ୍କ ଆରୋଗ୍ୟ ସମୟ ଓ ଜଟିଳତାର ବିପଦକୁ କମ କରିଥାଏ ଏବଂ ଉନ୍ନତ ଶଲ୍ୟ ଚିକିତ୍ସା ଫଳାଫଳ ପ୍ରଦାନ କରିଥାଏ। ଏହି କାର୍ଯ୍ୟକ୍ରମରେ ଲାଇଭ ଶଲ୍ୟ ଚିକିତ୍ସା ପ୍ରଦାନ କରାଯାଇଥିଲା। ଯେଉଁଥିରେ ଡା. ଦାଶ ଏବଂ ତାଙ୍କ ଟିମ୍ ବାଇପୋର୍ଟାଲ ଏଣ୍ଡୋସ୍କୋପିକ ସ୍ପାଇନ୍ ସର୍ଜରିର ଜଟିଳତା ଉପରେ ନିଜର ଅଭିଜ୍ଞତା ବାଣ୍ଟିଥିଲେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ଏହି ଉନ୍ନତ ଶଲ୍ୟ ଚିକିତ୍ସା ସମ୍ବନ୍ଧରେ ଶିଖିବାର ସୁଯୋଗ ମିଳିଥିଲା। ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର ଏହି ଅବସରରେ ଯୋଗ ଦେଇ ବାଇପୋର୍ଟାଲ ଏଣ୍ଡୋସ୍କୋପିକ ସର୍ଜରିରେ ସଫଳତାର ସହ ତାଲିମପ୍ରାପ୍ତ କରିଥିବା ଅଂଶଗ୍ରହଣକାରୀମାନଙ୍କୁ ସମ୍ମାନିତ କରିଥିଲେ।

ଅର୍ଚ୍ଚିତା ଏଙ୍କରର ବ୍ରାଣ୍ଡ୍ ଆମ୍ବାସାଡର

ନୂତନ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର,୩।୨

ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସ୍‌ର ପ୍ରମୁଖ ବ୍ରାଣ୍ଡ୍ ତଥା ଏଙ୍କର ଓରାଲ୍ କେୟାର୍‌ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଓଡ଼ିଆ ସିନେ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କୁ ନିଯୁକ୍ତ କରାଯାଇଛି। ଏପରିକି ଏଙ୍କର ପାଇଁ ଓଡ଼ିଶା ଏକ ପ୍ରମୁଖ ବଜାର ହୋଇଥିଲାବେଳେ ଅର୍ଚ୍ଚିତା ବ୍ରାଣ୍ଡର ଉପସ୍ଥିତି ବଢ଼ାଇବା ସହିତ ବଜାରର ସ୍ଥିତିକୁ ସୁଦୃଢ଼ କରିବାରେ ସହାୟକ ହେବେ ବୋଲି ବ୍ରାଣ୍ଡର ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି। ଏହି ଅବସରରେ ବ୍ରାଣ୍ଡର ନୂତନ ଉତ୍ପାଦ ଏବଂ ଟିଭିସିକୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ସେହିଭଳି ଏଙ୍କର ଓରାଲ୍ କେୟାର ପକ୍ଷରୁ ବ୍ରାଣ୍ଡର ପ୍ରମୁଖ ଉତ୍ପାଦ ଏଙ୍କର ରେଡ୍ ଗୁଥ୍‌ପେଷ୍ଟ ସମେତ ଏହାର ଉତ୍କୃଷ୍ଟ ଓରାଲ୍ କେୟାର ଉତ୍ପାଦ ବର୍ଗମାଳାକୁ ବର୍ଣ୍ଣନା କରୁଥିବା ଦୁଇଟି ଅଭିଯାନକୁ ମଧ୍ୟ ରାଜ୍ୟରେ ଉନ୍ମୋଚନ କରାଯାଇଛି। ଏପରିକି ଓଡ଼ିଶା ପାଇଁ

ଅର୍ଚ୍ଚିତାଙ୍କୁ ସମ୍ମାନିତ କରିବା ଅବସରରେ ବାମରୁ ଏଙ୍କରର ମାର୍କେଟିଂ ହେଡ ସନ୍ଦୀପ ଆବି, ବରିଷ୍ଠ ଉପସଭାପତି ସେଲ୍‌ସ ଅସିତ ରାୟ, ନିର୍ଦ୍ଦେଶକ କରନ ଶାହା ଏବଂ ନିର୍ଦ୍ଦେଶକ କୁନାଲ ଶାହା ଉପସ୍ଥିତ ଅଛନ୍ତି।

ପ୍ରସ୍ତୁତ କରାଯାଇଥିବା ନୂଆ ଟିଭିସି 'ଲାଲ୍, କମାଲ୍, ବେମିସାଲ୍' ଓ 'ନୟି ଜମାନେ କି ନୟି ସୁରକ୍ଷା'ର ଶୁଭାରମ୍ଭ କରାଯାଇଛି। ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସର ନିର୍ଦ୍ଦେଶକ କରନ ଶାହା କହିଛନ୍ତି, ଆମେ ଆମର ଉଚ୍ଚ ଗୁଣବତ୍ତା, ପ୍ରଭାବଶାଳୀ ଏବଂ ପ୍ରାକୃତିକ ଓରାଲ କେୟାର ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଅର୍ଚ୍ଚିତା ସାହୁଙ୍କ ସହ ଭାଗୀଦାରି କରି ଆମେ ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛୁ। ରାଜ୍ୟର ଓରାଲ କେୟାର ସଚେତନତା ବୃଦ୍ଧିରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ଏବଂ ବିଶ୍ୱାସ ଓ ଗୁଣବତ୍ତାର ପରମ୍ପରା ସହିତ ଏଙ୍କର ଓରାଲ କେୟାର ଓଡ଼ିଆ ଉପଭୋକ୍ତାଙ୍କୁ ଅଭିନବ ସମାଧାନ ପ୍ରଦାନ କରିବ। ଅର୍ଚ୍ଚିତା ସାହୁ କହିଥିଲେ, ଏଙ୍କର ଓରାଲ୍ କେୟାର ସହିତ ସହଭାଗିତା କରି ମୁଁ ବେଶ ଉତ୍ସାହିତ ଅଛି। ବ୍ରାଣ୍ଡ ବିଶ୍ୱାସ, ନବସୃଜନ ଓ ସାମଗ୍ରିକ ମୁଖ ସ୍ୱାସ୍ଥ୍ୟ ସହ ପରିପୂରକ ରହିଛି,ସାମଗ୍ରିକ କଲ୍ୟାଣ ପାଇଁ ଉତ୍ତମ ମୁଖ ସ୍ୱଚ

ଦୁର୍ଘଟଣା ଘଟାଇଥିବା ହାଇୱା ଚାଳକ ଗିରଫ

ବାଲିଅନ୍ତା,(ନୀଳମାଧବ ସାହୁ): ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁରସ୍ଥିତ ଜୟଦେବ ହାଇସ୍କୁଲ ନିକଟରେ ରବିବାର ଏକ ହାଇୱା ଗାଡ଼ି ଧକ୍କାରେ ସ୍ଥାନୀୟ ଅଞ୍ଚଳର ପୀତବାସ ପଣ୍ଡା (୭୫)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ତଦନ୍ତ କରି ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱା ଚାଳକ ନିଆଳି ଅଞ୍ଚଳର ନାରାୟଣ ସେନାପତି(୨୪) ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଘଟଣାସ୍ଥଳରେ ହିଁ ବୃଦ୍ଧ ପୀତବାସଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଏହି ଘଟଣାରେ ଗାଡ଼ିକୁ ଜବ୍ତ କରିଥିଲା। ଏନେଇ ପୋଲିସ ଥାନାରେ ଏକ ମାମଲା (ନଂ. ୪୧/୨୫) ରୁଜୁ କରିଛି।

ଆଜିଠାରୁ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା

ଭୁବନେଶ୍ୱର,୩।୨(ସୌମ୍ୟରଞ୍ଜନ ରାଉତ)

ପବିତ୍ର ମାଘ ସପ୍ତମୀ ମଙ୍ଗଳବାରଠାରୁ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ଆରମ୍ଭ ହେବ। ଏଥିଲାଗି ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ସାଧୁସନ୍ଥଙ୍କ ଆଗମନ ଲାଗି ରହିଛି। ବହୁ ନାଗା ସାଧୁ ଓ ଅନ୍ୟ ସାଧୁସନ୍ଥମାନେ ଖଣ୍ଡଗିରି ପାହାଡ଼ ପାଦଦେଶରେ ଯଜ୍ଞସ୍ଥଳ ନିର୍ମାଣ କରି ସେହି ମୁହୂର୍ତ୍ତକୁ ଅପେକ୍ଷା କରି ରହିଛନ୍ତି। ମଙ୍ଗଳବାର ପ୍ରାତଃରୁ ସାଧୁସନ୍ଥମାନେ ଚନ୍ଦ୍ରଭାଗାରେ ସ୍ନାନ କରି କଳସରେ ପବିତ୍ର ଜଳ ଆଣିବେ। ସେମାନେ ଖଣ୍ଡଗିରିଠାରେ ପହଞ୍ଚି 'ଖଣ୍ଡଖିରୀ' ଖାଇସାରି ସେଠାରେ ଧୁନି ସ୍ଥାପନ କରି ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ କରିବେ। ଏହା ପୂର୍ବରୁ ସୋମବାରଠାରୁ ପୂରା ଅଞ୍ଚଳ ସାଧୁସନ୍ଥମୟ ହୋଇଯିବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। କାଶୀ, ବାରାଣସୀ, ମଥୁରା ଓ ହରିଦ୍ୱାରରୁ ସାଧୁସନ୍ଥମାନେ ଖଣ୍ଡଗିରିକୁ ଆସିଛନ୍ତି। ଏହି କୁମ୍ଭମେଳା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଶାନ୍ତିଶୃଙ୍ଖଳାର ସହ ମେଳାର ପରିଚାଳନା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅନ୍ୟପଟେ ବୁଧବାର ସ୍ଥାନୀୟ ପାଛିକାଠାରେ ଐରଖାରବେଳ ମହୋତ୍ସବ ଓ ଗୁରୁବାରଠାରୁ ଯାତ୍ରା ମହାସମର ଆରମ୍ଭ ହେବ। ଚଳିତ ବର୍ଷ ୭ଟି ପେଣ୍ଡାଲରେ ନାଟକ ପରିବେଷଣ କରିବାକୁ ୧୩ଟି ଅପେରା ପାର୍ଟିକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି ବୋଲି ଖଣ୍ଡଗିରି ବାରଭୁଜା କମିଟି ସଦସ୍ୟ ଦରନବନ୍ଧୁ ଜେନା କହିଛନ୍ତି। ମେଳା, ମହୋତ୍ସବ ଓ ଯାତ୍ରା ଲାଗି ୬ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପୂରା ମେଳା ଉପରେ ନଜର ରଖିବା ଲାଗି ଆଖପାଖ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯିବା ସହ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି ବୋଲି ଖଣ୍ଡଗିରି ଆଇଆଇସି ଅଭିମନ୍ୟୁ ଦାସ ସୂଚନା ଦେଇଛନ୍ତି।

ଅଶ୍ଳୀଳ ନୃତ୍ୟ ରୋକିବ ଠେଙ୍ଗାବାହିନୀ

ଦ୍ୱିଅର୍ଥ ବୋଧକ କମେଡ଼ି ମନା

ଅଶ୍ଳୀଳତା ଆମ ସଂସ୍କୃତି ପ୍ରତି ଶୋଭନୀୟ ନୁହେଁ: ବାବୁ ସିଂ

ଭୁବନେଶ୍ୱର,୩।୨(ସୌମ୍ୟରଞ୍ଜନ ରାଉତ)

ଏଥର ଖଣ୍ଡଗିରି ମେଳାରେ ଅଶ୍ଳୀଳ ନୃତ୍ୟକୁ ବାରଣ କରାଯାଇଛି। ଏହାକୁ ରୋକିବା ପାଇଁ ୧୦୦ ଠେଙ୍ଗା ପ୍ରସ୍ତୁତ କରାଯାଇଛି। ମେଳାରେ ଯେଉଁଠି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ହେବ ସେଇଠି ପଡିବ ଠେଙ୍ଗା ପାହାର। ଏଥିପାଇଁ ସୋମବାର 'ମା ବାରଭୁଜା'ଙ୍କ ପାଖରେ ଠେଙ୍ଗା ପୂଜା କରାଯାଇଛି। ଏକ ସ୍ୱତନ୍ତ୍ର କ୍ୟାମ୍ପ କରାଯିବ ଓ ସେଠାରେ ଠେଙ୍ଗାଧାରୀ ଯୁବକ (ଠେଙ୍ଗା ବାହିନୀ) ପ୍ରସ୍ତୁତ ରହିବେ ବୋଲି ଖଣ୍ଡଗିରିସ୍ଥିତ ପାଛିକାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏକାମ୍ର ବିଧାୟକ ବାବୁ ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାର ସଂସ୍କୃତିକୁ ରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ। ମଙ୍ଗଳବାରଠାରୁ ଖଣ୍ଡଗିରି ଉଦୟଗିରିରେ କୁମ୍ଭମେଳା ଆରମ୍ଭ ହେବ। ଅନେକ ଅପେରା ପାର୍ଟି ଏଠାରେ ୭/୮ଦିନ ଯାତ୍ରା ପରିବେଷଣ କରିବେ। ଆମେ ମୋବାଇଲରେ ଦେଖିଛୁ ଗତ କିଛି ଦିନ ହେଲା ଅଶ୍ଳୀଳତା ବ୍ୟାପୁଛି, ଯାହାକି ଆମ ସଂସ୍କୃତି ପ୍ରତି ଆଦୌ ଶୋଭନୀୟ ନୁହେଁ। ଆମେ ଘୋଷଣା କରିଥିଲୁ ଆମ ସଂସ୍କୃତିକୁ ନଷ୍ଟ କରିଦିଆଯିବ ନାହିଁ। ଖଣ୍ଡଗିରି ହେଉଛି 'ତପପୀଠ'। ଏଠାରେ କେବଳ ସାଂସ୍କୃତିକ କାର୍ଯ୍ୟ ନୁହେଁ, ଆଧ୍ୟାତ୍ମିକ କାର୍ଯ୍ୟ ମଧ୍ୟ ହୁଏ। ତେଣୁ ଅଶ୍ଳୀଳତାକୁ ଏଠାରେ ପ୍ରଶ୍ରୟ ଦିଆଯିବ ନାହିଁ। ଏ ସମ୍ପର୍କରେ ଅପେରା ମାଲିକ ଓ ପ୍ରଶାସନକୁ ଅନୁରୋଧ କରାଯାଇଛି। ଯେଉଁ କଳାକାର ଅଶ୍ଳୀଳତା ପ୍ରଦର୍ଶନ କରିବେ ସେମାନଙ୍କୁ ସାବଧାନ କରିବା ପାଇଁ ଆଜି ଏଠାରେ ଠେଙ୍ଗା ପୂଜନ ହେଲା। ସମସ୍ତେ ମିଶି ନିଷ୍ପତ୍ତି ନେଇଛୁ ଅଶ୍ଳୀଳତାକୁ ସୁଯୋଗ ଦିଆଯିବ ନାହିଁ। ଆମେ କାହାକୁ ବ୍ୟାନ୍ କଥା କହିନାହୁଁ। ଯଦି କୌଣସି କମିଟି ଅଶ୍ଳୀଳତା ପ୍ରଦର୍ଶନ କରନ୍ତି, ସେଠାରେ ନାଚ ନିଶ୍ଚୟ ବନ୍ଦ ହେବ। ସ୍ଥାନୀୟ ଲୋକଙ୍କୁ ମଧ୍ୟ ଅନୁରୋଧ କରିବୁ ଏପରି ଅପେରାକୁ ଏଠାରେ ପ୍ରଶ୍ରୟ ଦିଅନ୍ତୁ ନାହିଁ। କେବଳ ଅଶ୍ଳୀଳ ନୃତ୍ୟ ନୁହେଁ, ଦୁଇ-ଅର୍ଥ ବୋଧକ କମେଡିକୁ ମଧ୍ୟ ପ୍ରଶ୍ରୟ ଦିଆଯିବ ନାହିଁ। ଯେଉଁମାନେ ସଂସ୍କୃତି ବିରୋଧୀ ସେମାନେ ରାଷ୍ଟ୍ରର ବିରୋଧୀ। ସରକାର ନିଶ୍ଚିତ ଭାବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଯଦି ଅଶ୍ଳୀଳତା ହେବ, ଠେଙ୍ଗା ମଧ୍ୟ ନିଶ୍ଚିତ ତା' କାମ କରିବ ବୋଲି ବିଧାୟକ ସିଂ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନୁଚିନ୍ତମର ପ୍ରତିଷ୍ଠାତା ତଥା ଡ. ଶ୍ରୀନିବାସ ଘଟୁଆରି, କର୍ପୋରେଟର ରାମଚନ୍ଦ୍ର ରଣସିଂ, ସ୍ଥାନୀୟ ନେତୃତ୍ୱ ହିମାଶୁ ଶେଖର ଛୋଟରାୟ ସ୍ୱୟଂ ସେବକ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଖବରଦାତା ସମ୍ମିଳନୀରେ ବିଧାୟକ ବାବୁ ସିଂଙ୍କ ସହ ଅନ୍ୟମାନେ ସୂଚନା ଦେଉଛନ୍ତି।

ଖଣ୍ଡଗିରି ମେଳାକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଦାବି

ଭୁବନେଶ୍ୱର, ୩।୨ (ବନ୍ଦନା ସେଠୀ)

ଖଣ୍ଡଗିରି କୁମ୍ଭମେଳାରେ ଦେଶର ବହୁ ସାଧୁସନ୍ଥ ଯୋଗଦେଉଛନ୍ତି। ଏଥିସହିତ ଦୋକାନ ବଜାର ଖୋଲୁଥିବାରୁ ମେଳାରେ ଜରି, ବୋତଲ, ପଲିଥିନ୍ ଆଦି ପ୍ଲାଷ୍ଟିକ ବହୁଳ ପରିମାଣରେ ବ୍ୟବହାର ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ମେଳାକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ଉଠାଦୋକାନୀ ମହାସଂଘ ସଭାପତି ତଥା ସାମାଜିକ କର୍ମୀ ପ୍ରତାପ ସାହୁ ଦାବି କରିଛନ୍ତି। ଏନେଇ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀ ଏବଂ ବିଏମ୍‌ସି କମିଶନରଙ୍କ ନିକଟରେ ଦାବି କରିଛନ୍ତି। ଏଥିସହିତ ମେଳାରେ ଅଂଶଗ୍ରହଣ କରୁଥିବା ଦୋକାନୀ ଏବଂ ଦର୍ଶକମାନେ ପ୍ଲାଷ୍ଟିକ ବ୍ୟାଗ ବଦଳରେ କପଡ଼ା ବ୍ୟାଗ ଧରି ବିଭିନ୍ନ ସାମଗ୍ରୀ କିଣିବା ଦରକାର। ସେହିପରି ଯେଉଁ ଗ୍ରାହକ ପ୍ଲାଷ୍ଟିକ ବ୍ୟାଗରେ ଜିନିଷ ନେବେ, ସେମାନଙ୍କୁ ଦୋକାନୀମାନେ ଜିନିଷ ନ ଦେବାକୁ ପ୍ରତାପ ନିବେଦନ କରିଛନ୍ତି। ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ପରିବେଶ ପ୍ରଦୂଷଣ ବଢିବାରେ ଲାଗିଛି। ସମୁଦ୍ର ଗୁଡ଼ିକରେ ପ୍ଲାଷ୍ଟିକ କଣିକାଗୁଡ଼ିକୁ ଖାଇ ମାଛମାନେ ବିଭିନ୍ନ ରୋଗରେ ପଡୁଥିବାବେଳେ ସହରରେ ବୁଲା ଗୋରୁଗାଈ, କୁକୁର ଏହାକୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଆମକୁ ଏବେଠାରୁ ପ୍ଲାଷ୍ଟିକରୁ ଦୂରେଇ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଲାଇଟ୍, ସାଉଣ୍ଡ ଗୋଦାମରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୩।୨(ସତ୍ୟଜିତ୍ ରାଉତ): ଭୁବନେଶ୍ୱର ତମାଣ୍ଡୋ ଥାନା ଅନ୍ତର୍ଗତ ଆଇଗିଣିଆ ଆଳୁଗଦି ଭିତରେ ଥିବା ଏକ ଲାଇଟ୍ ଓ ସାଉଣ୍ଡ ଗୋଦାମ 'ରିଏଲ୍ ସାଉଣ୍ଡ'ରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଦାମରେ ଥିବା ଲକ୍ଷାଧିକ ଟଙ୍କାର ଲାଇଟ୍, ତାର, ବିଭିନ୍ନ ପ୍ରକାର ଡିଜେ ବକ୍ସ ଆଦି ବୈଦ୍ୟୁତିକ ସାମଗ୍ରୀ ସମେତ ଅନ୍ୟାନ୍ୟ ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ ସୌଭାଗ୍ୟବଶତଃ କୌଣସି ଜୀବନ ହାନି ଘଟିନାହିଁ। ଗୋଦାମଟି ଦୁଇ ମହଲା ବିଶିଷ୍ଟ ହୋଇଥିବା ବେଳେ ପ୍ରଥମ ମହଲାରେ ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ

ଥିଲେ ସୁଦ୍ଧା ଶର୍ଟସର୍କିଟ୍‌ରୁ ଏହି ଅଘଟଣ ଘଟିଥାଇପାରେ ବୋଲି ଅଗ୍ନିଶମ ବାହିନୀ ସନ୍ଦେହ କରୁଛି। ସନ୍ଧ୍ୟା ପ୍ରାୟ ୫ଟା ୩୦ରେ ପ୍ରଥମ ମହଲାର ହଲ୍ ପଛପାର୍ଶ୍ୱରୁ ନିଆଁ ଲାଗିଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଚାହୁଁ ଚାହୁଁ ନିଆଁ ଅଧିକ ବ୍ୟାପିଯାଇଥିଲା। ଘଟଣାସ୍ଥଳ ସମେତ ପୁରା ଅଞ୍ଚଳର ଧୁଆଁମୟ ହୋଇଯାଇଥିଲା। ତମାଣ୍ଡୋ, ସେକ୍ରେଟେରିଏଟ୍, କଳ୍ପନା ଫାୟାର ଷ୍ଟେଶନ ଓ ଷ୍ଟ୍ରାଇକିଂ ଫାୟାର ଫୋର୍ସର ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।

ପାଣି ପାଇଁ ମହିଳାଙ୍କ ରାସ୍ତାରୋକୋ

ଭୁବନେଶ୍ୱର,୩।୨
(ସୂର୍ଯ୍ୟକାନ୍ତ ବେହେରା)

ଖରାଦିନ ନ ଆସୁଣୁ ଭୁବନେଶ୍ୱର ସହରରେ ଦେଖିବାକୁ ମିଳିଲାଣି ଜଳ କଷ୍ଟ। ଦୀର୍ଘ ଦିନ ଧରି ପାଣି ଆସୁ ନ ଥିବାରୁ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବୁଦ୍ଧବିହାର ବସ୍ତି ବାସିନ୍ଦା ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତେଣୁ ଏହାର ପ୍ରତିବାଦରେ ବସ୍ତିର ମହିଳା ଓ ପୁରୁଷ ସୋମବାର ସାଲିଆ ସାହିରୁ ଉତ୍କଳ ହସ୍ପିଟାଲ ଦେଇ ଯାଇଥିବା ୨ଶହ ଫୁଟିଆ ରାସ୍ତାରୋକୋ କରି ଧାରଣା ଦେଇଛନ୍ତି। ମହିଳାମାନେ ବାଲ୍‌ଟି, ଡେକିଚି ଧରି ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଫଳରେ ସେଇ ରାସ୍ତା ଦେଇ ଯାଉଥିବା ବହୁ ଗାଡ଼ି ଅଟକି ରହିବାରୁ ଟ୍ରାଫିକ୍ ଜାମ୍ ହୋଇଥିଲା। ଖବରପାଇ ଚନ୍ଦ୍ରଶେଖରପୁର ଓ ମୈତ୍ରୀବିହାର ପୋଲିସ ବୁଝାଶୁଝା କରିବା ସହ ପାଣି ଆସିବା ପାଇଁ ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ଦେବାରୁ ଧାରଣାରୁ ହଟିଥିଲେ।

ଜଳବାୟୁ ଏବଂ ଜଳ, ପରିମଳ ତଥା ପରିଚ୍ଛନ୍ନତା ଉପରେ କର୍ମଶାଳା

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ବିଜିଭିଏସ୍ ଏବଂ ୟୁନିସେଫ ଓଡ଼ିଶା ସହଯୋଗରେ ୟୁଥ୍ ଫର ୱାଟର ପ୍ଲସ୍ ବିଭିନ୍ନ କଲେଜର ଜାତୀୟ ସେବା ଯୋଜନା (ଏନଏନଏସ), ପ୍ରୋଗ୍ରାମ ଅଫିସର ମାନଙ୍କ ପାଇଁ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏନଏସଏସ୍ କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ଜଳବାୟୁ ଏବଂ ଜଳ, ପରିମଳ ତଥା ସ୍ୱଚ୍ଛତା ଯଉପରେ ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା। କର୍ମଶାଳାରେ ସାରା ଓଡ଼ିଶାର ବିଭିନ୍ନ କଲେଜରୁ ପ୍ରାୟ ୭୦ ଜଣ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ସହ-ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା ତାଙ୍କ ଅଭିଭାଷଣରେ, ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ୟୁନିସେଫ ଓଡ଼ିଶାର ଶିପ୍ରା ସକ୍ସେନା ଜଳବାୟୁ ସ୍ଥିରତାରେ ଯୁବପିଢ଼ି ମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ୟୁନିସେଫ ନୂଆଦିଲ୍ଲୀର ଜାତୀୟ ପରିମଳ ବିଶେଷଜ୍ଞ ବର୍ଣ୍ଣାଲି ଘୋଷ ନିରାପଦ ପରିମଳ ଏବଂ ପରିଚ୍ଛନ୍ନତା ଉପରେ ଉପସ୍ଥାପନ କରିଥିଲେ। ୟୁଥ ଫର୍ ୱାଟର୍ ପ୍ଲସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଧିବେଶନ ଶୁଭ୍ରସିମା ମହାନ୍ତିଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା।

ଗଣମାଧ୍ୟମ ବିନା ଭୟ, ପକ୍ଷପାତିତାରେ ଗଠନମୂଳକ ସମାଲୋଚନା କରୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୨(ସୌମ୍ୟରଞ୍ଜନ ରାଉତ)

ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଏହାର ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ରହିଛି। ତେଣୁ ଗଣମାଧ୍ୟମ ବିନା ଭୟ ଓ ପକ୍ଷପାତିତାରେ ଗଠନମୂଳକ ସମାଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ସୋମବାର ସ୍ଥାନୀୟ ଏକ ହୋଟେଲରେ ସମ୍ବାଦ ଗ୍ରୁପ୍ ପକ୍ଷରୁ ଆୟୋଜିତ କର୍ପୋରେଟ ଏକ୍ସିଲେନ୍ସ ଆୱାର୍ଡ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ କହିଲେ, ଲୋକଙ୍କ ସମସ୍ୟା ଓ ପ୍ରସଙ୍ଗକୁ ନଜରକୁ ଆଣିଲେ, ସମାଧାନ କରିବା ପାଇଁ ସରକାରଙ୍କୁ ଏହା ସାହାଯ୍ୟ କରିବ। କିନ୍ତୁ ଖବର ପରିବେଷଣ ଓ ଅଭିସନ୍ଧିମୂଳକ କୁତ୍ସାରଟନା ଭିତରେ ଯେଉଁ ସୂକ୍ଷ୍ମ ଲକ୍ଷ୍ମଣରେଖା ରହିଛି, ତାକୁ ମଧ୍ୟ ସମ୍ମାନ ଦେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଇଷ୍ଟର୍ନ ମିଡିଆ ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ, ଓଡ଼ିଶାରେ ଏବେ ଯେଉଁ ପରିବର୍ତ୍ତନ ହୋଇଛି, ତାହା ଏକ ନୂଆ ଯୁଗର ସଂକେତ ଦେଇଛି। ଏବେ ଆମେ ଓଡ଼ିଶାକୁ ଉତ୍କୃଷ୍ଟ କରିବା ପାଇଁ ଅଗ୍ରସର ହେଉଛୁ। ତେଣୁ ଓଡ଼ିଶାରେ ସବୁଲୋକ ଉତ୍କର୍ଷର ଉପାସକ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି ଅବସରରେ ୫ଟି ବର୍ଗରେ ୧୭ଟି ବ୍ରାଣ୍ଡକୁ ପୁରସ୍କୃତ କରାଯାଇଥିଲା। ଇଷ୍ଟର୍ନ ମିଡିଆର ନିର୍ଦ୍ଦେଶିକା ଡ. ମୋନିକା ପଟ୍ଟନାୟକ, ସମ୍ବାଦ ଓ କନକ ନ୍ୟୁଜ୍‌ର ସମ୍ପାଦିକା ତନୟା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ।

ନବନିଯୁକ୍ତ ଅନୁଦାନପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ କର୍ମଶାଳା

ଭୁବନେଶ୍ୱର,୩।୨(ସୁଚିସ୍ମିତା ସାହୁ)

ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଆଚରଣ ଓ ଉଚ୍ଚାରଣ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟକୁ ଆସୁଥିବା ଅଭିଭାବକଙ୍କଠାରୁ ବିଦ୍ୟାର୍ଥୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହିତ ଉତ୍ତମ ବ୍ୟବହାର କରିବାକୁ ସମ୍ବଲପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ନବନିଯୁକ୍ତ ଅନୁଦାନପ୍ରାପ୍ତ ବେସରକାରୀ ସ୍ନାତକୋତ୍ତର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଓଡ଼ିଶା ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଉଦ୍‌ଘାଟିତ ୫ଦିନିଆ କର୍ମଶାଳାରେ ଯୋଗଦେଇ ସେ ଏହା କହିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର୍ ଆୟାର୍ ଜାତୀୟ ଶିକ୍ଷାନୀତି ୨୦୨୦ ଅନ୍ତର୍ଗତ ଆବଶ୍ୟକ ପରିବର୍ତ୍ତନ ସମ୍ପର୍କରେ ଅବଗତ କରାଇବା ସହ ପରୀକ୍ଷା ସମ୍ପର୍କିତ ଦିଗ୍‌ଦର୍ଶନ ଦେଇଥିଲେ। ବିଭାଗର ଅତିରିକ୍ତ ଶାସନସଚିବ ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷା ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଲି, ଯୁଗ୍ମ ନିର୍ଦ୍ଦେଶିକା ଜୁଲି ମଙ୍ଗରାଜ ଉପସ୍ଥିତ ଥିଲେ।

ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବାଲକାଟୀ,୩।୨(ମନୋଜ ମଣ୍ଡଳ)

ବାଲକାଟୀ ଫାଣ୍ଡି ନିକଟ ବସନ୍ତପେଡ଼ି ଗାଁମୁଣ୍ଡରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ବସନ୍ତପେଡ଼ି ଗ୍ରାମର ରଜତ ମହାନ୍ତି(୨୭)। ରଜତ ଓ ଆକ୍ରମଣକାରୀ ଯୁବକ ଚିହ୍ନା ପରିଚିତ। ଉଭୟ ସନ୍ଧ୍ୟାରେ ବାଇକ୍‌ରେ ବଜାରରୁ ଫେରୁଥିବାବେଳେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଯୁବକ ଜଣକ ରଜତଙ୍କୁ ପଥରରେ ଆକ୍ରମଣ କରିବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ରଜତଙ୍କୁ ଉଦ୍ଧାର କରି ବାଲକାଟୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା।

ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୩।୨(ସୁଚିସ୍ମିତା ସାହୁ)

ଭାରତୀୟ ରେଡ୍‌କ୍ର

ବେଆଇନ ବାଲିଚାଲାଣ : ୩ ଗିରଫ

ସାଲେପୁର, (ଅରବିନ୍ଦ ଭୂୟାଁ): ବିରୂପା ନଦୀରୁ ବେଆଇନ ଭାବେ ବାଲି ଉଠାଇ ବାହାର ଅଞ୍ଚଳକୁ ଚାଲାଣ କରୁଥିବା ସମୟରେ ସାଲେପୁର ପୋଲିସ ୨ଟି ହାଇୱା ଓ ଏକ ଟ୍ରକ୍ ଜବତ କରିଛି। ଏହି ଅଭିଯୋଗରେ ୩ଜଣ ଚାଳକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରା କଣାସ ଅଞ୍ଚଳର ନବଘନ ବେହେରା, ମହାଜନପୁର ଅଞ୍ଚଳର ପୀତବାସ ଦାସ, ଟାଙ୍ଗୀ ନିମେଇସାପୁର ଅଞ୍ଚଳର ନିରଞ୍ଜନ ରାଉତ। ଏନେଇ ଥାନାରେ ମାମଲା (ନଂ.୩୩/୨୫) ରୁଜୁ କରାଯାଇଛି।

ସଂକ୍ଷେପରେ

ଆଜି ମାଘସପ୍ତମୀ: ସୁନାମୁହିଁ ଘାଟକୁ ଗଲେ ଶୋଭନେଶ୍ୱର

ନିଆଳି,୩।୨ (ସୁକାନ୍ତ କୁମାର ସିଂହ)

ମାଘସପ୍ତମୀ ବୁଢ଼ ଉପଲକ୍ଷେ ନିଆଳି ଅଞ୍ଚଳର ଆରାଧ୍ୟ ଶୋଭନେଶ୍ୱର ମହାଦେବ ସୋମବାର ସନ୍ଧ୍ୟାରେ ଶୋଭାଯାତ୍ରାରେ ଦିନାସିଂହପାଟଣା ନିକଟସ୍ଥ ପ୍ରାଚୀ ନଦୀର ସୁନାମୁହିଁ ଘାଟକୁ ଯାତ୍ରା କରିଛନ୍ତି। ମନ୍ଦିରରେ ବିଭିନ୍ନ ନୀତିକାନ୍ତି ସରିବା ପରେ ଶୋଭନେଶ୍ୱରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଉମାଙ୍କୁ ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ନିଆଯାଇ ସୁନାମୁହିଁ ଘାଟ ନିକଟ ସ୍ୱତନ୍ତ୍ର ମଣ୍ଡପରେ ଅବସ୍ଥାପିତ କରାଯାଇଥିଲା। ଘାଟ ନିକଟରେ ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଥିବାବେଳେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପ୍ରାତଃ ସମୟରେ ଠାକୁର ବୁଡ ପକାଇବା ପରେ ଭକ୍ତମାନେ ବୁଡ଼ ପକାଇବା ପରମ୍ପରା ରହିଛି।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବର୍ଷିକ ଉତ୍ସବ

ଖୁଣ୍ଟୁଣୀ, ୩।୨ (ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡିଖଟିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ ତମ ବର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ର ଭାଜପା ଯୁବନେତା ଅଭୟ କୁମାର ବାରିକ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ମଧୁମତୀ ସାହୁ ବାର୍ଷିକ ବିବରଣୀ ପାଠ, ପରିଚାଳନା କମିଟି ସଭାପତି ଡଃ ଅମୀୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ସମ୍ପାଦକ ସମୀର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୁରୁଡିଖଟିଆ ମା' ବାସନ୍ତୀଦୁର୍ଗା କଳାପରିଷଦ ସମ୍ପାଦକ ମାନସ କୁମାର ପଣ୍ଡା ଯୋଗଦେଇ କୃତୀ କଳାକାରଙ୍କୁ ପୁରସ୍କୃତ କରଥିଲେ।

୭ରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ

କଣ୍ଟାପଡ଼ା, ୩।୨ (ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକସ୍ଥିତ ଅଡ଼ଶପୁର ଜୟଦେବ ମେମୋରିଆଲ ଫୁଟ୍‌ବଲ୍ କ୍ଲବ୍ ପକ୍ଷରୁ ୫୦ତମ ୩ ଦିନିଆ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଆସନ୍ତା ୭ତାରିଖରୁ ଆରମ୍ଭ ହେବ। ଅଡ଼ଶପୁରସ୍ଥିତ କଲେଜ ଷ୍ଟାଡିୟମଠାରେ ଆୟୋଜନ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୮ଟି ଟିମ୍ ଅଂଶଗ୍ରହଣ କରିବେ। ୭ରେ କ୍ୱାର୍ଟର ଫାଇନାଲ, ୮ ତାରିଖରେ ୨ଟି ସେମି ଫାଇନାଲ ଓ ୯ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୋମବାର ଅଡଶପୁର ଷ୍ଟାଡିୟମଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ କ୍ଲବ୍ ସଭାପତି ରମେଶ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ରାଧେଶ୍ୟାମ ସାହୁ, ଉପସଭାପତି ପ୍ରଶାନ୍ତ କୁମାର ପ୍ରଧାନ, କୋଷାଧକ୍ଷ ବିଚିତ୍ରାନନ୍ଦ ଦାସ, ସଭ୍ୟ କୈଳାସ ଚନ୍ଦ୍ର ବେହେରା, ପ୍ରକାଶ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ନାୟକ, ସୁଜିତ୍ କୁମାର ପ୍ରହରାଜ, ସୁନୀଲ ବେହେରା, ବିଜ୍ଞାନ ମହାରଣା, ମାଧବ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଇସି ପୁନର୍ଗଠନ ନ କରିବା ପାଇଁ ଦାବିପତ୍ର

କଣ୍ଟାପଡ଼ା, ୩।୨ (ସୁରନାରାୟଣ ସାହୁ)

ମିଶନଶକ୍ତି ଓ ଓଡ଼ିଶା ଜୀବିକାମିଶନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଜିପିଏଲ୍‌ଏଫ୍ ଇସି ପୁନର୍ଗଠନ ପ୍ରକ୍ରିୟା ବନ୍ଦ କରିବା ପାଇଁ ଓଡ଼ିଶା ଜୀବିକାମିଶନ ସଂଘ କଣ୍ଟାପଡ଼ା ଶାଖା ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ସ୍ୱପ୍ନିତା ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ପୂର୍ବ ସରକାରଙ୍କ ଦ୍ୱାରା ବ୍ଲକ ଓ ପଞ୍ଚାୟତସ୍ତରରେ ୨ବର୍ଷିଆ ଇସି ନିଯୁକ୍ତ କରାଯାଇଥିଲା। ବିନା ପାରିଶ୍ରମିକରେ ଉକ୍ତ ଇସିମାନେ ୨୦୨୧ ମସିହା ପର୍ଯ୍ୟନ୍ତ ତୃଣମୂଳସ୍ତରରେ ମହିଳା ସଶକ୍ତୀକରଣ ପାଇଁ କାମ କରିଆସୁଥିଲେ। ୨୦୨୨ରେ ରାଜ୍ୟ ସରକାର ସେମାନଙ୍କୁ ସ୍ୱଳ୍ପ ପାରିଶ୍ରମିକ ଦେଇଆସୁଥିଲେ। ୨୦୨୪ରେ ସୁଟି ବାବଦ ରଣ ପାଇଥିବା ଇସିମାନେ ସ୍ୱଳ୍ପ ପାରିଶ୍ରମିକ ଯୋଗୁ ତାହାକୁ ଶୁଝି ପାରି ନ ଥିବାବେଳେ ରାଜ୍ୟ ମିଶନଶକ୍ତି ବିଭାଗର ନିର୍ଦ୍ଦେଶକ ଓ କମିଶନରଙ୍କ ପକ୍ଷରୁ ଇସି ପୁନର୍ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ସୁଟି ରଣ ନେଇ ଶୁଝିପାରି ନ ଥିବା ଇସିମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ପୁନର୍ଗଠନ ଆଳରେ ପୁରୁଣା ଇସିମାନଙ୍କୁ ବାହର ନ କରିବା ପାଇଁ ଇସି ସଂଘ କଣ୍ଟାପଡ଼ା ଶାଖା ପକ୍ଷରୁ ଶତାଧିକ ଇସି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଜଙ୍ଗଲ ଜମିରେ ପାଚେରି ନିର୍ମାଣକୁ ବିରୋଧ

ଧାରଣାରେ ଗ୍ରାମବାସୀ

ମଙ୍ଗୁଳି-ଜଗତପୁର,୩।୨ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମହିଷାଲଣ୍ଡା ପଞ୍ଚାୟତ ଆମ୍ବିଲିଝରୀ ମୌଜା ଅଧୀନରେ ଥିବା ଶାଗୁଆନ ଜଙ୍ଗଲ ଜମିରେ ପାଚେରି ନିର୍ମାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧକରି ୫ଦିନ ହେବ ଧାରଣାରେ ବସିଛନ୍ତି। ବେଆଇନ ଭାବେ ଶାଗୁଆନ ଓ ଶାଳଗଛ କାଟି ବିକ୍ରି କରିବା ଉଦ୍ଦେଶ୍ୟରେ ଜଣେ ଉଦ୍ୟୋଗପତିଙ୍କ ହାତକୁ ଏହି ଜମି ଟେକି ଦିଆଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହ ଏ ବିଷୟରେ ଆଲୋଚନା କରାଯାଇନାହିଁ।

ସୂଚନା ଅନୁଯାୟୀ, ଦୀର୍ଘବର୍ଷ ହେବ ଏହି ଜଙ୍ଗଲ ଜମିରେ ଶତାଧିକ ପରିବାର କୁଡିଆ ନିର୍ମାଣ କରି ବସବାସ କରୁଛନ୍ତି। ୨୦୨୦ ନଭେମ୍ବର ୧୭ ତାରିଖରେ କଟକର ଜଣେ ବ୍ୟକ୍ତି ଏହି ଜମିକୁ ଅଧିଗ୍ରହଣ କରିବା ପାଇଁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ବିରୋଧ କରିଥିଲେ। ପରେ ଏହି ଜମିରେ ଜଙ୍ଗଲ ବିଭାଗ ପକ୍ଷରୁ ହଜାର ହଜାର ସଂଖ୍ୟକ ଶାଗୁଆନ ଓ ଶାଳଗଛ ଲଗାଯାଇଥିଲା। ଏହାର ରକ୍ଷଣାବେକ୍ଷଣ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ପଞ୍ଜୀକୃତ ମା' ଦୁଃଖୀ ଭୁଆଶୁଣୀ ସୁରକ୍ଷା କମିଟିକୁ ଦାୟିତ୍ୱ ଦିଆଯାଇଥିଲା। ସେବେଠାରୁ ଉକ୍ତ ଜମିରେ ଶତାଧିକ ପରିବାର କୁଡିଆ ନିର୍ମାଣ କରିବା ସହ ଜଙ୍ଗଲକୁ ସୁରକ୍ଷା ଦେଇଆସୁଛନ୍ତି। ଗତ ସୋମବାର ଚୌଦ୍ୱାର ଅଞ୍ଚଳର ଜଣେ ବ୍ୟକ୍ତି ନିଜ ଜମି ଦର୍ଶାଇ ଅଦାଲତରେ ମାମଲା କରି ମାପଚୁପ ପାଇଁ ପୋଲିସ ସହାୟତାରେ ଜଙ୍ଗଲ ଚତୁଃପାର୍ଶ୍ୱରେ ସିମେଣ୍ଟ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଜଙ୍ଗଲ ଜମିକୁ କିଭଳି କାହାକୁ ପଟ୍ଟା ପ୍ରଦାନ କରାଗଲା ସେନେଇ ଆଦିବାସୀ ଲୋକମାନେ ସନ୍ଦେହ କରି କାମ ବନ୍ଦ କରିଥିଲେ। ଗ୍ରାମର ଆଦିବାସୀ ଲୋକଙ୍କୁ ଏଫ୍‌ଆର୍‌ସି ମାଧ୍ୟମରେ କାହିଁକି ଜଙ୍ଗଲ ଜମି ଦିଆଯାଇନାହିଁ ସେ ସମ୍ପର୍କରେ ତଦନ୍ତ କରି ତୁରନ୍ତ ସେମାନଙ୍କୁ ପଟ୍ଟା ଯୋଗାଇ ଦେବା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଯଦି ପ୍ରଶାସନ ସେମାନଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ସେଠାରୁ ହଟାଇବା ପାଇଁ ଚକ୍ରାନ୍ତ କରେ ଭିଟାମାଟି ପାଇଁ ମରିବୁ ପଛେ ଆଇନକୁ ହାତକୁ ନେବାକୁ ପଛାଇବୁ ନାହିଁ ବୋଲି ଧାରଣାରତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ପାଚେରି ନିର୍ମାଣକୁ ବିରୋଧ କରି ଗ୍ରାମବାସୀ ଧାରଣା ଦେଇଛନ୍ତି।

ସ୍ମାର୍ଟ୍ ମିଟରକୁ ବିରୋଧ କରି କଟକ ରାଣୀହାଟ ଛକସ୍ଥିତ ବିଦ୍ୟୁତ୍ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ମାର୍ଥାପୁର ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ ଦାବି

ବାରଙ୍ଗ/ତ୍ରିଶୂଳିଆ,୩।୨ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ମାର୍ଥାପୁରରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପିଲାସଂଖ୍ୟା କମ୍ ଥିବା ଦର୍ଶାଯାଇ ପାଖ ନରାଜ ବିଦ୍ୟାଳୟରେ ଏହାକୁ ମିଶ୍ରଣ କରାଯାଇଥିଲା। କିନ୍ତୁ ମାର୍ଥାପୁର ଗ୍ରାମବାସୀଙ୍କ ସହ ଅଭିଭାବକମାନେ ପିଲାଙ୍କ ଯାତାୟାତର ଅସୁବିଧାକୁ ଦୃଷ୍ଟିରେ ରଖି ପୁନଃ ବିଦ୍ୟାଳୟ ଚାଲୁ ରଖିବାକୁ ସୋମବାର କଟକ ଉପଜିଲାପାଳ ଓ ବାରଙ୍ଗ ବିଡିଓଙ୍କୁ ଭେଟି ଦାବପତ୍ର ପ୍ରଦାନ କରଛନ୍ତ। ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ କଥାକୁ ଗୁରୁତ୍ୱ ଦିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅଭିଭାବକ କଟକ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ବାରଙ୍ଗ ତହସିଲଦାର ବିଦ୍ୟାଳୟକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ଦାବିପତ୍ର ଦେବାବେଳେ ମମତା ବେହେରା, ମଞ୍ଜୁଲତା ବିଶ୍ୱାଳ, କୁନଲତା ନାୟକ, ପୁଷ୍ପଲତା ପାଇଟାଳ, ରଶ୍ମିତା ପାଇଟାଳ, ଅମ୍ବିକା ବିଶ୍ୱାଳ, ସମିତା ଓଝା, ସୌଦାମିନୀ ପାଇଟାଳ, ବିଦ୍ୟାଳୟ ସୁରକ୍ଷା କମିଟିକଟକ ଜିଲା ସଂଯୋଜକ ଈଶା ଧର ଓ ବାରଙ୍ଗ ବ୍ଲକ ସଂଯୋଜକ ରାଜେଶ ରାଉତଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।

'ମହୋତ୍ସବ ଦ୍ୱାରା ଭାଇଚାରା ସୁଦୃଢ଼ ହୁଏ'

ଖୁଣ୍ଟୁଣୀ,୩।୨ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ ହାଇସ୍କୁଲ ଖେଳପଡ଼ିଆଠାରେ ଦ୍ୱିତୀୟ ବାର୍ଷିକ ଚାରିଦେଶ ପଲ୍ଲୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ମହୋତ୍ସବ ଦ୍ୱାରା ଭାଇଚାରା ସୁଦୃଢ଼ ହୋଇଥାଏ। ଚାରିଦେଶ ବିକାଶ ମଞ୍ଚର ସମ୍ପାଦକ ଅରୂପ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ମହୋତ୍ସବରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, ରାଧାକିଶୋରପୁର ସରପଞ୍ଚ ବିନୋଦ ମାଝୀ, ଖୁଣ୍ଟୁଣୀ ସମିତି ସଭ୍ୟ ଗଗନ ବିହାରୀ ପରିଡା, କଣ୍ଡରେଇ ପଞ୍ଚାୟତ ବିଜେଡି ସଭାପତି ହୃଷୀକେଶ ପରିଡା, ବିକାଶ ମଞ୍ଚ ଉପଦେଷ୍ଟା ପ୍ରତ୍ୟୁଷ ବେଉରା, ବରୁଣକାନ୍ତ ବେହେରା ଯୋଗଦେଇଥିଲେ। ବିକାଶ ମଞ୍ଚ ସଭାପତି ଅନିଲ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ସାବିତ୍ରୀପୁର ହନୁମାନ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ପରେ ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଲୋକମାନେ ମିନାବଜାର ବୁଲି ଦୋଳିରେ ବସିବା ସହ ଚଟ୍‌ପଟି ଖାଦ୍ୟର ମଜା ନେଇଥିଲେ।

ନିପୁଣ ଓଡ଼ିଶା ମେଳା, ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ

ମାଣିଆବନ୍ଧ,୩।୨ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ରଗଡ଼ିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ନିପୁଣ ଓଡ଼ିଶା ମେଳା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନରସିଂହପୁର ବ୍ଲକର ପ୍ରାକ୍ତନ ବିଇଓ ଶ୍ରୀନିବାସ ପ୍ରଧାନ, ମୁଖ୍ୟବକ୍ତା ଭାବେ ଦିନିଆରୀ ଉନ୍ନୀତ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ରାଉତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନାତନ ବେହେରା, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଭଗବାନ ବେହେରା, ଶିକ୍ଷାବିତ୍ ଆହ୍ଲାଦ କୁମାର ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ।

ଖୋର୍ଦ୍ଧାକୁ ହରାଇ ସେମିରେ କଟକ

ତିଗିରିଆ,୩।୨ (କାଫର ଖାଁ)

ରାଜ୍ୟସ୍ତରୀୟ ପାଞ୍ଚଗାଁ ଫୁଟବଲ ଟୁର୍ନାମେଣ୍ଟ

ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତସ୍ଥିତ ମିନିଷ୍ଟାଡିୟମଠାରେ ସୋମବାର ନବମ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଦିବ୍ୟଜ୍ୟୋତି ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଖୋର୍ଦ୍ଧାର ଆରତଏନ ଏକାଡେମୀ ଓ କଟକର ରକ୍‌ଷ୍ଟାର କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ କଟକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ କଟକ ୨ଟି ଗୋଲ ସ୍କୋର୍ କରିଥିଲା। ଦ୍ୱିତୀୟାର୍ଦ୍ଧରେ କଟକ ଆଉ ୩ ଗୋଲ୍ ସ୍କୋର କରିଥିବାବେଳେ ଖୋର୍ଦ୍ଧା ଏକମାତ୍ର ଗୋଲ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ କଟକ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ନିର୍ବାଚନମଣ୍ଡଳୀର ଭାଜପା ନେତା ଅଭୟ କୁମାର ବାରିକ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ରେଫରି ଭାବେ ବ୍ରହ୍ମାନନ୍ଦ ଭୋଇ ମ୍ୟାଚ ପରିଚାଳନା କରିଥିବାବେଳେ ଲାଇନ୍‌ରେ ସଞ୍ଜୀବ ଦାଶ, ଶୁଭସ୍ମିତା ରାଣୀ ରାଉତ ସହାୟତା କରିଥିଲେ। ଚତୁର୍ଥ ରେଫରିଭାବେ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁବାସ ଚନ୍ଦ୍ର ମୁଦୁଲି ଦାୟିତ୍ୱ ନିର୍ବାହ କରିଥିଲେ।

କ୍ରିକେଟ୍ ଟୁର୍ନାମେଣ୍ଟ: ସାରୁଅ ଚାମ୍ପିୟନ

ବାଙ୍କୀ,୩।୨ (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ କୃଷକ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆଠାରେ ଚାଲିଥିବା ୧୬ତମ ଜିଲାସ୍ତରୀୟ ଅକ୍ଷୟ ପଟ୍ଟନାୟକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କିଆପଲା ଦଳକୁ ହରାଇ ସାରୁଅ ଦଳ ଚାମ୍ପିୟନ୍ ହୋଇଛି। ଆଜିର ଫାଇନାଲ୍ ମ୍ୟାଚ ସାରୁଅ ଏବଂ କିଆପଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କିଆପଲା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୧୧୯ରନ ସଂଗ୍ରହ କରିଥିଲା। ଏହାର ଜବାବରେ ସାରୁଅ କ୍ରିକେଟ ଦଳ ୯ ଓଭରରେ ୧୨୪ ରନ୍ କରି ଚାମ୍ପିୟନ ହୋଇଛି। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅବିନାଶ ପଟ୍ଟନାୟକ, ସଦାଶିବ ସାହୁ, ପୂର୍ବତନ ସରପଞ୍ଚ ଯୋଗେଶ ପଣ୍ଡା, ମାୟାଧର ବେହେରା, କାର୍ତ୍ତିକ ଚନ୍ଦ୍ର ମଲିକ, କ୍ରେଡିଟ୍ ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ତ୍ରିପାଠୀ ଚାମ୍ପିୟନ ସାରୁଅ ଦଳକୁ ୧୫,୫୫୫ ଟଙ୍କା ସହ ଟ୍ରଫି ଏବଂ ରନରଅପ୍ କିଆପଲା ଦଳକୁ ୧୧,୧୧୧ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳରେ ଅମ୍ପାୟର ଭାବେ ପ୍ରକାଶ ବେହେରା ଓ ସାନୁଜ ଖେଳ ପରିଚାଳନା କରିଥିବା ବେଳେ ରାଜକିଶୋର ରାଉତ, ବିଭୁପ୍ରସାଦ ରାଉତ, ଶରତ ରାଉତ ସହଯୋଗ କରିଥିଲେ। ସାମାଜିକ କର୍ମୀ ଅଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ହିତାଧିକାରୀଙ୍କୁ ମୃତ ଦର୍ଶାଇ ବାର୍ଦ୍ଧକ୍ୟ ଭତ୍ତା ରଦ୍ଦ

**ଆଠଗଡ

ବାଲୁଙ୍କେଶ୍ୱର ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ପୁରୀ,(ଅଜିତ୍ କୁମାର ମହାନ୍ତି)- ବ୍ରହ୍ମଗିରି ବ୍ଲକ ନହରବାଲି ଗାଁ ବାଲୁଙ୍କେଶ୍ୱର ଦେବଙ୍କ ୩୪ତମ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଠାରୁ ଆରମ୍ଭ ହୋଇଛି। ୬ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏହି ମହାଯଜ୍ଞରେ ଅଙ୍କୁରାରୋପଣ, ଜଳାଧିବାସ, ଘଟ ସ୍ଥାପନ, ନାମ ସଂକୀର୍ତ୍ତନ, ସୂର୍ଯ୍ୟାଗ୍ନି, ଧେନୁପୂଜା, ଆହୁତି ପ୍ରଦାନ, ସାଧୁ ସମ୍ମିଳନୀ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସହ ଆଧ୍ୟାତ୍ମିକ ଚେତନାର ବିକାଶ, ଭୌତିକ ଅଘଟଣରୁ ରକ୍ଷା ପାଇଁ ହେଉଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ବହୁସଂଖ୍ୟାରେ ଭକ୍ତ ଓ ସାଧୁସନ୍ଥମାନେ ଯୋଗଦେଇ ବିଶ୍ୱର ମଙ୍ଗଳ କାମନା କରିଛନ୍ତି। ଏହି ଅବସରରେ ଗ୍ରାମରେ ଅପେରା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ।

ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୩।୨।୨୦୨୫

୬,୮୪,୭୨୫ ଟଙ୍କା	
ସୁନା	୦.୪୫୦ ଗ୍ରାମ୍
ରୁପା	୨୩.୪୫୦ ଗ୍ରାମ୍

ସଂକ୍ଷେପରେ

କଣାସରେ ଥମୁନି ଝାଡ଼ାବାନ୍ତି

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

କଣାସ ବ୍ଲକରେ ଝାଡ଼ାବାନ୍ତି ଥମୁନାହିଁ। ପ୍ରଶାସନର ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ସୋମବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାଗୁଳେଇପଦରରୁ ୩ଜଣ ଝାଡ଼ାବାନ୍ତି ରୋଗୀ ଭର୍ତ୍ତି ହୋଇଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକ୍ରାନ୍ତମାନଙ୍କ ମ୍ୟାପିଂ କରାଯାଇ ଟେଲିଫୋନ ମାଧ୍ୟମରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝାଯାଇଥିଲା। ମଙ୍ଗଳବାରଠାରୁ ଜାଗଲେଇପଦରରେ ସ୍ୱାସ୍ଥ୍ୟଶିବିରରେ ଜଣେ ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ୨୪ ଘଣ୍ଟିଆ ଅବସ୍ଥାପିତ କରିବା ପାଇଁ ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

ନୂଆ ବିଡିଓଙ୍କ ଯୋଗଦାନ

ସାକ୍ଷୀଗୋପାଳ,୩।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀର ନୂତନ ବିଡିଓ ଭାବେ ଦେବାଶିଷ ନାୟକ ଗତ ୨୯ରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସତ୍ୟବାଦୀ ବିଡିଓ ଭାବେ ଲିପ୍ସା ରାୟ ଥିଲେ। ତାଙ୍କର ଅନ୍ୟତ୍ର ବଦଳି ହୋଇଯିବାରୁ ନୂତନ ବିଡିଓ ଭାବେ ନାୟକଙ୍କୁ ପୂର୍ବତନ ବିଡିଓ ଲିପ୍ସା ରାୟ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଅଞ୍ଚଳର ଜନସାଧାରଣଙ୍କୁ ତ୍ୱରିତ୍ ନ୍ୟାୟ ପ୍ରଦାନ ସହିତ ସମସ୍ତ ଯୋଜନାକୁ ଠିକ୍ କାର୍ଯ୍ୟକାରୀ କରିବାକୁ ତାଙ୍କର ପ୍ରାଥମିକତା ରହିବ। ଏଥିପାଇଁ ବ୍ଲକର ସମସ୍ତ ବିଭାଗ ଓ କର୍ମଚାରୀଙ୍କ ସହଯୋଗ କାମନା କରିଛନ୍ତି।

ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଯୋଗେଶ୍ୱରପୁର,୩।୨(ରଶ୍ମିରଞ୍ଜନ ସାହୁ)

ରାଧାଦାମୋଦର ବିଦ୍ୟାପୀଠ କଦମ୍ବପାଟଣାର ଇଂଲିଶ ଶିକ୍ଷକ ପଦ୍ମଚରଣ ରାଉତଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାସଗୋବିନ୍ଦପୁର ତହସିଲଦାର ପ୍ରଭାତ କୁମାର ତରାଇ, ମୁଖ୍ୟବକ୍ତା ଭାବେ କାକଟପୁର ମା' ମଙ୍ଗଳା ମନ୍ଦିରର କାର୍ଯ୍ୟନିର୍ବହୀ ଅଧିକାରୀ କୈଳାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରସନ୍ନ ସ୍ୱାଇଁ, କାକଟପୁର ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁ, ଇସାଣପୁର ସରପଞ୍ଚ ବିନୋଦିନୀ ପାଳ, ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର, ସାମାଜିକ କର୍ମୀ ରମେଶ ଚନ୍ଦ୍ର ବିଶ୍ୱାଳ, ସିଆର୍‌ସିସି ଅରବିନ୍ଦ ସାହୁ ଉପସ୍ଥିତ ଥିଲେ। ରାଧାଦାମୋଦର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସ୍ୱାଇଁ, ପତିତପାବନ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

ଜଳିଗଲା ୧୩ ଦୋକାନ

କୋଣାର୍କ,୩।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସୂର୍ଯ୍ୟମନ୍ଦିର ମୁଖ୍ୟରାସ୍ତାର ବାମ ପାର୍ଶ୍ୱରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ଠାରୁ ଗୀତାଞ୍ଜଳି ରେଷ୍ଟୁରାଣ୍ଟ ପର୍ଯ୍ୟନ୍ତ ଥିବା ୧୩ ଜଣ ବ୍ୟବସାୟୀଙ୍କ ଦୋକାନରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟିଛି।

ପ୍ରକାଶ ଯେ, କୋଣାର୍କ ସୂର୍ଯ୍ୟମନ୍ଦିର ମୁଖ୍ୟ ରାସ୍ତାର ବାମପଟେ ଅସ୍ଥାୟୀ ହସ୍ତଶିଳ୍ପ ସାମଗ୍ରୀ ଓ ଅନ୍ୟାନ୍ୟ ଦୋକାନ କରି ପେଟ ପୋଷୁଥିବା କୋଣାର୍କ ଅଞ୍ଚଳର ଅଶୋକ ବେହୁରା, ଦିଲ୍ଲୀପ ସେଠୀ, ଦୀପିକ ମାଣିକ, ମାଧବ ବେହେରା, ବିଜୟ ସେଠୀ, ସୌମ୍ୟରଞ୍ଜନ ଲେଙ୍କା, ମୁନା କାଣ୍ଡି, ଜଗନ ପ୍ରସାଦ ନାୟକ, ଚନ୍ଦନ ପ୍ରସାଦ ନାୟକ, ଶିବନାଥ ମଲ୍ଲିକ, ଚିତ୍ରସେନ ସାହୁ, ପ୍ରଫୁଲ୍ଲ ବିଶ୍ୱାଳ ଓ ମଧୁସୂଦନ ମାଣିକ ପ୍ରମୁଖ ୧୩ ଜଣ ବ୍ୟବସାୟୀଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଅଗ୍ନିକାଣ୍ଡରେ ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ଚମ୍ପାହର ଅଗ୍ନିଶମ ସେବାକେନ୍ଦ୍ର ଅଧିକାରୀ ତୁଷାର ପରିଜାଙ୍କ ନେତୃତ୍ୱରେ ୨୬ ଜଣ ଆଗ୍ନିକ ଓ ୨୦ ଜଣ ଲାଇଫ୍‌ଗାର୍ଡ ନେଇ ଗଠିତ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଦୋକାନର ଅଧିକାଂଶ

ସରକାରୀ ସହାୟତା ଦାବି

ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡ କିପରି ଘଟିଲା, ତା'ର ତଦନ୍ତ ପାଇଁ ବ୍ୟବସାୟୀମାନେ ଦାବି କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବ୍ୟବସାୟୀ ସଂଘ ଓ ଜନସାଧାରଣଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ସଚିବ, ରାଜସ୍ୱ ବିଭାଗ ମନ୍ତ୍ରୀ ଓ ପୁରୀ ଜିଲାପାଳ ପ୍ରମୁଖଙ୍କୁ ନିବେଦନ କରିଛନ୍ତି।

ପୁରୀଠାରେ ସୋମବାର ଆୟୋଜିତ ରାଜ୍ୟସ୍ତରୀୟ ସଖୀ ସହେଲି ସମ୍ମିଳନୀରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପିଲାମାନେ ।

୨ ବଖରା ଜଳିଗଲା

ଅସ୍ତରଙ୍ଗ,୩।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅଗ୍ନିକାଣ୍ଡରେ ରବିବାର ବିଳମ୍ବିତ ରାତିରେ ୨ବଖରା ଚାଳ ଘର ଜଳି ପାଉଁଶ ହୋଇଯାଇଛି। ପୁରୀ ଜିଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ତାଳଦା ପଞ୍ଚାୟତ ଅଧୀନ ଡିହକରଡ଼ା ଗ୍ରାମର ଅନନ୍ତ ବାସୁଦେବ ସ୍ୱାଇଁଙ୍କ ଘରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ହୋଇଛି। ଖବରପାଇ ଅସ୍ତରଙ୍ଗ ଅଗ୍ନିଶମ ବିଭାଗର ଷ୍ଟେଶନ ଅଫିସର୍ ପ୍ରହ୍ଲାଦ ରାୟଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦମକଳ ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ୨ ବଖରା ଚାଳଘର ହୋଇଥିବାରୁ ଘରେ ଥିବା ଧାନ, ଚାଉଳ, ଘରର ଆସବାବପତ୍ର ସହ ନଗଦ ଟଙ୍କା ଜଳିପୋଡ଼ି ଛାର୍‌ଖାର ହୋଇଯାଇଛି। ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଏହି ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ନିଆଁଲିଭା କାର୍ଯ୍ୟରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ କର୍ମଚାରୀ ନିୟୋଜିତ ଥିଲେ।

ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ

କାର୍ଯ୍ୟକ୍ରମରେ ଅତିଥିମାନେ 'ନିଷିଦ୍ଧ ଇଲାକା'ପୁସ୍ତକକୁ ଲୋକାର୍ପଣ କରୁଛନ୍ତି ।

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

ହେରାଗୋହିରୀ ସାହିତ୍ତ୍ତ ଚନ୍ଦ୍ରଶେଖର ପାଠାଗାର ସଭାଗୃହରେ ସୋମବାର ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ଉତ୍ସବ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପାଳନ କରାଯାଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ, ମୁଖ୍ୟବକ୍ତା ସାହିତ୍ୟିକ ଡ. ଦିବାକର ମାନସିଂହ, ବକ୍ତା 'ପ୍ରିୟପତ୍ର' ସମ୍ପାଦକ ବିପିନ ବିହାରୀ ଦଳାଇ ଯୋଗଦେଇ ଭକ୍ତକବି ମଧୁସୂଦନ ରାଓଙ୍କ ଅମୂଲ୍ୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ବିଜୟ କୁମାର ପଣ୍ଡା, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ଅଶୋକ ମହାନ୍ତି, ଶ୍ୟାମପ୍ରକାଶ ସେନାପତି, ବିମଳକୃଷ୍ଣ ଦାସ, ପ୍ରବାସିନୀ ମିଶ୍ର, ମୀରା ମହାନ୍ତି, ଚନ୍ଦ୍ରଶେଖର ନାୟକ, ହରିଶଙ୍କର ମିଶ୍ର, ଅଧ୍ୟାପକ ସହଦେବ ସାହୁ, କନକଲତା ଦାସ, ଶ୍ୟାମ ଦାଶ, ରାଜକିଶୋର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପ୍ରବାସିନୀ ମିଶ୍ରଙ୍କ ପରିଚାଳନାରେ ବୀଣାପାଣି ବିଦ୍ୟାମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିବାବେଳେ 'ନିଷିଦ୍ଧ ଇଲାକା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଜୟଲକ୍ଷ୍ମୀ ଦାଶ ମିଶ୍ର ଧନ୍ୟବାଦ ଦେଇଥିଲେ।

ବାଇକ୍ ଆରୋହୀଙ୍କୁ ଧକ୍କା ଦେଲା ବସ୍

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

ପୁରୀ ମେଡିକାଲ ଛକସ୍ଥିତ ଟ୍ରାଫିକ ପୋଷ୍ଟ ନିକଟରେ ସୋମବାର ରାତି ପ୍ରାୟ ସାଢେ ୧୦ଟାରେ ଏକ ବସ୍ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଛି। ଫଳରେ ବାଇକ ଆରୋହୀ ଗୁରୁତର ଆହାତ ହୋଇଛନ୍ତି। ସେ ହେଲେ ପୁରୀ ଶିରୁଳୀ ମହାବୀର ଅଞ୍ଚଳର କୀର୍ତ୍ତିମାନ ପ୍ରଧାନ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, କୀର୍ତ୍ତି ବାଇକ ଯୋଗେ ଯାଉଥିବାବେଳେ ନୀଳାଦ୍ରି ନାମକ ଟାଉନ ବସ୍ (ନଂ. ଓଆର୍ ୧୫ ଏସ୍ ୭୮୭୯) ଦ୍ରୁତି ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ କୀର୍ତ୍ତି ଗୁରୁତର ଆହତ ହୋଇଥିଲେ। ଖବର ପାଇ ପିସିଆର ଭ୍ୟାନ ପହଞ୍ଚି ବସ୍ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ବସ୍‌ଟି ଦ୍ରୁତ ଗତିରେ ଆସି ବାଇକକୁ ଧକ୍କା ଦେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଅପରପକ୍ଷରେ ରାତି ୧୦ଟା ପରେ ଅନେକ ଟ୍ରାଫିକ ପୋଷ୍ଟରେ ପୋଲିସ କର୍ମଚାରୀ ରହୁନାହାନ୍ତି। ତେଣୁ ସବୁ ଦିଗରୁ ଗାଡ଼ିମୋଟର ମନଇଚ୍ଛା ଚଳାଚଳ କରୁଥିବାରୁ ଦୁର୍ଘଟଣା ଘଟୁଛି।

ଅଟୋ ପଞ୍ଜୀକୃତ ନ କଲେ ଚଳାଚଳ ଅନୁମତି ମନା

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି):

ପୁରୀ ସହରରେ ଯାନବାହନ ଚଳାଚଳ ନିୟନ୍ତ୍ରଣ ସଂକ୍ରାନ୍ତ ଏକ ବୈଠକ ସୋମବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଉପଜିଲାପାଳ ରାଜ କିଶୋର ଜେନା, ଜିଲା ପରିବହନ ଅଧିକାରୀ, ପୌର କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟ ଅଧିକାରୀ ଓ ଆରକ୍ଷୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଫେବୃଆରୀ ୧୦ରୁ ୨୦ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ସହରର ସମସ୍ତ ଅଟୋଚାଳକ ତାଳବଣିଆସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ କ୍ୟାମ୍ପରେ ନିଜ ଗାଡ଼ିକୁ ପଞ୍ଜୀକୃତ କରାଇବେ। ଏଥିଲାଗି ସେମାନେ ମୋଟରଯାନ ସମ୍ବନ୍ଧିତ ସମସ୍ତ କାଗଜପତ୍ର ଧରି ଆସିବେ। ଅଟୋ ଚାଳକମାନେ ଗାଡ଼ି ପଞ୍ଜୀକୃତ ନ କଲେ ତାଙ୍କ ଗାଡ଼ିକୁ ସହରରେ ଚଳାଚଳ ପାଇଁ ଅନୁମତି ଦିଆଯିବ ନାହିଁ ପରିବହନ ଅଧିକାରୀ କହିଛନ୍ତି।

ହିସାବ ରକ୍ଷକ, ସଂଯୋଜକଙ୍କ ଆନ୍ଦୋଳନ ଜାରି

କଣାସ,୩।୨(ବିଭୂତି ଭୂଷଣ ତ୍ରିପାଠୀ)

କାର୍ଯ୍ୟାଳୟରେ କାମ ବ୍ୟାହତ

ଗତମାସ ୨୯ ତାରିଖରୁ କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ– କମ୍– ସପୋର୍ଟ ଷ୍ଟାଫ୍ (ହିସାବ ରକ୍ଷକ) ଏବଂ ଏମ୍‌ଆଇଏସ୍ କମ୍ ପ୍ଲାନିଂ କୋଅର୍ଡିନେଟର (ସଂଯୋଜକ)ମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୪– ୨୫ ଶିକ୍ଷାବର୍ଷର ଗୁରୁତ୍ୱପୂର୍ଣ୍ଣ ସମୟରେ ଆନ୍ଦୋଳନ ଯୋଗୁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟ ବ୍ୟାହତ ହୋଇଛି। ଚଳିତ ବର୍ଷ ବିଜିଗଭ୍ ମାଧ୍ୟମରେ ସମସ୍ତ ଶିକ୍ଷାର ଅର୍ଥ ଦେଣନେଣ ପ୍ରକିୟା ଚାଲିଥିବାବେଳେ ହିସାବ ରକ୍ଷକଙ୍କମାନଙ୍କ ଆନ୍ଦୋଳନ ଗୁରୁତର ସମସ୍ୟା ସୃଷ୍ଟି କରିଛି। ସେମାନଙ୍କ ଅସହଯୋଗରୁ କାର୍ଯ୍ୟରତ ଶିକ୍ଷା ସହାୟକ (ସିମେଟିକ) ଓ ଗଣଶିକ୍ଷକମାନେ ଦୁଇମାସ ହେଲା ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ବିଦ୍ୟାଳୟକୁ ଆସୁଥିବା ଉନ୍ନୟନମୂଳକ ତଥା ବିଭିନ୍ନ ଯୋଜନାର ଅର୍ଥ ଖର୍ଚ୍ଚ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ନର୍ଦ୍ଧାରଣ କରାଯାଇଛି। ତେବେ ହିସାବ ରକ୍ଷକଙ୍କ କାର୍ଯ୍ୟବନ୍ଦ ଯୋଗୁ ବିଦ୍ୟାଳୟଗୁଡିକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ, ୟୁଡାଇସିରେ ସଂଶୋଧନ ଓ ସମାପ୍ତି ସୂଚକ ଆବେଦନ ପ୍ରସ୍ତୁତି ତଥା ଅନ୍ୟ ପ୍ରଶାସନିକ କାର୍ଯ୍ୟ ସଂଯୋଜକଙ୍କ ଆନ୍ଦୋଳନ ଯୋଗୁ ବ୍ୟାହତ ହୋଇଛି। ସମଗ୍ର ଶିକ୍ଷା ସଫଳ ରୂପାୟନରେ ସଂଯୋଜକ ଓ ହିସାବ ରକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ସେମାନଙ୍କର ଦାବି ପୂରଣ ପାଇଁ ସରକାର ଦୃଷ୍ଟି ଦେବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୩।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୫ଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରେ ୫୪ ବ୍ୟକ୍ତିଗତ, ୧୩ ଗ୍ରାମ ସଂକ୍ରାନ୍ତ, ୬ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଏବଂ ୨ଟି ରେଡକ୍ରସ୍‌ରୁ ସହାୟତା ସମ୍ପର୍କିତ ରହିଥିଲା। ମୋଟ ୧୮ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିବା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ପ୍ରମୁଖ ଉପସ୍ଥିତ ଥିଲେ।

ରୟାଲ ଇଲେଭେନ ଷ୍ଟାର ଚାମ୍ପିୟନ

ଗୋପୀନାଥପୁର ପ୍ରିମିୟମ ଲିଗ୍ କ୍ରିକେଟ

କଣାସ,୩।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଦୟା ଖେଳପଡ଼ିଆରେ ଚାଲିଥିବା ୪ର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରୟାଲ ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଛି। ରୟାଲ ଇଲେଭେନ ଷ୍ଟାର ସାନଓରା ଏବଂ ଥ୍ରି–ଷ୍ଟାର ନୂଆଗାଁ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଇଲେଭେନ ଷ୍ଟାର ଟସ୍ ଜିତି ଫିଲ୍‌ଡିଂ ନିଷ୍ପତ୍ତି ନେଇଥିଲା। ଥ୍ରି ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ହରାଇ ୧୭୭ ରନ କରିଥିଲା। ଜବାବରେ ରୟାଲ ଇଲେଭେନ ଷ୍ଟାର ୧୧.୧ ଓଭରରେ ୩ ଉଇକେଟ ହରାଇ ୧୮୦ ରନ କରି ଚାମ୍ପିୟନ ହୋଇଥିଲା। ଇଲେଭେନ ଷ୍ଟାର ନବଘନ ସାହୁ ମ୍ୟାନ୍ ଅଫ୍ ଦ ମ

ସଂକ୍ଷେପରେ

ମଙ୍ଗଳା ମନ୍ଦିରରୁ ରୁପା ଅଳଙ୍କାର ଚୋରି

ବୋଲଗଡ଼,୩।୨(ଦେବବ୍ରତ ହୋତା): ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ଉପକଣ୍ଠ ବନ୍ଧ ଛକସ୍ଥିତ ମା'ମଙ୍ଗଳାଙ୍କ ମନ୍ଦିରରୁ ରୁପା ଅଳଙ୍କାର ଚୋରି ହୋଇଥିବା ନେଇ ବୋଲଗଡ଼ ଥାନାରେ ସୋମବାର ଅଭିଯୋଗ ହୋଇଛି। ମନ୍ଦିର ପରିଚାଳକ ନିରଞ୍ଜନ ପ୍ରଧାନଙ୍କ ଅଭିଯୋଗ ମୁତାବକ, ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର ସମ୍ମୁଖ ଗ୍ରୀଲ୍ ଭାଙ୍ଗି ଭିତରେ ପଶି ରୁପାର କିରଟ, ହାର ସମେତ ଅନ୍ୟାନ୍ୟ ଅଳଙ୍କାର ଚୋରି କରି ନେଇଛି। ଏହାର ଆନୁମାନିକ ମୂଲ୍ୟ ୧୫ ହଜାର ଟଙ୍କା ହେବ ବୋଲି ଉଲ୍ଲେଖ କରାଯାଇଛି। ଏଥିସହିତ ମନ୍ଦିରରେ ଥିବା ଦାନବାକ୍ସ(ହୁଣ୍ଡି) ମଧ୍ୟ ଭାଙ୍ଗିଯାଇଛି। ତେବେ ଗତ ୩୧ ତାରିଖରେ ଏହି ହୁଣ୍ଡି ଖୋଲାଯାଇ ଦାନଅର୍ଥ ସଂଗ୍ରହ କରାଯାଇଥିଲା ଅନ୍ୟପଟେ ଅଭିଯୋଗ ପରେ ଥାନାରେ ଏକ ମାମଲା (ନଂ.୩୮/୨୫) ରୁଜୁ ହୋଇଛି। ସାଇଣ୍ଟିଫିକ ଟିମ୍ ସହାୟତା ନିଆଯାଇଥିବା ବେଳେ ସନ୍ଦିଗ୍ଧଙ୍କୁ ଠାବ ପାଇଁ ନିକଟବର୍ତ୍ତୀ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଥିବା ଆଇଆଇସି କହିଛନ୍ତି।

ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଶିବିର

ବେଗୁନିଆ,୩।୨(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଳମା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ବିପର୍ଯ୍ୟୟ ପରିଚାଳନା ସହଯୋଗରେ ପ୍ରଚଣ୍ଡେଶ୍ୱର ସେବା ସଂସ୍ଥାନ ପକ୍ଷରୁ ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରମୋଦ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଜିଲା ସଂଯୋଜକ ଦାଶରଥି ଶ୍ରୀଚନ୍ଦନ, ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ପେଣ୍ଡୋଇ, ପଞ୍ଚାୟତ ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ, ଗ୍ରାମ ରୋଜଗାର ସହାୟକ ଶିଳ୍ପା ବଡ଼ଜେନା, ନାଏବ ସରପଞ୍ଚ ଶୁଭ୍ରା ସୁନ୍ଦରରାୟ, ୱାର୍ଡସଭ୍ୟାସଭ୍ୟ, ଅଙ୍ଗନୱାଡି ଓ ଆଶାକର୍ମୀ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଧନ ଓ ଜୀବନ ରକ୍ଷା କରିବା ପାଇଁ ସଚେତନତାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ପଞ୍ଚାୟତର ପ୍ରତି ଗ୍ରାମରେ ଜନସାଧାରଣଙ୍କୁ ସଚେତନ କରାଯାଇ ସମସ୍ତ ଗ୍ରାମରେ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ ଏବଂ ଯୋଜନା ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଡ୍ୟାମରେ ବୁଡ଼ି ଛାତ୍ର ମୃତ

ଟାଙ୍ଗୀ,୩।୨(ରଘୁନାଥ ସାହୁ): ରଣ୍ଡା ଡ୍ୟାମରେ ବୁଡ଼ିଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ପଟିଆ ପଞ୍ଚାୟତ ରଣ୍ଡା ଗ୍ରାମର ସୌମ୍ୟରଞ୍ଜନ ଜେନା(୨୩)। ସେ ଡିପ୍ଲୋମା ଇନ ଫାର୍ମାସି ପଢୁଥିଲେ ବୋଲି ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଲା ହେଲା ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପଟେ ସରପଞ୍ଚ ସୁମିତ୍ରା ସାହୁ, ପୂର୍ବତନ ସରପଞ୍ଚ ପ୍ରଭାତ ସାହୁ, ଅର୍ଜୁନପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଗ୍ରାମବାସୀ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

ଶବର ସ୍ପୋର୍ଟିଂ କ୍ଲବ୍ ସେମିରେ

ବାଘମାରୀ,୩।୨(ମିହିର ରଞ୍ଜନ ମହାପାତ୍ର): ସିମୋର ପଞ୍ଚାୟତ କଣ୍ଟାମଳିମ ଖେଳପଡ଼ିଆରେ ଜୟଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୩୦ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ବାପୁଜୀ ସ୍ପୋର୍ଟିଂ କ୍ଲବ ଶଙ୍କମାରୀ ଏବଂ ଶବର ସ୍ପୋର୍ଟିଂ କ୍ଲବ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଶବର ସ୍ପୋର୍ଟିଂ କ୍ଲବ ଗୋଟିଏ ଗୋଲ ଦେଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ଅନୁଷ୍ଠାନ ସଭାପତି ଯମେଶ୍ୱର ରାଉତରାୟ ପୌରୋହିତ୍ୟ କରିଥିଲେ। ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସାମାଜିକ କର୍ମୀ ଅଜୟ ମାର୍ଥା, ସନ୍ତୋଷ ବଳିୟାରସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜୁ ମହାନ୍ତି, ସାକିର ଅହମ୍ମଦ, ପ୍ରଫୁଲ୍ଲ କୁମାର ବେହେରା, ସାହାରୁକ୍ ଖାଁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ବଜରଙ୍ଗ ସ୍ପୋର୍ଟିଂ ଘାଟିକିଆ ଏବଂ ଟାଉନ କ୍ଲବ ଖଣ୍ଡପଡ଼ା ମଧ୍ୟରେ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଆର୍ତ୍ତବନ୍ଧୁ ମାଝି କହିଛନ୍ତି।

ରାସ୍ତା କାମ ପାଇଁ ଚାଷଜମିକୁ ମାଡୁନି ପାଣି

- ଜିଲାପାଳଙ୍କୁ ଅଭିଯୋଗ ଜଣାଇଲେ ଚାଷୀ
- କଲଭର୍ଟ ନିର୍ମାଣ ପାଇଁ ଦାବି

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

ନିର୍ମାଣ ହେଉଥିବା ରାସ୍ତା।

ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଚାଷୀମାନେ।

ଖୋର୍ଦ୍ଧା ଏବଂ ପୁରୀ ଜିଲାକୁ ସଂଯୋଗ କରୁଥିବା ବେଣାପଞ୍ଚୁରୀ-ଅଁଳାଯୋଡ଼ି ରାସ୍ତାକାମ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ରାସ୍ତା ଉପରେ କଲଭର୍ଟ ନିର୍ମାଣ କରାଯାଇ ନ ଥିବାରୁ ଚାଷଜମିକୁ ପାଣି ମାଡ଼ିପାରୁନି। ଫଳରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଏକାଧିକ ଚାଷୀ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି। ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଚାଷୀଙ୍କ ଅଭିଯୋଗକୁ ଅଣଦେଖା କରୁଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ବେଣାପଞ୍ଚୁରୀ ଏବଂ ପୁରୀ ଜିଲା ଅଁଳାଯୋଡ଼ିକୁ ସଂଯୋଗ କରୁଥିବା ୩ କିମି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ(ଆର୍‌ଡି) ଭୁବନେଶ୍ୱର ଡିଭିଜନ ନିର୍ମାଣ କରୁଛି। ୨୦୨୨ରୁ କାମ ଆରମ୍ଭ ହୋଇଥିବା ବେଳେ ଏଯାବତ୍ ସରିନାହିଁ। ପୂର୍ବରୁ ରାସ୍ତାରେ କଲଭର୍ଟ ରହିଥିବା ବେଳେ ରାସ୍ତାକାମ ବେଳେ ଠିକାଦାର ପୋତିଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହି ପୋଲ ଦେଇ ପାଣି ଚାଷଜମିକୁ ଯାଉଥିଲା। ଫଳରେ ଚାଷୀ ଉପକୃତ ହେଉଥିଲେ। ତେବେ ପୋଲକୁ ପୋତିଦେବା ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି। ଚଳିତ ଖରିଫ ଋତୁରେ ପାଣି ନ ମାଡ଼ିବାରୁ ଚାଷଜମି ପଡ଼ିଆ ପଡ଼ିଥିବା ଚାଷୀମାନେ କହିଛନ୍ତି। ପାଣି ଅଭାବରୁ ଏକର ଏକର ଚାଷଜମି ଶୁଖିଲା ପଡ଼ିଛି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ତିରିମଲ୍ଲ, ବେଣାପଞ୍ଚୁରୀ ଏବଂ ଅଁଳାଯୋଡି ଆଦି ୩ ଖଣ୍ଡ ଗ୍ରାମର ପ୍ରାୟ ୫୦ ଏକରରୁ ଊର୍ଦ୍ଧ୍ୱ ଚାଷଜମି ରହିଛି। ଏହି ରାସ୍ତାରେ ରହିଥିବା କଲଭର୍ଟକୁ ବନ୍ଦ କରିଦେବା ଦ୍ୱାରା ଚାଷଜମିକୁ ପାଣି ମାଡୁନାହିଁ। ଫଳରେ ଚାଷକାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ତୁରନ୍ତ ଏହି ରାସ୍ତାରେ କଲଭର୍ଟ ନିର୍ମାଣ ନିମନ୍ତେ ଚାଷୀମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଚାଷୀଙ୍କ ଅଭିଯୋଗକ୍ରମେ ଜିଲାପାଳ ଉକ୍ତ ବିଭାଗର ଭୁବନେଶ୍ୱର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପଟେ ଏକାଧିକ ଚାଷୀ କହିଛନ୍ତି, ରାସ୍ତା ନିର୍ମାଣ ବେଳେ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କୁ କହିବା ସତ୍ତ୍ୱେ ସେମାନେ ଗୁରୁତ୍ୱ ନ ଦେବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଆଗକୁ ଖରାଟିଆ ଫସଲ ବାଧାପ୍ରାପ୍ତ ହେବା ଆଶଙ୍କା କରିଛନ୍ତି ଚାଷୀ। ତେବେ କଲଭର୍ଟ ନିର୍ମାଣ କରା ନ ଗଲେ ରାସ୍ତାଖୋଳି ଚାଷଜମିକୁ ପାଣି ନେବାକୁ ବାଧହେବୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ସୋମବାର ୧୬ ନମ୍ବର ଜାତୀୟ ରାଜପଥର ଏକ ଘରୋଇ କମ୍ପାନୀ ନିକଟରେ ଚଢ଼ାଉ କରି ୨୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମୁକୁନ୍ଦପ୍ରସାଦ ଅଞ୍ଚଳର ଏସ୍.କେ. ମାଜିଦ୍ ଓରଫ ମାଣ୍ଡା(୨୫), ଅବ୍‌ଦୁଲ ମୁବାରକ୍(୨୪) ଏବଂ ଗୁରୁଜଙ୍ଗର କାହ୍ନା ନାୟକ(୨୮)। ଏମାନଙ୍କଠାରୁ ମୋବାଇଲ, ବାଇକ୍ ଏବଂ ସାଢ଼େ ୭ହଜାର ଟଙ୍କା ଜବତ କରିଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୩୦/୨୫) ରୁଜୁ ହୋଇଛି। ସୂଚନା ମୁତାବକ, ଉକ୍ତ ସ୍ଥାନରେ ବ୍ରାଉନ୍‌ସୁଗାର ବେପାର ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ବାସୁଦେବ ଜୟସିଂ, ସମ୍ମିତା ବେହେରାଙ୍କ ସମେତ ଏକ ଟିମ୍ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

୧୩୩ ଅଭିଯୋଗ ଶୁଣିଲେ ଜିଲାପାଳ

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୩୩ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୩ଟି ଗ୍ରାମୀଣ ସମସ୍ୟା ରହିଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ୭ଟିର ତତ୍କାଳ ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା ପାଣ୍ଠିରୁ ୩ ଜଣ ହିତାଧିକାରୀଙ୍କୁ ଯଥାକ୍ରମେ ୩୦, ୧୦ ଏବଂ ୫ ହଜାର ଟଙ୍କା ଦିଆଯାଇଛି। ସେହିପରି ରେଡ୍‌କ୍ରସ୍ ପାଣ୍ଠିରୁ ଜଣଙ୍କୁ ୫ହଜାର ଟଙ୍କା ସହାୟତା ରାଶି ଦିଆଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲା ପରିଷଦ ଉନ୍ନୟନ ଅଧିକାରୀ କହ୍ନୁରିବାଳା ଜେନା, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ସିଡିଏମ୍‌ଓ ଡା. ରାଜଶ୍ରୀ ପଟ୍ଟନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ତ୍ରିଲୋଚନେଶ୍ୱର ବିଦ୍ୟାପୀଠର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୩।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)


ଅତିଥିଙ୍କ ଠାରୁ ଜଣେ ଛାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଅଧୀନ ତିଛିଣି ତ୍ରିଲୋଚନେଶ୍ୱର ବିଦ୍ୟାପୀଠର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମିନ ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ମୁଖ୍ୟବକ୍ତାଭାବେ ସୁସାହିତ୍ୟିକ ଡ. ଅଭିମନ୍ୟୁ ଜେନା, ସମ୍ମାନିତ ଅତିଥି ବ୍ଲକ ଓଷ୍ଟା ସଭାପତି କାଶୀନାଥ ଜେନା, ବୀଣାପାଣି ଯୁଥ୍ କ୍ଲବ ସଭାପତି ଅର୍ଜୁନ ପଲେଇ, ସିଆର୍‌ସିସି ପ୍ରଶାନ୍ତ କୁମାର ପ୍ରଧାନ, ରାଜ୍ୟ ଓଷ୍ଟା ସଭ୍ୟ ବିଭୁ ନାରାୟଣ ଜେନା, ପ୍ରଧାନ ଶିକ୍ଷକ ରାଜକିଶୋର ତରେଇ, ବିଦ୍ୟାଳୟ ପୂର୍ବତନ ସଭାପତି ଶ୍ରୀଧର ପଲେଇ, ଅଲଣ୍ଡା ସରପଞ୍ଚ ବଷ୍ଣୁପ୍ରିୟା ବଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ, ଏସ୍‌ଏମ୍‌ସି ଚେୟାରମ୍ୟାନ୍ ବାଉରିବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ତରେଇ ବାର୍ଷିକ ବିବରଣୀ ପଠନ କରିଥିଲେ। ସହକାରୀ ଶିକ୍ଷକ ଶ୍ୱେତକୁମାର ଜେନା, ପ୍ରତାପ ଜେନା ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସିଭି ରମଣ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ବିଦ୍ୟାଳୟର ପୂର୍ବତନ ଛାତ୍ର ଜିତ୍ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କ୍ରୀଡ଼ା ଶିକ୍ଷକ ପ୍ରକାଶ କୁମାର ସିଂହ, ମୁଖ୍ୟ କିରାଣି କୁମର ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ମା'ଙ୍କ ଆଦର୍ଶକୁ ଅନୁକରଣ କରନ୍ତି ଶିଶୁ

ବୋଲଗଡ଼,୩।୨(ଦେବବ୍ରତ ହୋତା)

ବୋଲଗଡ ସଦର ମହକୁମାରେ ଅବସ୍ଥିତ ସରସତୀ ଶିଶୁ ମନ୍ଦିରର ଶିଶୁ ବାଟିକା ଆନୁକୂଲ୍ୟରେ ଏବଂ ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ଆବାହକତ୍ୱରେ ସୋମବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୭ଜଣ ଛାତ୍ରୀଛାତ୍ରଙ୍କ ମା'ମାନେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଗାନ୍ଧୀ କୁମାର ସାହୁ ଏବଂ ସମ୍ପାଦକ ରାମଚନ୍ଦ୍ର ସାହୁ ଯୋଗଦେଇ ରାଷ୍ଟ୍ର ଗଠନରେ ମା'ମାନଙ୍କ ଭୂମିକା ଓ ଶିଶୁ ନିର୍ମାଣରେ ମା'ମାନଙ୍କ ଅବଦାନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧିକ ମତାମତ ଦେଇଥିଲେ। ମା'ମାନେ ଶିଶୁର ପ୍ରଥମ ଗୁରୁ ଏବଂ ଶିଶୁମାନେ ସେମାନଙ୍କ ଆଦର୍ଶକୁ ଅନୁକରଣ କରିଥାନ୍ତି ବୋଲି କହିଥିଲେ। ସମସ୍ତ ଗୁରୁମା ଗୁରୁଜୀଙ୍କ ସହଯୋଗରେ ମା'ମାନଙ୍କୁ ନେଇ ଜାତୀୟ ଶିକ୍ଷାନୀତି ଆଧାରିତ ଅନେକ କ୍ରିୟାକର୍ମ ଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ମା'ମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ବେଳେ ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମାଗୁରୁଜୀ ପରିଚାଳନା କରିଥିଲେ।

ମୁଣ୍ଡମୁହାଣରେ ସଂକୀର୍ତ୍ତନ ମହୋତ୍ସବ

ଯାଁଳା,୩।୨(ବୁଲା ବାରିକ): ଶ୍ରୀଚୈତନ୍ୟ ଦେବଙ୍କ ସଂକୀର୍ତ୍ତନ ମହୋତ୍ସବ ଗ୍ରାମେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଦଳ ସଂକୀର୍ତ୍ତନ ମଣ୍ଡଳୀ ଭାଗନେଇଥିଲେ। ମୁଣ୍ଡମୁହାଣ, ଯାଁଳା, ପାଟେଣୋସାହି, କାଶୀପୁର, ପଳାସପୁର, ପାଣିଓରା, ପିତାପଲ୍ଲୀ, ଗଙ୍ଗପଡ଼ା, ବଡ଼ତୋଟା, ଛେଲଦା, ତମାଣ୍ଡୋର ମଣ୍ଡଳୀ ଯୋଗଦେଇଥିଲେ। ମୁଣ୍ଡମୁହାଣ ଗ୍ରାମବାସୀ ପରିଚାଳନା କରିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

'ଶ୍ରୀହରିନାମ ମହାମନ୍ତ୍ର' ପୁସ୍ତକ ଲୋକାର୍ପିତ

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଶ୍ରୀକୃଷ୍ଣ ଚୈତନ୍ୟ ନଗରସ୍ଥିତ ଶ୍ରୀଚୈତନ୍ୟ ବିହାରଠାରେ ବସନ୍ତ ପଞ୍ଚମୀ ଏବଂ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୌର ଜଗନ୍ନାଥଙ୍କ ଘୋଡ଼ଲାଗି ବେଶ ଓଲାଗି କରାଯାଇ ନୂତନବସ୍ତ୍ର ପରିଧାନ କରାଯାଇ ଭୋଗଲାଗି କରାଯାଇଛି। ଅନୁଷ୍ଠାନ ପକ୍ଷରୁ ପ୍ରାକ୍ ଶୀତ ଗ୍ରନ୍ଥ 'ଶ୍ରୀହରିନାମ ମହାମନ୍ତ୍ର' ଲୋକାର୍ପଣ କରାଯାଇଥିଲା। ଅଶୋକ ରଣା, ବ୍ରଜ ବାବା, ବୋଧାୟନ ମହାରାଜ, ଅନନ୍ତ ବାବା, ଯୋଗେଶ୍ୱର ସିଂହ ପ୍ରମୁଖ ନାମ ସଂକୀର୍ତ୍ତନ କରିଥିଲେ। ସଂଘ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ ଦେବୀ ସରସ୍ୱତୀ ଓ ଗୋସ୍ୱାମୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଶୀର୍ବଚନ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ହେମନ୍ତ କୁମାର ଦାସ, ଜଗଦୀଶ ପ୍ରସାଦ ପଟ୍ଟନାୟକ, ଯୁଧିଷ୍ଠିର ଛୁଆଲସିଂହ, ଶିଶିର ରାଉତ, କାଦମ୍ବିନୀ ସାମନ୍ତରାୟ, ସନ୍ତୋଷୀ ସାହୁ, ମାମିନା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସଂଘ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

ବଡ଼ପାରୀ ବରିଷ୍ଠ ନାଗରିକ ମଞ୍ଚ ଗଠିତ

ଟାଙ୍ଗୀ,୩।୨(ରଘୁନାଥ ସାହୁ)

ବଡ଼ପାରୀ ପଞ

ଓଡ଼ିଶାରେ ଭାଜପା ସରକାର ଜଙ୍ଗଲରାଜ ଚଳାଇଛି: କଂଗ୍ରେସ

ଭୁବନେଶ୍ୱର, ୩।୨(ସୁନିତ୍ ମିଶ୍ର)

ଅନୁସୂଚିତ ଜାତି ଓ ଉପଜାତି, ଗରିବ ମହିଳାଙ୍କ ଉପରେ ଗତ ୧୦ ବର୍ଷ ହେଲା ଭାରତରେ ଯେଉଁଭଳି ଅତ୍ୟାଚାର ହୋଇଚାଲିଛି ସେହିସବୁ ବିଷୟ ଲୋକଙ୍କ ଆଗରେ ରଖିବାକୁ କଂଗ୍ରେସ ସବୁବେଳେ ଚେଷ୍ଟା କରିଆସିଛି ବୋଲି ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି। ଦିଲ୍ଲୀଠାରେ ସୋମବାର ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଦେଶରେ ଥିବା ମୁଖ୍ୟ ଗଣମାଧ୍ୟମଗୁଡିକ ଏହି କଥାକୁ ଆଗକୁ ଆଣିବେ ବୋଲି ବିଶ୍ୱାସ ରଖାଯାଇଛି। ସେ କହିଛନ୍ତି, ଓଡିଶାରେ ଗତ ୭ ମାସ ହେଲା ଜଙ୍ଗଲରାଜ ଆରମ୍ଭ ହୋଇଛି। ଭାଜପା ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଏକ ଉତ୍ସବରେ କହୁଛନ୍ତି ଆଦିବାସୀ ଝିଅମାନେ ସଫାସୁତୁରା ନୁହନ୍ତି। ସେଥିଲାଗି ସେ ଅନ୍ୟ ଜିଲା ଯାଇ ବାହା ହେଲେ। ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ବିରୋଧରେ ଯେଉଁ ଭାଷା ପ୍ରୟୋଗ କଲେ ଏହା କେବଳ ଆର୍‌ଏସ୍‌ଏସ୍ ଛାତ୍ର ହିଁ କହିପାରିବେ। ମୋହନ ମାଝୀ ହେଉଛନ୍ତି ସେହି ବିଦ୍ୟାଳୟର ଛାତ୍ର। ଏହା କେତେ କ୍ଷତିକାରକ ବିଚାରଧାରା। ଜଣେ ମୁଖ୍ୟମନ୍ତ୍ରୀ ନିଜ ଜାତିର ମହିଳାଙ୍କ ପ୍ରତି ଯେଉଁ ଭାଷା ପ୍ରୟୋଗ କରୁଛନ୍ତି, ଭାଜପା ଓ ଆରଏସ୍‌ଏସ୍ ଗ୍ରାଫୁଏଟ କରିପାରିବେ। ବାଲେଶ୍ୱର ଜିଲାରେ ବଡ଼ଦିନ ପାଳନ ସମୟରେ ଦୁଇ ଜଣ ଆଦିବାସୀ ମହିଳାଙ୍କୁ ଗଛରେ ବାନ୍ଧିକି ମାରିଲେ। ଯଦି ଏହି ଘଟଣା ବାଲେଶ୍ୱରରେ ହୋଇପାରୁଛି ଆଗକୁ ଭୁବନେଶ୍ୱର ଏବଂ ପରେ ଦିଲ୍ଲୀରେ ଏମିତି ହୋଇପାରିବ ବୋଲି ଅଜୟ କହିଛନ୍ତି।

ନୂଆଦିଲ୍ଲୀଠାରେ ଖବରଦାତା ସମ୍ମଳିନୀଠାରେ ସପ୍ତଗିରୀ ଉଲ୍ଲାକା ଓ ଅଜୟ କୁମାର।

ଅଜୟ ପୁଣି କହିଛନ୍ତି, ଗତ ନିର୍ବାଚନ ପ୍ରଚାର ସମୟରେ ଓଡିଶା ଲୋକଙ୍କୁ ସୂଚାଇ ଦିଆଯାଇଥିଲା ଭାଜପା ସରକାରକୁ ଆସିଲେ କୌଣସି ଜିନିଷ ସୁରକ୍ଷିତ ରହିବ ନାହିଁ। ସେହି କଥା ଏବେ ସତ୍ୟ ପ୍ରମାଣିତ ହେଉଛି। ଗତ ୭ ମାସ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ମହିଳା ଗଣବଳାତ୍କାରର ଶିକାର ହୋଇଛନ୍ତି। ଭରତପୁର ଥାନାରେ ଜଣେ ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ଜଣେ ପୋଲିସ୍ ଅଧିକାରୀ ପ୍ରବଳ ମାଡ଼ମାରି ନିର୍ଯାତନା ଦେଲେ ବୋଲି ସେ କହିଛନ୍ତି।

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ଭାଜପା ସରକାର ଚାହୁଁଛନ୍ତି ରାଜ୍ୟରେ ଆର୍‌ଏସ୍‌ଏସ୍ ଏଜେଣ୍ଡା ଚାଲୁ। ଭାଜପାର ଉଦ୍ଦେଶ୍ୟ ହେଉଛି ଏଠି ଆଦିବାସୀ ଚେହେରାକୁ ଶୀର୍ଷ ସ୍ଥାନରେ ବସାଇ ଏହି ଜାତିକୁ ନିର୍ଯାତନା ଦେବ। ଆର୍‌ଏସ୍‌ଏସ୍ ସବୁବେଳେ ଆଦିବାସୀଙ୍କୁ ବନବାସୀ ବୋଲି କହିଆସଛି। ଓଡ଼ିଶା ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଆଦିବାସୀଙ୍କୁ ବନବାସୀ କହିକି ଖଣିଜ ସମ୍ପଦ କିଭଳି ଲୁଟିବେ ସରକାର ତା'ର ଯୋଜନା କରୁଛନ୍ତି । ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ୧୨୨ ଆଦିବାସୀ ଗାଁ ବୁଡ଼ିଯିବ। ପୋଲାଭରମ ପ୍ରକଳ୍ପ ସମ୍ପର୍କରେ ସେମାନେ କିଛି କହୁନାହାନ୍ତି। ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଥିବା ସତ୍ତ୍ୱେ ସେମାନେ ସମାଧାନ କରୁନାହାନ୍ତି। ଆଦିବାସୀଙ୍କ ହିତ ଲାଗି ମୁଖ୍ୟମନ୍ତ୍ରୀ କହିବା ଆରମ୍ଭ କରନ୍ତୁ। ସେମାନେ ଓଡିଶା ଲୋକଙ୍କ ସମ୍ପତ୍ତି ଲୁଟିକି ଯାହା ପୁଞ୍ଜିପତିଙ୍କୁ ଦେବାକୁ ଚାହୁଁଛନ୍ତି ତାହା ହେବାକୁ ଦେବୁ ନାହିଁ ବୋଲି ଉଲାକା କହିଛନ୍ତି।

ଦିଲ୍ଲୀର ଜଙ୍ଗପୁରା ନିର୍ବାଚନମଣ୍ଡଳୀରେ ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦଳୀୟ ପ୍ରାର୍ଥୀ ତର୍ଜିନ୍ଦର ସିଂ ମାରୱାଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି।

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ସରିଲା

ନୂଆଦିଲ୍ଲୀ, ୩।୨

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ସୋମବାର ସନ୍ଧ୍ୟା ୫ଟାରେ ପ୍ରଚାର ଶେଷ ହୋଇଛି। ଆସନ୍ତା ୫ ତାରିଖରେ ଦିଲ୍ଲୀର ୧୩,୭୬୬ ମତଦାନ କେନ୍ଦ୍ରରେ ୧ କୋଟି ୫୬ ଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୮୩ ଲକ୍ଷ ୭୬ ହଜାର ପୁରୁଷ ମତଦାତା ଥିବାବେଳେ ମହିଳାଙ୍କ ସଂଖ୍ୟା ୭୨ ଲକ୍ଷ ୩୬ ହଜାର ଓ ୧୨୬୭ ଜଣ ତୃତୀୟ ଲିଙ୍ଗୀ ଅଛନ୍ତି। ଦିଲ୍ଲୀରେ ୨୭ ବର୍ଷ ଧରି ରାଜନୈତିକ ବନବାସରେ ଥିବା ଭାଜପା ପକ୍ଷରୁ ପ୍ରଚାରର ଶେଷ ଦିନରେ ୨୨ଟି ରୋଡ୍ ଶୋ' କରାଯାଇଛି।

୩ୟ ଥର ସରକାର ଗଢ଼ିବୁ: କେଜ୍‌ରିୱାଲ

ଆପ୍ ୫୫ ଆସନ ନେବ

ଅରବିନ୍ଦ କେଜ୍‌ରିୱାଲ

ନୂଆଦିଲ୍ଲୀ, ୩।୨

ଦିଲ୍ଲୀରେ ୩ୟ ଥର ପାଇଁ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ସରକାର ଗଢ଼ିବା ନେଇ ସେ ଆଶାବାଦୀ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ପ୍ରଚାରର ଶେଷ ଦିନରେ ସେ ରୋଡ୍ ଶୋ' କରିବା ସହ ନିର୍ବାଚନୀ ସଭାରେ ଯୋଗ ଦେବା ଅବସରରେ କହିଛନ୍ତି, ତାଙ୍କ ଆକଳନ ଅନୁଯାୟୀ ୭୦ ଆସନବିଶିଷ୍ଟ ଦିଲ୍ଲୀ ବିଧାନସଭାରେ ଆପ୍ ୫୫ ଆସନରେ ବିଜୟଲାଭ କରିବ। ଯଦି ପରିବାରର ମହିଳାମାନେ ସେମାନଙ୍କ ପୁରୁଷଙ୍କୁ ଠିକ୍ ଭାବେ ବୁଝାଇପାରିବେ ତାହା ହେଲେ ସଂଖ୍ୟା ୬୦ ଅତିକ୍ରମ କରିପାରେ ବୋଲି କେଜ୍‌ରିୱାଲ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୫ ନିର୍ବାଚନରେ ଆପ୍ ୬୭ ସିଟ୍ ପାଇଥିବା ବେଳେ ୨୦୨୦ରେ ୬୨ ଆସନ ଅକ୍ତିଆର କରିଥିଲା।

ଦିଲ୍ଲୀ, କାଲ୍‌କାଜି ଓ ଜଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା ଅତ୍ୟନ୍ତ ତୀବ୍ର ହେବ ବୋଲି ଭାଜପା କହୁଥିବାରୁ ସେସବୁ ସ୍ଥାନରେ ଆପ୍ ଭଲ ପ୍ରଦର୍ଶନ କରିବ ବୋଲି କହିଛି। ନୂଆଦିଲ୍ଲୀ ଆସନ ପାଇଁ ଆପ୍‌ରୁ କେଜ୍‌ରିୱାଲ ଲଢୁଥିବା ବେଳେ ଭାଜପାର ପରଭେଶ ସିଂ ବର୍ମା ଓ କଂଗ୍ରେସରୁ ସନ୍ଦୀପ ଦୀକ୍ଷିତ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି କାଲ୍‌କାଜି ସିଟ୍‌ରୁ ମୁଖ୍ୟମନ୍ତ୍ରୀ ଆତିଶୀ ନିର୍ବାଚନ ଲଢୁଥିବା ବେଳେ ଭାଜପାରୁ ରମେଶ ବିଧୁରି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅନୁରୂପ ଭାବେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଜଙ୍ଗପୁରାରୁ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ବେଳେ କଂଗ୍ରେସରୁ ପୂର୍ବତନ ବିଧାୟକ ତରଭିନ୍ଦର ସିଂ ମାରୱାହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୨୫ ନିର୍ବାଚନରେ ଦିଲ୍ଲୀରେ ଆପ୍, ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଆପ୍ ସରକାର ବିରୋଧୀ ପବନର ସମ୍ମୁଖୀନ ହେଉଥିଲେ ମଧ୍ୟ ୩ୟ ଥର କ୍ଷମତା ହାସଲ କରିବ ବୋଲି ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ଆପ୍‌କୁ ଗାଦିଚ୍ୟୁତ କରିବା ନେଇ ଭାଜପା ଏକପ୍ରକାର ପ୍ରତିଜ୍ଞା କରିଥିବା ଭଳି ପ୍ରତୀୟମାନ ହେଉଛି। ଏଭଳି ସ୍ଥଳେ ଏକଦା ୧୫ ବର୍ଷ ଧରି କ୍ଷମତା ଚାଖିଥିବା କଂଗ୍ରେସ ହରାଇଥିବା ଦିଲ୍ଲୀବାସୀଙ୍କ ବିଶ୍ୱାସ ଫେରିପାଇବା ଲକ୍ଷ୍ୟରେ ସଂଗ୍ରାମ କରୁଥିବା ଦେଖିବାକୁ ମିଳିଛି। ବୁଧବାର ଦିଲ୍ଲୀରେ ଭୋଟଗ୍ରହଣ ହେବାକୁ ଥିବା ବେଳେ ୮ରେ ଗଣତି ହେବ ବୋଲି ଦିନଧାର୍ଯ୍ୟ କରାଯାଇଛି।

ଭାଗବତଙ୍କୁ ତୁଷ୍ଟ ଲକ୍ଷ୍ୟରେ ଛାତ୍ର କଂଗ୍ରେସ ନେତାଙ୍କୁ ଜେଲ: ଜୟଦେବ

ଭୁବନେଶ୍ୱର, ୩।୨(ସୁନିତ୍ ମିଶ୍ର)

ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ ତୁଷ୍ଟ କରିବା ଲାଗି ଭାଜପା ସରକାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଓ ଅନ୍ୟ ନେତାଙ୍କୁ ଗିରଫ କରି ଝାରପଡ଼ା ଜେଲକୁ ପଠାଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ପୂର୍ବତନ ସଭାପତି ଜୟଦେବ ଜେନା କହିଛନ୍ତି । କଂଗ୍ରେସ ଭବନଠାରେ ସୋମବାର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ୭ ମାସ ହେଲା ଓଡ଼ିଶାରେ ଫାସିବାଦର ଶାସନ ଚାଲିଛି। ଭାଜପା ସରକାର ବିରୋଧୀ ଦଳର ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେଉଛନ୍ତି। ଛାତ୍ର କଂଗ୍ରେସ ସଭାପତି ଓ ଅନ୍ୟ ସାଥୀମାନେ ଆର୍‌ଏସ୍‌ଏସ୍‌ର ମୁଖ୍ୟ ମୋହନ ଭାଗବତଙ୍କୁ ଯେଉଁ କଳାପତାକା ପ୍ରଦର୍ଶନ କଲେ ତାହା ଅଗଣତାନ୍ତ୍ରିକ ନୁହେଁ କିମ୍ବା ଏକ ଅକ୍ଷମଣୀୟ ଅପରାଧ ନୁହେଁ ବୋଲି ଜେନା କହିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ପଦ ବଞ୍ଚାଇବା ପାଇଁ ଏଭଳି କାର୍ଯ୍ୟ କରିଛନ୍ତି ବୋଲି ସେ କହିଛନ୍ତି।

ଜୟଦେବ ଜେନା

ଜେନା ପୁଣି କହିଛନ୍ତି, ଭାଗବତ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଯେଉଁ ମନ୍ତବ୍ୟ ଦେଉଛନ୍ତି, ତାହା ବର୍ତ୍ତମାନର ଛାତ୍ର ସମାଜକୁ ବ୍ୟଥିତ ଓ ମର୍ମାହତ କରିଛି। ଭାଗବତ କହୁଛନ୍ତି ରାମ ମନ୍ଦିର ପ୍ରତିଷ୍ଠା ପରଠାରୁ ଦେଶ ସ୍ୱାଧୀନ ହୋଇଛି। ଏହି ଗୈରିକ ସଙ୍ଗଠନ କହୁଛି, ୨୦୧୪ ପରଠାରୁ ଦେଶ ସ୍ୱାଧୀନ ହୋଇଛି। ଭାଗବତ ମଧ୍ୟ କହିଛନ୍ତି, ଏହି ସ୍ୱାଧୀନତା ଭିକ୍ଷାରେ ମିଳିଛି। ଏହା ଆମର ରାଷ୍ଟ୍ରନାୟକମାନଙ୍କ ପ୍ରତି ଭୟଙ୍କର ଅପମାନ। କେବଳ ଭାରତଛାଡ଼ ଆନ୍ଦୋଳନରେ ୧୦ ହଜାର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରାଣହାନି ହୋଇଥିଲା, ଲକ୍ଷେ ସଂଗ୍ରାମୀ ଜେଲଦଣ୍ଡ ଭୋଗିଲେ। ହେଲେ ସ୍ୱାଧୀନତା ସଂଗ୍ରାମୀଙ୍କ କିଛି ମୂଲ୍ୟ ନାହିଁ ବୋଲି ଭାଗବତ କହିଥିବାରୁ ଛାତ୍ର କଂଗ୍ରେସ କଳା ପତାକା ପ୍ରଦର୍ଶନ କରିବା ଯଥାର୍ଥ। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଜଣେ କର୍ତ୍ତବ୍ୟରତ ଓଡ଼ିଆ ଅଫିସରଙ୍କୁ ମାଡ଼ ମାରିଥିଲେ ମଧ୍ୟ ବର୍ତ୍ତମାନ ଶାସନରେ ଦଣ୍ଡିତ ହୋଇପାରିଲେ ନାହିଁ ବୋଲି ଜେନା କହିଛନ୍ତି।

ZILLA SWASTHYA SAMITI, GAJAPATI
Tender Call Notice for outsourcing of Services (Mechanized Laundry)
Advt. No. 870 Date: 01.02.2025
No.E-727 : ZSS, Gajapati has invited "Request for Proposal" from Reputed/Experienced Agency/NGOs/Public and Private Sector Companies for selection of Outsourcing Agencies to provide Mechanized Laundry Services to different Institutions of Gajapati district. For further details and any queries please refer to the RFP documents available in the district Website www.gajapati.odisha.gov.in and can be downloaded for reference. Sealed applications should reach at the O/o. CDM&PHO-cum-DMD, Gajapati, Paralakhemundi through **Speed Post/ Registered Post/ Courier only** latest by **19.02.2025 by 05.00 P.M.** The bids will be opened on **20.02.2025 at 11.00 A.M.** in the presence of the bidders or their authorised representatives at the Office of the CDM&PHO-cum-DMD, Gajapati. The authority reserves the right to accept or reject any/all bids without assigning any reason thereof. The authority will not be held responsible for any postal delay.
Any change/correction/corrigendum in respect of the above shall be placed in the district website www.gajapati.odisha.gov.in. The bidders are requested to go through the district website before submission.
Sd./- CDM&PHO-cum-DMD, Gajapati
OIPR-10172/11/0001/2425

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
AT-CHANDIKHOL, PO-SUNGUDA, JAJPUR- 754296, Email:serw_kpd@yahoo.com
Letter No.174, Date:30.01.25
1st Corrigendum Notice
1st Corrigendum to Bid Identification No. Tender Online RCK-02/25 invited by this Office vide Letter No.62, Dt.16.01.2025.
No.O-1408: The changes as detailed below are hereby made in the above N.I.T.:-

Procurement Officer	Bid Identification No.	Availability of tender On-line for bidding		Date & Time of opening of tender			
				Technical Bid		Financial Bid	
		Previously fixed on	Presently Modified	Previously fixed on	Presently Modified	Previously fixed on	Presently Modified
Chief Construction Engineer, Rural Works Circle, Kendrapara-Jajpur	Tender Online RCK-02/25	10.02.2025 upto 05.00 P.M.	17.02.2025 upto 05.00 P.M.	11.02.2025 at 11.30 A.M.	18.02.2025 at 11.30 A.M.	Will be Intimated Later	Will be Intimated Later

N.B.: (Date of Submission of original documents such as Bid Security, Cost of Bid Document and Affidavit (this date should be on later that three working days after the opening of Technical Qualification part of the Bid). i.e. dtd. 20.02.2025 by 5.00 P.M. All other conditions of NIT remain unaltered.
Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0029/2425

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
AT-CHANDIKHOL, PO-SUNGUDA, JAJPUR- 754296, Tel.No. 0671-2444488, Email:serw_kpd@yahoo.com
Letter No.169, Date:30.01.25
2nd. Corrigendum Notice
2nd Corrigendum to Bid Identification No. Tender Online RCK-25/24 invited by this Office vide Letter No.3489, Dt.23.12.2024.
No.O-1407: The changes as detailed below are hereby made in the above N.I.T.:-
1. Clause No.-06 of NIT modified below:-

Procurement Officer	Bid Identification No.	Availability of tender On-line for bidding		Last date & Time of seeking Tender Clarification		Date & Time of opening of tender			
		To				Technical Bid		Financial Bid	
1	2	3		4		5		6	
Chief Construction Engineer, Rural Works Circle, Kendrapara-Jajpur	Tender RCK-25/24	Previously fixed on	Presently Modified on	Previously fixed on	Presently Modified on	Previously fixed on	Presently Modified on	Previously fixed on	Presently Modified on
		07.02.2025 to 05.00 P.M.	18.02.2025 to 05.00 P.M.	06.02.2025 upto 02.00 P.M.	17.02.2025 upto 02.00 A.M.	10.02.2025 at 11.00 A.M.	19.02.2025 at 11..00 A.M.	Will be Intimated Later	Will be Intimated Later

All other conditions of NIT remain unaltered.
Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0028/2425

GOVERNMENT OF ODISHA No.A-1010
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, KHURDA IRRIGATION DIVISION, KHURDA
Dist: Khurda, Odisha- 752056, Tel/Fax: 06755-796308
Mail Id:eekhurdairrigationdivision@gmail.com
'e'- Procurement Notice No.KHD-07 of 2024-25, Dtd.30.01.2025
1. Name of the Work: 08 (Eight) Nos. of Civil Work. 2. Tender Cost: Varies from Rs.12.80 Lakhs to Rs.41.11 Lakhs. 3. Bid Document Cost: Rs.6000/-. 4. Bid Security: Varies from Rs.12,800/- to Rs.41,200/-. 5. Class of Contractor: D & C & B. 6. Period of Completion: 02, 03 & 12 Calendar Months. 7. Other details are as follows.

Procurement Officer	Bid Identification No.	Availability of Tender on-line for bidding		Date of Opening of Bid
		From	To	
Superintending Engineer, Khurda Irrigation Division, Khurda	KHD-07-01 of 2024-25 to KHD 07-08 of 2024-25	04.02.2025 at 11.00 A.M.	13.02.2025 upto 5.00 P.M.	14.02.2025 at 11.00 A.M.

8. e-mail Id: eekhurdairrigationdivision@gmail.com
9. if required lottery may be held on 19.02.2025 at 11.00 AM.
Further detail conditions can be seen from the Govt. website www.tendersodisha.gov.in
Sd./-Superintending Engineer, Khurda Irrigation Division, Khurda
OIPR-32078/11/0007/2425

ZILLA SWASTHYA SAMITI, DHENKANAL
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL
e-mail : nhmdkl@gmail.com
Advt. No. : 261 Date : 03.02.2025
WALK-IN-INTERVIEW FOR MPANELMENT OF YOGA TEACHER (PART TIME) FOR AYUSHMAN AROGYA MANDIR (AAM)
No.E-726 : Walk-in-Interview will be conducted as scheduled below for filling up of the following Yoga Teacher under NHM in Dhenkanal on part time basis for a term of 11 months with monthly allowance as per approval under PIP as per OSH&FW Society norms basing on the satisfactory performance and subsistence of the programme. The position is purely temporary and co-terminus with the Scheme. Lower age limit is 21 years as on dt.01.02.2025.

Sl. No.	Name of the Post	Vacancy	Allowance	Date of Interview	Eligibility Criteria
1	Yoga Teacher	40	Rs. 600/- per yoga session (90 minutes) including conveyance. Maximum 02 sessions in a week	15.02.2025	PG Diploma in Yoga & MA in Human Conscious & Yogic Science / MA in Yoga & Naturopathy / MA in Yogic Science / Certificate Course in Yoga from a recognized institutions or University. Age limit between - 21 to 50 years.

Interested candidates may log on to www.dhenkanal.odisha.gov.in to download details of advertisement, terms, conditions & application form etc. Eligible Candidates for the above post, who are interested, **may appear for registration on the date as mentioned against the post with duly filled application form alongwith other documents. Registration timing will be from 10.00 A.M. to 11.00 A.M. only on Walk-in-Interview date. No application form shall be entertained after scheduled timing of registration.** No personal correspondence / Enquiry will be entertained in this matter. The undersigned reserves the right to cancel / reject any or all the applications without assigning any reason thereof.
Sd./- CDM&PHO-cum-DMD, Dhankanal
OIPR-10059/11/0009/2425

GOVERNMENT OF ODISHA No.B-887
OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE
e-mail ID - supenger_rbjyp@yahoo.co.in, Phone No. : 06854-231528
INVITATIONS FOR BIDS (IFB)
BID IDENTIFICATION NO. C.C.E.J.C (R&B) - 11/2024-25
No. 310 Date : 29.01.2025
1. Nature of the work : ROAD & BUILDING WORKS
2. Total No. of Works : 02 (Two) Nos.
3. Tender cost : **Rs. 2.63 to 7.87 Crs.**
4. Period of completion : 04 (Four) to 12 (Twelve) Calendar Months
5. Cost of Bid Document : Rs. 10,000/-
6. Bid Security (EMD) : Rs. 2.63 to 7.87 Lacs As per column No. 06 of IFB
7. Class of Contractor : **"B", "A" & "Special" Class** as per cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 11.00 hours of 06.02.2025 to 17.00 hours of 20.02.2025
9. Last date / Time for receipt of bids in the Portal : 17.00 hours of 20.02.2025
10. Opening date of Bid : 10.00 hours of 21.02.2025
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.
Sd./- Chief Construction Engineer, Jeypore (R&B) Circle, Jeypore
OIPR-34108/11/0018/2425

GOVERNMENT OF ODISHA No.B-912
OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE
e-mail ID - supenger_rbjyp@yahoo.co.in, Phone No. : 06854-231528
INVITATIONS FOR BIDS (IFB)
BID IDENTIFICATION NO. C.C.E.J.C (R&B) - 12/2024-25
No. 361 Date : 31.01.2025
1. Nature of the work : BUILDING WORKS
2. Total No. of works : 06 (Six) Nos.
3. Tender cost : **Rs. 1.42 to 3.57 Crs.**
4. Period of completion : 08 (Eight) to 11 (Eleven) Calendar Months
5. Cost of Bid Document : Rs. 10,000/-
6. Bid Security (EMD) : Rs. 1.42 to 3.57 Lacs as per column No. 06 of IFB
7. Class of Contractor : **"B", "A" & "Special" Class** as per cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 11.00 hours of 10.02.2025 to 17.00 hours of 24.02.2025
9. Last date / Time for receipt of bids in the Portal : 17.00 hours of 24.02.2025
10. Opening date of Bid : 10.00 hours of 25.02.2025
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.
Sd./- Chief Construction Engineer, Jeypore (R&B) Circle, Jeypore
OIPR-34108/11/0019/2425

Government of Odisha, "e"-Procurement Notice
WORKS DEPARTMENT No.B-913
E-mail : ceroads.bbsr@gmail.com
Bid Identification No. CE-Roads-II-22/2024-25
1. The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Roadwork as mentioned below :
2. Nature of work : Road works
3. No. of work : 1 No.
4. Tender Paper cost : Rs. 10,000.00
5. Class of Contractor : Special Class/Super Class
6. Available of bid document in the website : From 10.00 A.M. of 10.02.2025 to 5.30 P.M. of 27.02.2025
7. Date of opening of Bid : Dt. 28.02.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- Chief Engineer (Roads-II), Odisha
OIPR-34181/11/0007/2425

GOVT. OF ODISHA
DEPARTMENT OF WATER RESOURCES
O/o THE SUPERINTENDING ENGINEER, PRACHI DIVISION, BHUBANESWAR - 12
E-mail : prachi.division@yahoo.co.in, eeprachidivision@gmail.com
No. 655 Dt. 29.01.2025
e-PROCUREMENT NOTICE NO. - SEPRD - 16/2024-25
No.A-1003 : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

01.	Nature of work	Civil works (Canal/River bank restoration / Building)
02.	No. of Works	21 (Twenty One) Nos.
03.	Bid Identification No.	SEPRD - 16/2024-25
04.	Estimated Cost (in Rupees)	Rs. 5.00 Lakhs to Rs. 50.00 Lakhs
05.	Earnest Money Deposit	Referred to DTCN
06.	Cost of Tender Paper	Referred to DTCN
07.	Period of Completion	Referred to DTCN
08.	Date & time of availability of bid documents in the Portal	From 05.02.2025 (10.00 A.M.) to 16.02.2025 (5.30 P.M.)
09.	Date and time of Opening of Tender Documents & online bids	17.02.2025 at 11.30 A.M.
10.	Date of Lottery (In case of situation arises)	25.02.2025 at 3.00 P.M.
11.	Name and Address of the Officer Inviting Bid	Superintending Engineer, Prachi Division, Bhubaneswar-12, E-mail : prachi.division@yahoo.co.in, eeprachidivision@gmail.com

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in.
Sd./-Superintending Engineer, Prachi Division, Bhubaneswar
OIPR-32096/11/0006/2425

WORKS DEPARTMENT
OFFICE OF THE SUPERINTENDING ENGINEER MAYURBHANJ (R&B) DIVISION, BARIPADA No.B-908
e-mail : bpd_eerb@rediffmail.com
Government of Odisha "e" Procurement Notice
Bid Identification No. - S.E.-65/2024-25
1. Number of works : 01 (one) number of work
2. Approximate estimated cost : 89.90 lakh
3. Period of completion : 09 (Nine) Cal

ଜେଲରେ ହଂସିତା, ଅନିଲଙ୍କୁ ଆୟକର ଜେରା

ଭୁବନେଶ୍ୱର,୩।୨(ସତ୍ୟଜିତ୍ ରାଉତ)

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକିଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭୀଲିପ୍ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦ ଓ ଅନିଲ କୁମାର ମହାନ୍ତିଙ୍କୁ ସୋମବାର ଆୟକର ବିଭାଗ ମାରାଥନ୍ ଜେରା କରିଛି। ଆୟକର ବିଭାଗ ପକ୍ଷରୁ ଦୁଇଟି ଟିମ୍‌ରେ ୭ଜଣିଆ ଅଧିକାରୀ ଝାରପଡ଼ା ଜେଲର ଏକ ସ୍ୱତନ୍ତ୍ର କୋଠରିରେ ଅଭିଯୁକ୍ତଦ୍ୱୟଙ୍କୁ ପ୍ରାୟ ୫ ଘଣ୍ଟା ଜେରା କରି ବହୁ ତଥ୍ୟ ନେଇଛି। ଅନିଲ ଓ ହଂସିତାଙ୍କ କାହା ସହ ଲିଙ୍କ୍ ରହିଛି, ବିପୁଳ ସମ୍ପତ୍ତିର ଉତ୍ସ କଣ, ଉଭୟ କେତେ ଟଙ୍କା ଟିକସ ଫାଙ୍କିଛନ୍ତି ଆଦି ବିଷୟରେ ଆଇଟି ପକ୍ଷରୁ ପଚରାଯାଇଛି।

ଆୟକର ଅଧିକାରୀମାନେ ପୂର୍ବାହ୍ନ ପ୍ରାୟ ୧୦ଟା ୨୦ରେ ଝାରପଡ଼ା ଜେଲରେ ପହଞ୍ଚି ଜେରା ପ୍ରକ୍ରିୟା ଆରମ୍ଭ କରିଥିଲେ। ପରେ ଅପରାହ୍ନ ପ୍ରାୟ ୩ଟା ୩୦ ବେଳେ ଜେରା ସାରି ଫେରି ଯାଇଥିଲେ। ଅନିଲ ଓ ହଂସିତାଙ୍କୁ ରିମାଣ୍ଡରେ ନେଇ ଜେରା କରିବାକୁ ଆୟକର ବିଭାଗ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲେ ମଧ୍ୟ ଏଥିପାଇଁ ବିଚାରପତି ଅନୁମତି ଦେଇ ନ ଥିଲେ। ଜେଲରେ ହିଁ ଗୋଟିଏ ଦିନ ଜେରା କରିବାକୁ କୋର୍ଟ ଆୟକର ବିଭାଗକୁ ଅନୁମତି ଦେଇଥିଲେ। ଗତ ଜାନୁଆରୀ ୭ରେ ଆୟକର ବିଭାଗ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁ ପରିଚୟ ଦେଇ ଠକେଇ ଘଟଣା



ପକ୍ଷରୁ ହଂସିତା ଓ ଅନିଲଙ୍କ ଦିଲ୍ଲୀ, ଝାଡ଼ଖଣ୍ଡ, ଓଡ଼ିଶାର ୧୨ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଆଇଟି ବିଭାଗ ଚଢ଼ାଉ କରି ଆର୍ଥିକ କାରବାର ସମ୍ବନ୍ଧୀୟ ବହୁ ଦସ୍ତାବିଜ୍ ଆଦି ଜବତ କରିଥିଲା। ଏଥିସହ ହଂସିତାଙ୍କ ସ୍ୱାମୀ ମନୋଜ ଆଚାର୍ଯ୍ୟଙ୍କ ଘରେ ମଧ୍ୟ ଆୟକର ଟିମ୍ ଚଢ଼ାଉ କରିଥିଲା। ଅପରପକ୍ଷରେ ଅନିଲ ଓ ହଂସିତା ଜାମିନ ପାଇଁ ଆବେଦନ କରିଥିବାବେଳେ କୋର୍ଟ ଏହାକୁ ଖାରଜ କରିଥିବାରୁ ସେମାନଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସୂଚନାଯୋଗ୍ୟ, ବହୁ ଲୋକଙ୍କୁ ଠକେଇ ଅଭିଯୋଗରେ ଇନ୍‌ଫୋସିଟି ଥାନା ପକ୍ଷରୁ ହଂସିତା ଏବଂ ଅନିଲଙ୍କୁ ଗିରଫ କରାଯାଇଥିଲା। ପରେ ପୋଲିସ ଓ ଆୟକର ବିଭାଗ ଉଭୟଙ୍କ ଅନେକ କୋଟିର ଦାମୀ ଗାଡ଼ି ସହ ସମ୍ପତ୍ତି ଠାବ କରିଥିଲା। ଏପରିକି ଅନିଲ ଓ ହଂସିତାଙ୍କ ବିରୋଧରେ ହୋଇଥିବା ଏତଲା କପି, ସମସ୍ତ ତଥ୍ୟ ଓ କାଗଜପତ୍ର ପୋଲିସ ଏବଂ ଆୟକର ବିଭାଗଠାରୁ ଇଡି ସଂଗ୍ରହ କରି ଆର୍ଥିକ ଦିଗ ଉପରେ ଅଧିକ ଖୋଳତାଡ଼ କରୁଛି।

ନାବାଳିକାଙ୍କ ନଗ୍ନ ଫଟୋ ଭାଇରାଲ: ଯୁବକ ଗିରଫ

କୁଜଙ୍ଗ,୩।୨(ମନୋଜ ପ୍ରଧାନ)

ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ନଗ୍ନ ଫଟୋ ଉଠାଇ ଭାଇରାଲ କରିବା ଅଭିଯୋଗରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ପୋଲିସ ସୋମବାର ଜଣକୁ ଗିରଫ କରି ପୋକ୍‌ସୋ କୋର୍ଟରେ ହାଜିର କରାଯାଇଛି। ସେ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ସୌରଭ ସ୍ୱାଇଁ(୪୪)। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାବିଭାଗୀୟ ହାଜତ କୁ ପଠାଇ ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ୪ ବର୍ଷ ପୂର୍ବେ କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ମୋବାଇଲ୍ ଫୋନ ଯୋଗେ ସୌରଭ ସମ୍ପର୍କ ଯୋଡ଼ିଥିଲେ। ନିଜକୁ ଜଣେ ଛାତ୍ର ଓ ତାଙ୍କ ବାପା ଜଣେ ପାରାଦୀପର ଠିକାଦାର ବୋଲି ଦର୍ଶାଇ ସୌରଭ ସମ୍ପୃକ୍ତା ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ଏହପରେ ଅନେକ ସମୟରେ ତାଙ୍କ ସହ ଭିଡିଓ କଲିଂରେ କଥା ହୋଇ ନାବାଳିକାଙ୍କ କିଛି ନଗ୍ନ ଫଟୋ ଉତ୍ତୋଳନ କରିବାକୁ ସକ୍ଷମ ହୋଇଥିଲେ । ସେହି ଫଟୋ ଦେଖାଇ ନାବାଳିକାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ସୌରଭ ବାଧ୍ୟ କରିଥିଲେ। ଏଥିସହ ୫ ଲକ୍ଷ ଟଙ୍କା ନ ଦେଲେ ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ପୀଡ଼ିତା ଅଭିଯୁକ୍ତଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରି ଦେଇଥିଲେ। ଏହାପରେ ସୌରଭ ନାବାଳିକାଙ୍କ ନଗ୍ନ ଫଟୋକୁ ଜଣେ ସମ୍ପର୍କୀୟଙ୍କ ମୋବାଇଲକୁ ପଠାଇ ଦେଇଥିଲେ। ଏ ସମ୍ପର୍କରେ ପୀଡ଼ିତା କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଭିତ୍ତି କରି ମାମଲା (ନଂ.୪୫/୨୫)ରୁଜୁ କରିଥିଲା।

ହତ୍ୟା ମାମଲାରେ ୫ ଜଣଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,୩।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାର ବୃତ୍ତାନ୍ତ ରାୟ ସୋମବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ଡ. ଇନ୍ଦୁ ଶର୍ମା ଅଭିଯୁକ୍ତ ଦୁଇ ଭାଇଙ୍କ ସମେତ ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଡିମ୍ବିରା ବାଉରି ସାହିର ସୁଧୀର ଦାସ (୨୩), ତାଙ୍କ ବଡ଼ଭାଇ କେଦାର ଦାସ(୨୫), ସୁଶାନ୍ତ ଦାସ(୨୪), କାହ୍ନୁ ଦାସ (୨୬) ଓ ବାପି ଦାସ(୨୫)। କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟ ସେମାନେ ଅଧିକ ୧ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଡିମ୍ବିରା ବାଉରିସାହିର ତ୍ରିନାଥ ଦାସ (୫୫) ୨୦୨୦ ମେ ୨୭ ତାରିଖରେ ଘର ବାହାରେ ବସିଥିବା ବେଳେ ସାହିର କେତେଜଣ ଯୁବକ ଆସି ତାଙ୍କ ପୁଅ କୁଆଡ଼େ ଗଲା ବୋଲି ପଚାରି ଗାଳିଗୁଲଜ କରିଥିଲେ। ତ୍ରିନାଥ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିବା ସହିତ ଖଣ୍ଡାରେ ହାଣି ଚମ୍ପଟ ମାରିଥିଲେ। ତ୍ରିନାଥଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ନଂ.୮୨/୨୦ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳନୀ ଥାନା ଅଧିକାରୀ ସୁମିତ କୁମାର ସୋରେନ ଅଭିଯୁକ୍ତମାନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷ୍ୟ ପ୍ରମାଣକୁ ଆଧାରକରି କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

ବରଯାତ୍ରୀରେ ଆସି ବିବାହ ମଣ୍ଡପରୁ ସୁନା ଗହଣା ଲୁଟିନେଲେ

ଭୁବନେଶ୍ୱର,୩।୨(ସୂର୍ଯ୍ୟକାନ୍ତ ବେହେରା)

ବରଯାତ୍ରୀରେ ଆସି ବିବାହ ମଣ୍ଡପରୁ ୭୦ରୁ ୮୦ ଗ୍ରାମ ସୁନା ଗହଣା ସହ ଦେଢ଼ ଲକ୍ଷ ଟଙ୍କା ନେଇଗଲେ ୨ ଲୁଟେରା। ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ନାଲ୍‌କୋ ଛକ ପାଖରେ ଥିବା ଏକ ହୋଟେଲ ପରିସରରେ ଏହି ଘଟଣା ରବିବାର ରାତିରେ ଘଟିଛି। ଲୁଟେରାଦ୍ୱୟଙ୍କ ଚୋରି କାରନାମାର ସମସ୍ତ ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏନେଇ ଶାସ୍ତ୍ରୀନଗରର ସରୋଜ ମିଶ୍ର ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୫/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗୋଟିଏ ଗୋଲ୍ଡ ଡାଇମଣ୍ଡ ରିଙ୍ଗ୍, ୨ଟି ଚୁଡ଼ି, ନେକ୍‌ଲେସ, ମଙ୍ଗଳସୂତ୍ର,ଏକାଧିକ ସୁନା ମୁଦି ଏବଂ ନଗଦ ଦେଢ଼ ଲକ୍ଷ ଟଙ୍କା ଲୁଟେରା ନେଇଯାଇଥିବା ଅଭିଯୋଗ ହୋଇଛି। ଚୋରି ହୋଇଥିବା ସୁନାର ମୂଲ୍ୟ ୧୩ ଲକ୍ଷରୁ ଅଧିକ ହେବ। ଏନେଇ ଡିସିପି ପିନାକ ମିଶ୍ର ମୂଲ୍ୟବାନ ଜିନିଷକୁ ହାତଛଡ଼ା ନ କରି ପରିବାର ଲୋକଙ୍କ ଦାୟିତ୍ୱରେ ଦିଅନ୍ତୁ ବୋଲି ସହରବାସୀଙ୍କୁ ନିବେଦନ କରିଛନ୍ତି।

ସୂଚନାନୁସାରେ, ସରୋଜଙ୍କ ଡାକ୍ତରାଣୀ ଝିଅଙ୍କ ବାହାଘର କାର୍ଯ୍ୟକ୍ରମ ଏକ ହୋଟେଲରେ ରବିବାର ଚାଲିଥିଲା। କନ୍ୟା ଷ୍ଟେଜରେ ଥିବାବେଳେ ବରଯାତ୍ରୀ ଗାଡ଼ି ପହଞ୍ଚିଥିଲା। ଏହି ସମୟରେ ୨ଜଣ ବରଯାତ୍ରୀଙ୍କ ସହ ଚତୁରତାର ସହ ହୋଟେଲ ମଧ୍ୟକୁ ପ୍ରବେଶ କରି କନ୍ୟା ଥିବା ଷ୍ଟେଜ୍ ପାଖରେ ଛିଡ଼ା ହୋଇଥିଲେ। କେହି ଯେମିତି ସନ୍ଦେହ ନ କରିବେ ଲୁଟେରାଦ୍ୱୟ ସୁଟ୍ ବୁଟ୍ ପିନ୍ଧି ଆସିଥିଲେ। ଏପଟେ କନ୍ୟା ଘର ଲୋକେ ଓ ଅନ୍ୟଅତିଥି ବରଙ୍କୁ ଦେଖିବାକୁ ବାହାରକୁ ଯାଇଥିଲେ। ସରୋଜଙ୍କ ସ୍ତ୍ରୀଙ୍କ କେତେଜଣ ଅତିଥି ଷ୍ଟେଜ ପାଖକୁ ଆସୁଥିବାରୁ ସେମାନଙ୍କୁ ରିସିଭ କରିବା ସମୟରେ ସେ ଭ୍ୟାନିଟି ବ୍ୟାଗକୁ ଷ୍ଟେଜରେ ଥୋଇ ଦେଇଥିଲେ। ଏହାର ସୁଯୋଗ ନେଇ ସେଠାରେ ଥିବା ଲୁଟେରାଦ୍ୱୟ ବିଳମ୍ବ ନ କରି ଭ୍ୟାନିଟି ବ୍ୟାଗକୁ ନେଇ ତୁରନ୍ତ ବାହାରକୁ ପଳାଇଥିଲେ। ଏହାପରେ ବ୍ୟାଗ ନ ପାଇବାରୁ ସରୋଜ ତୁରନ୍ତ ହୋଟେଲ କର୍ତ୍ତୃପକ୍ଷଙ୍କୁ ସିସିଟିଭି ଫୁଟେଜ ଯାଞ୍ଚ କରିବାକୁ କହିଥିଲେ। ହେଲେ ହୋଟେଲ କର୍ତ୍ତୃପକ୍ଷ ନ ଶୁଣି ପୋଲିସକୁ ଜଣାନ୍ତୁ ବୋଲି କହିଥିଲେ। ଏହାପରେ ସରୋଜ ପୋଲିସକୁ ଘଟଣା ସଂକ୍ରାନ୍ତରେ ଫୋନ ଯୋଗେ କହିବା ସହ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଦ୍ୱୟ ଫେରାର ହୋଇଥିବା ଗାଡ଼ିକୁ ଚିହ୍ନଟ କରି ଧରିବାକୁ ଉଦ୍ୟମ ଚଳାଇଥିଲେ ମଧ୍ୟ ଖବର ଲେଖା ହେବାପର୍ଯ୍ୟନ୍ତ କାବୁ କରିପାରି ନାହିଁ ।

ବ୍ରାଉନ୍‌ସୁଗାର ଚାଲାଣ ବେଳେ ଧରାପଡ଼ିଲେ ଟାକୁଲୁ

ଗିରଫ ଅଭିଯୁକ୍ତ।

ଜଳେଶ୍ୱର, ୩।୨(ନବୀନ ସାହୁ/ରବିନାରାୟଣ ପାତ୍ର)

ପଶ୍ଚିମବଙ୍ଗରୁ ଓଡ଼ିଶା ଜଳେଶ୍ୱରକୁ ବ୍ରାଉନ୍‌ସୁଗାର ଆଣି ଆସୁଥିବାବେଳେ ଜଳେଶ୍ୱର ପୋଲିସ ରବିବାର ଜଣେ ବ୍ୟକ୍ତିଙ୍କୁ କାବୁ କରି ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ସେକ୍ ସମିରୁଦ୍ଦିନ ଓରଫ ଟାକୁଲୁ ରାଜା(୪୦)। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ଝାଡ଼େଶ୍ୱର ଅଞ୍ଚଳରେ। ଟାକୁଲୁଙ୍କ ଠାରୁ ୩୪୫ଗ୍ରାମ ବ୍ରାଉନ୍ ସୁଗାର ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୪.୫ ଲକ୍ଷ ଟଙ୍କା ହେବ। ଘଟଣାସ୍ଥଳରୁ ବ୍ରାଉନ୍ ସୁଗାର ସହିତ ଏକ ବୁଲେଟ(ନଂ.ଓଡି୦୧-ଏଡବ୍ଲୁ-୩୮୨୨), କଳା ରଙ୍ଗର ମୋବାଇଲ ଫୋନ୍ ଏବଂ ୩,୮୦୦ ଟଙ୍କା ଜବତ ହୋଇଛି। ତାଙ୍କ ବିରୋଧରେ ଏକ ମାମଲା(ନଂ.୭୦/୨୦୨୫) ରୁଜୁ ହୋଇଛି। ଟାକୁଲୁଙ୍କ ବିରୋଧରେ ୨୦୨୦ରେ ବିଭିନ୍ନ ଥାନାରେ ୭ଟି ନିଶା କାରବାର ମାମଲା ରୁଜୁ ହୋଇଥିଲା। ସେ ୨୦୨୧ରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବାବେଳେ ୨୦୨୩ରେ ଜାମିନରେ ବାହାରିଥିଲେ ବୋଲି ବାଲେଶ୍ୱର ଏସ୍‌ପି ରାଜପ୍ରସାଦ ସୋମବାର ଜଳେଶ୍ୱର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

୩୪୫ ଗ୍ରାମ ବ୍ରାଉନସୁଗାର, ବୁଲେଟ ଜବତ

ସୂଚନାନୁଯାୟୀ, ଟାକୁଲୁ ପଡ଼ୋଶୀ ବାଂଲାଦେଶ, ନେପାଳ, ଦୁବାଇରୁ ବ୍ରାଉନ୍ ସୁଗାର ଆଣି କାରବାର କରନ୍ତି। ଦୀର୍ଘ ଦିନ ଏସ୍‌ଟିଏଫ୍ ସ୍କାନରରେ ରହିବା ପରେ ୨୦୨୧ ମସିହାରେ ସେ ଆତ୍ମସମର୍ପଣ କରିଥିଲା। ଜଳେଶ୍ୱର ଅଞ୍ଚଳରେ ଟାକୁଲୁଙ୍କ ଆନୁମାନିକ ୧୦କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା। ଉକ୍ତ ରିପୋର୍ଟକୁ ଆଧାର କରି ଫରଫିଚର ଅଫ୍ ପ୍ରପର୍ଟି ଆଇନ ବଳରେ କେନ୍ଦ୍ରୀୟ ନାର୍କୋଟିକ୍ ଡ୍ରଗ୍‌ସ ବିଭାଗ କୋଲକାତାସ୍ଥିତ ଇଷ୍ଟର୍ନ ରିଜିଓନାଲ ଜୋନ୍‌ର ଅଧିକାରୀଙ୍କୁ ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ ଦେଇଥିଲା। ଏସ୍‌ଟିଏଫ୍ ମଧ୍ୟ ଜଳେଶ୍ୱର ତହସିଲଦାରଙ୍କ ସହାୟତାରେ ଟାକୁଲୁଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଚଳାଇଛି। ଟାକୁଲୁଙ୍କ ବିରୋଧରେ ଜଳେଶ୍ୱର ଥାନାରେ ୩ଟି, ଶିଂଲା ଥାନାରେ ୧ଟି, ଭଦ୍ରକ ଥାନାରେ ୧ଟି, ବିଞ୍ଝାରପୁର ଥାନାରେ ୧ଟି ଓ ଏସ୍‌ଆଇଟି ଥାନାରେ ୨ଟି ମାମଲା ରହିଥିବା ଏସ୍‌ପି ରାଜପ୍ରସାଦ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲୀପ ସାହୁ, ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

୨ଦିନିଆ ରିମାଣ୍ଡରେ ସମର୍ଥ ସମ୍ପାଦକ

ଅନ୍ତେବାସୀଙ୍କୁ ନିର୍ଯାତନା ଘଟଣା

- ■ବଳାତ୍କାର ମାମଲାର ହେବ ଖୋଳତାଡ଼
- ■୬ ଅନ୍ତେବାସୀଙ୍କ ମୃତ୍ୟୁର କାରଣ ଖୋଜିବ ପୋଲିସ

ସମ୍ବଲପୁର,୩।୨(ପ୍ରମୋଦ ବହିଦାର)

ରିମାଣ୍ଡ ମିଳିବା ପରେ ସମର୍ଥ ଥଇଥାନ କେନ୍ଦ୍ର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କୁ ପୋଲିସ ନେଉଛି।

ସମ୍ବଲପୁର ନେତାଜୀନଗରରେ ଥିବା ସମର୍ଥ ମାନସିକ ଅନଗ୍ରସର ରୋଗୀ ଥଇଥାନ କେନ୍ଦ୍ରର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କୁ ପୋଲିସ ସୋମବାର ୨ଦିନିଆ ରିମାଣ୍ଡରେ ନେଇଛି। ଏହି ସମୟରେ ସମର୍ଥ କେନ୍ଦ୍ରରେ ମାନସିକ ବିକାରଗ୍ରସ୍ତ ଅନ୍ତେବାସୀଙ୍କ ଉପରେ ହୋଇଥିବା ନିର୍ଯାତନାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ତାଙ୍କୁ ପୋଲିସ ପଚରାଉଚରା କରିବ। ଫଳରେ ଜନସେବା ନାମରେ ଦାଶ ଚଳାଇଥିବା କାରନାମାର ଗୁମର ଖୋଲିବ ବୋଲି ଆଶା କରାଯାଉଛି। ସେଥିମଧ୍ୟରେ ଜଣେ ଅନ୍ତେବାସୀଙ୍କୁ ବଳାତ୍କାର ସହ ୬ ଜଣ ଅନ୍ତେବାସୀଙ୍କ ମୃତ୍ୟୁ ରହସ୍ୟ ମଧ୍ୟ ଉନ୍ମୋଚିତ ହେବା ଆଶା କରାଯାଉଛି।

ଏ ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର କହିଛନ୍ତି, ସମର୍ଥ କେନ୍ଦ୍ରରେ ଅନ୍ତେବାସୀଙ୍କୁ ନିର୍ଯାତନା ମାମଲାରେ ଧନୁପାଲି ଥାନାରେ ଏକ ମାମଲା ରୁଜୁହୋଇଥିଲା। ଏହାବାଦ ତାଙ୍କ ବିରୋଧରେ ଜଣେ ଅନ୍ତେବାସୀଙ୍କ ପକ୍ଷରୁ ବଳାତ୍କାର ଅଭିଯୋଗ ହୋଇଥିଲା ପରେ ଏହାକୁ ନେଇ ଆଉ ଏକ ମାମଲା ରୁଜୁହୋଇଥିଲା। ଏହାର ତଦନ୍ତ ପାଇଁ ସମର୍ଥ ସମ୍ପାଦକ ଦାଶଙ୍କୁ ରିମାଣ୍ଡରେ ନେବା ପାଇଁ ସମ୍ବଲପୁର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଦେଇଥିବା ୨ଦିନିଆ ରିମାଣ୍ଡ ଅବଧି କାଳରେ ତାଙ୍କ ବିରୋଧରେ ଯେଉଁ ସବୁ ଅଭିଯୋଗ ପୋଲିସ ନିକଟରେ ପହଞ୍ଚିଛି ତାହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ମସିହାରେ ଆଦର୍ଶ ଶିଶୁ ମନ୍ଦିର ଅଧୀନରେ ସ୍ୱୀକୃତିପ୍ରାପ୍ତ ଏହି କେନ୍ଦ୍ରରେ ୫୦ଜଣ ଅନ୍ତେବାସୀଙ୍କ ପାଇଁ ସ୍ୱୀକୃତି ମିଳିଥିଲା। ସେମାନଙ୍କୁ ଅତ୍ୟନ୍ତ ଅପରିଷ୍କାର ପରିବେଶରେ ମାତ୍ର ଦୁଇଟି କୋଠରିରେ ସର୍ବଦା ତାଲାବନ୍ଦ କରି ରଖାଯାଉଥିଲା ବୋଲି ମଧ୍ୟ ଅଭିଯୋଗ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଲା ଏହି କେନ୍ଦ୍ରରେ ବିଗତ ଦିନରେ ୬ରୁ ୭ଜଣ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଥିଲା। ଏପରିକି ମୃତ୍ୟୁ ପରେ ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ମଧ୍ୟ ହୋଇ ନ ଥିବା ଅଭିଯୋଗ ହୋଇଛି। ସମର୍ଥ ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଅମାନୁଷିକ ନିର୍ଯାତନା ଘଟଣାର ଭିଡିଓ ଭାଇରାଲ ହେବା ପରେ ଏହା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଛପନ କୋଟି ଜୀବଙ୍କୁ, ବାଆନ କୋଟି ଭଣ୍ଡାର।

ଈଶ୍ୱର ହେଉଛନ୍ତି ସକଳ ସୃଷ୍ଟିର ଆଧାର। ସେ ହିଁ ସୃଷ୍ଟିକର୍ତ୍ତା, ତ୍ରାଣକର୍ତ୍ତା ଓ ପ୍ରାଣକର୍ତ୍ତା। ଜୀବମାନଙ୍କ ପାଇଁ ଈଶ୍ୱରଙ୍କ ସଂସାରରେ ଖାଦ୍ୟର ଅଭାବ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଛିରେ ପେଟୁ, ଯେତେ ଖାଇଥିଲେ ଖାଇବା ରଟୁ ।

ଯାହାର ଖାଦ୍ୟ ପ୍ରତି ଅଧିକ ଲୋଭ ରହିଥାଏ ସେ ଯେତେ ଖାଇଥିଲେ ମଧ୍ୟ ଆହୁରି ଖାଦ୍ୟ ଖାଇବା ନେଇ ମନ ବଳାଇଥାଏ। ସେହିପରି ଖାଦ୍ୟ ଛଡା ତାଙ୍କୁ ଆଉ କିଛି ବି ଦୃଶ୍ୟ ହୋଇ ନ ଥାଏ। ପେଟୁ ସଭା ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ରହିଥିବା ଅହେତୁକ ଲାଳସା ଭାବନା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସ

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ହୃଷିକେଶ

@ ବିଷ୍ଣୁ

@ ରାଜେଶ

@ ଗଙ୍ଗାଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଅଣଶିକ୍ଷାବିତ୍‌ଙ୍କୁ କୁଳପତି ନିଯୁକ୍ତି ନିୟମକୁ ବିରୋଧ

ଏଆଇଏସ୍‌ଇସି ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

ଭୁବନେଶ୍ୱର,୩।୨(ସୁଚିସ୍ମିତା ସାହୁ)

ନୂତନ ଶିକ୍ଷାନୀତି ୨୦୨୦ ଆଧାରରେ ୟୁଜିସି ଚିଠା ବିଧିନିୟମ-୨୦୨୫ ଅନୁସାରେ ବିଶ୍ୱବିଦ୍ୟାଳୟରେ କୁଳପତି ହେବେ ଅଣଶିକ୍ଷାବିତ୍। ପ୍ରଶାସନିକସ୍ତରରେ ହେଉ କିମ୍ବା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ଯେ କୌଣସ ବ୍ୟକ୍ତି କୁଳପତି ଭାବେ ନିଯୁକ୍ତି ପାଇପାରିବେ। ତେବେ ଏହାକୁ ନେଇ ଏବେ ବିରୋଧ ଆରମ୍ଭ ହୋଇଛି। ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ କମିଟି ଏହାର ସଂଶୋଧନ ଦାବି କରିଛି। ଏ ନେଇ କମିଟିର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ମାଧ୍ୟମରେ ଏକ ଦାବିପତ୍ର କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ୟୁଜିସିକୁ ପ୍ରଦାନ କରିଛନ୍ତି।

ବିଶ୍ୱବିଦ୍ୟାଳୟ କୁଳପତି ହେବା ପାଇଁ ସର୍ବନିମ୍ନ ୧୦ବର୍ଷର ଶିକ୍ଷାଦାନର ଅଭିଜ୍ଞତା ସହିତ ଗବେଷଣା କରିଥିବା ପ୍ରାର୍ଥୀଙ୍କୁ ଯୋଗ୍ୟ ବୋଲି ଚୟନ କରାଯାଏ। କିନ୍ତୁ ନୂତନ ଚିଠା ପ୍ରସ୍ତାବରେ ଉଲ୍ଲେଖ ରହିଛି ଯେ, କଳକାରଖାନା, ସାମାଜିକ ଅନୁଷ୍ଠାନ, ପ୍ରଶାସନରେ କାମ କରିଥିବା ବ୍ୟକ୍ତି ବିଶେଷମାନେ କୁଳପତି ହେବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ସେହିପରି ଅଧ୍ୟାପକ, ପ୍ରଫେସର ନିଯୁକ୍ତି ପାଇଁ ପୂର୍ବରୁ ଥିବା ଶିକ୍ଷାଗତ ଯୋଗ୍ୟତାକୁ ମଧ୍ୟ କୋହଳ କରାଯାଇଛି। ଗୋଟିଏ ବିଷୟରେ ଯଦି ଜଣେ ପିଜି କରି ଅନ୍ୟ ବିଷୟରେ ପିଏଚ୍‌ଡି ବା ନେଟ୍ ପାଇଥାନ୍ତି, ତେବେ ଉକ୍ତ ବିଷୟରେ ସେ ନିଯୁକ୍ତି ପାଇପାରିବେ। ଏଭଳି ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଗଲେ ଉଚ୍ଚଶିକ୍ଷାର ମାନ ଧ୍ୱଂସ ପାଇବା ସହିତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରଭାବିତ ହେବ। କାରଣ ଦେଶର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲକ୍ଷ ଲକ୍ଷ ପଦବୀ ଖାଲିପଡ଼ିଛି। ଆମ ରାଜ୍ୟର କେବଳ ବିଶ୍ୱବିଦ୍ୟାଳୟରେ ୧୮୦୧ ଅଧ୍ୟାପକ ପଦବୀରୁ ୧୦୮୦ ଖାଲି ପଡ଼ିଛି। ସରକାର ଏହି ପଦବୀ ପୂରଣ କରୁ ନ ଥିବା ବେଳେ କଣ୍ଟ୍ରାକ୍ଟୁଆଲ ନିଯୁକ୍ତିରେ ପାଠପଢ଼ାଇବାକୁ ଯୋଜନା କରୁଛନ୍ତି। ସେହିପରି କେନ୍ଦ୍ର ସରକାର ବିଶ୍ୱବିଦ୍ୟାଳୟର ସମସ୍ତ କ୍ଷେତ୍ରରେ ଆଧିପତ୍ୟ ପ୍ରତିଷ୍ଠା ପାଇଁ ଚେଷ୍ଟା କରୁଛନ୍ତି। ଏପରି କି ବିଧିନିୟମକୁ ଲାଗୁ ନ କଲେ କର୍ତ୍ତୃପକ୍ଷ ଓ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ୟବସ୍ଥା ରଖିଛନ୍ତି। ଏହା ଉଚ୍ଚଶିକ୍ଷାର ଭବିଷ୍ୟତକୁ ବିପଦଗାମୀ କରିବ ବୋଲି ଦାବିପତ୍ରରେ ଉଲ୍ଲେଖ ହୋଇଛି।

ୟୁଜିସି ଚିଠା ବିଧିନିୟମ-୨୦୨୫କୁ ବିରୋଧ କରି ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ କମିଟିର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକ, ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ଷା, ସମ୍ପାଦକ ସୁବାସ ନାୟକ, ସର୍ବଭାରତୀୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଫେସର ପ୍ରଦୀପ ମହାପାତ୍ର, କମିଟି ସଦସ୍ୟ ବିଭୂତି ନାୟକ, ପ୍ରବାସିନୀ ରାଉଳ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିବା ସହ କେତେକ ପ୍ରସ୍ତାବ ରଖିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ସୋମବାର ପରିବେଷିତ ନାଟକ 'ଏକ ଅବାସ୍ତବ ଗଳ୍ପ'ର ଏକ ଦୃଶ୍ୟ।

କାର୍‌କୁ ଧକ୍କା ଦେଲା ମୋ ବସ୍

ଭୁବନେଶ୍ୱର,୩।୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆର୍‌ପି ଛକରେ ସୋମବାର ଏକ କାର୍‌କୁ ମୋ ବସ୍ ଧକ୍କା ଦେଇଛି। ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବାବେଳେ କାର୍‌ର ସମ୍ମୁଖ ଭାଗ ଭାଙ୍ଗି ଯାଇଛି। ଦୁର୍ଘଟଣା ପରେ ସେଠାରେ କିଛି ସମୟ ଚାପା ଉତ୍ତେଜନା ଲାଗି ରହିବାରୁ ଟ୍ରାଫିକ୍ ଜାମ୍ ହୋଇଥିଲା। ଖବରପାଇ ନୟାପଲ୍ଲୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଗାଡ଼ିକୁ ଜବତ କରି ଥାନାକୁ ଆଣି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

ଆନ୍ତଃରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ନେହେରୁ ଯୁବ କେନ୍ଦ୍ର ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆନ୍ତଃରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ସଂଗଠନ ଓଡ଼ିଶା ଶାଖାର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ୍, ସମ୍ମାନିତ ଅତିଥି ଭାବେ ନିଖିଲ୍ କୋକଲା, ସବିତ ସୁମନ, ସାମାଜିକ କର୍ମୀ ଅବିନାଶ ଦାସ, ଯୁବ ଅଧିକାରୀ ବିପିନ କୁମାର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶର ପ୍ରକାଶମ୍, ଚିତୋର, କାକିନାଡ଼ା, ଗୁଣ୍ଟୁର ଓ ବିଜୟୱାଡ଼ା ଜିଲାରୁ ୨୭ଜଣ ଯୁବ ପ୍ରତିନିଧି ଯୋଗଦେଇଛନ୍ତି। ୫ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ଶୁଭେନ୍ଦ୍ରନାଥ ସାହୁ, କୁଳମଣି ମଲ୍ଲିକ, ସ୍ୱେଚ୍ଛାସେବୀ ସତ୍ୟନାରାୟଣ ଶ୍ରୀଚନ୍ଦନ, ମନୋରଞ୍ଜନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

ଦ.ପୂ. ରେଳପଥ – ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୧/୧, ତାରିଖ: ୩୧।୦୧।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜିଜି.), ଦ.ପୂ. ରେଳପଥ, ଖଡ଼୍‌ଗପୁର- ୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ପାଇଁ ଦର୍ଶାଯାଇଥିବା ତାରିଖର **୧୫.୦୦** ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ **୧୫.୩୦** ଘଟିକାରେ ଖୋଲାଯିବ: **ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୩-୨୦୨୪** । **କାର୍ଯ୍ୟର ବର୍ଣ୍ଣନା:** "କ୍ୟାରିଏଜ୍ ଶପ୍, ଖଡ଼୍‌ଗପୁର ୱାର୍କଶପ୍‌ର ସ୍ପ୍ରିଙ୍ ସେକ୍ସନ"ର ପରିବର୍ଦ୍ଧନ । **ଟେଣ୍ଡର ମୂଲ୍ୟ:** ₹୯୯,୧୨,୧୭୭.୪୮ । **ଅମାନତ ରାଶି:** ₹୧,୯୮,୩୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ୦.୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୦୬ ମାସ । **ଖୋଲାଯିବା ତାରିଖ:** ତା୧୩।୦୨।୨୦୨୫ରିଖ । **ବିଡିଂ ଆରମ୍ଭ ତାରିଖ:** ତା୩୦।୦୧।୨୦୨୫ରିଖରୁ ତା୧୩।୦୨।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି। **(PR-1093)**

ବୈକୁଣ୍ଠଧାମ ଉଚ୍ଛେଦ ମାମଲା

ହାଇକୋର୍ଟରୁ ମାମଲା ପ୍ରତ୍ୟାହାର କଲେ ଆବେଦନକାରୀ

କଟକ,୩।୨(କାର୍ତ୍ତିକ ସାହୁ)

ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ଖଣ୍ଡଗିରି ଆଶ୍ରମ ଉଚ୍ଛେଦକୁ ବିରୋଧ କରି ଆଶ୍ରମ ପକ୍ଷରୁ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ସୋମବାର ପ୍ରତ୍ୟାହାର କରାଯାଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇ ଆଶ୍ରମକୁ କୌଣସି ଅନୁମତି ପ୍ରଦାନ କରାଯାଇନାହିଁ ବୋଲି ହାଇକୋର୍ଟଙ୍କୁ ପୂର୍ବ ଶୁଣାଣିରେ ଅବଗତ କରାଯାଇଥିଲା। ଏହି ସତ୍ୟପାଠ ଦାଖଲ ପରେ ହାଇକୋର୍ଟ ଆଶ୍ରମ ଉଚ୍ଛେଦ ଉପରେ ଜାରି କରିଥିବା ରହିତାଦେଶକୁ ହଟାଇ ଦେଇଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ଆଶ୍ରମକୁ ଉଚ୍ଛେଦ କରାଯାଇସାରିଛି।

ପ୍ରକାଶ ଯେ, ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ଖଣ୍ଡଗିରି ପକ୍ଷରୁ ଆଶ୍ରମ ଉଚ୍ଛେଦ ଆଦେଶ ବିରୋଧରେ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ଗତ ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଆଶ୍ରମ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଆଦେଶ ଦେଇଥିଲେ। ବେଆଇନ ନିର୍ମାଣ ସମ୍ପର୍କରେ ତଦନ୍ତ କରି ବିଡିଏ ଓ ବିଏମ୍‌ଏସିର ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଆଶ୍ରମ ଉଚ୍ଛେଦ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ବିରୋଧ କରି ଆଶ୍ରମ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ଆଶ୍ରମ ନାମରେ ୧୪୦ ଡିସିମିଲ ସରକାରୀ ଜମି ଜବରଦଖଲ ଅଭିଯୋଗ ହୋଇଥିଲା। ଆଶ୍ରମ ନାମରେ ଘାଟିକିଆ ମୌଜାରେ ଦୁଇଟି ଫ୍ଲାଟ୍ ରହିଛି। ଆଶ୍ରମ ଉଚ୍ଛେଦ ପୂର୍ବରୁ ଏନେଇ ମାଇକ ଯୋଗେ ଘୋଷଣା କରାଯାଇଥିଲା।

ପୂର୍ବ ତଟ ରେଳପଥ

ସାଙ୍କେତିକ ସୂଚନା

ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଅବସରପ୍ରାପ୍ତ ରେଳ କର୍ମଚାରୀମାନଙ୍କର ପୁନଃନିଯୁକ୍ତି

ସଂ.: SBP/Pers/Staff/Re-engagement of retired staff/01, ତାରିଖ : 31.01.2025

ବିସ୍ତୃତ ବିଜ୍ଞପ୍ତି ସ. SBP/Pers/Staff/Re-engagement of retired staff, ତାରିଖ 31.01.2025, ପୂର୍ବ ତଟ ରେଳପଥର ୱେବସାଇଟ୍‌ର ନିମ୍ନଲିଖିତ ଠିକଣାରେ ଉପଲବ୍ଧ : **www.eastcoastrail.indianrailways.gov.in ➲ About us ➲ Division ➲ Sambalpur Division ➲ Recruitment.**

ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ) / ସମ୍ବଲପୁର

PR-944/P/24-25

PUBLIC NOTICE

WE THE LEGAL HEIRS OF LATE KAILASH MAHANTA AND LATE. KASHINATH MAHANTA, S/O. LATE. GUHIRAM MAHANTA OF VILLAGE/TOWN - BARBIL MAHANTA BASTI, P.O./P.S. BARBIL, TAHASIL - BARBIL, DIST. - KEONJHAR HEREBY NOTIFY BY THIS PUBLIC NOTICE THAT WE ARE GOING TO SALE ONE OF OUR LAND BEARING PLOT NO. 75 IN KHATA NO. 15 OF MOUZA- SADING UNIT - 6, BARBIL COMPRISING AN AREA OF A 2.870 DECIMALS, UNDER BARBIL TAHASIL IN THE DISTRICT OF KEONJHAR, ODISHA. IF ANY DEMAND BY ANY PERSON REGARDING THIS LAND MAY CONTACT WITH ONE OF THE LEGAL HEIR NAMELY MANAS RANJAN MAHANTA, S/O. LATE. MANOHAR MAHANTA WITHIN A PERIOD OF 7 DAYS FROM TODAY. OTHERWISE NO CLAIM SHALL BE ENTERTAINED IN FUTURE.

MANAS RANJAN MAHANTA
(CONTACT NO. 7064704178)

ଓଡ଼ିଆ ସ୍ୱାଭିମାନକୁ ମଧୁବାବୁ ଉଜ୍ଜୀବିତ କରିଥିଲେ

ଭୁବନେଶ୍ୱର,୩।୨(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ଆବସରରେ 'ଓଡ଼ିଶା କଲଚରାଲ ସର୍କଲ' ଓ 'ଆତ୍ମା' ପକ୍ଷରୁ ଯୁବ ସମ୍ମେଳନ 'ଜଣେ ଓଡ଼ିଆ ଥିଲେ...' କାର୍ଯ୍ୟକ୍ରମ ସୋମାବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ଅଭିନେତା ଆକାଶ ଦାସନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଆ ସ୍ୱାଭିମାନକୁ ମଧୁବାବୁ ଉଜ୍ଜୀବିତ କରିଥିଲେ। ଓଡ଼ିଶାର ସ୍ୱତନ୍ତ୍ର ରାଜ୍ୟର ମାନତ୍ୟ ପ୍ରଦାନ କରିବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତଥା ଡିଏସବିଏମ ଅଧ୍ୟକ୍ଷ ଡ. ଡି ଏନ ମିଶ୍ର ଯୋଗଦେଇ ମଧୁ ବାବୁଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ମଧୁବାବୁ କିପରି ସବୁ ସମୟରେ ସବୁ ବର୍ଗର ଲୋକଙ୍କ ପାଇଁ ପ୍ରେରଣାର ଉତ୍ସବ ସାଜିଛନ୍ତି, ସେ ସମ୍ପର୍କରେ ଅତିଥିମାନେ କହିଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ଡ. ଜେନାମଣି ସଞ୍ଜୀବ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଅଭିଭାଷଣ ଦେଇଥିଲେ। ସମ୍ପାଦକ ଚେଧୁରୀ ଅମିତାଭ ଦାସ ସମ୍ମେଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମଧୁ ବାବୁଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ସାମ୍ବାଦିକ ଗିରିଜା ଶଙ୍କର ଦାଶ ଓ ରାମଚଣ୍ଡୀ ପ୍ରସାଦ ରଣସିଂହ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଛାତ୍ରୀ ସ୍ନେହାଞ୍ଜଳି ମହାନ୍ତି ଓ ସ୍ମୃତି ସୋନମ୍ ସଂଯୋଜନା କରିଥିଲେ।

ଯୁକ୍ତ୨: ଏକା ସମୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ଫଳ

ଭୁବନେଶ୍ୱର,୩।୨(ସୁଚିସ୍ମିତା ସାହୁ)

ଆସନ୍ତା ୧୮ ତାରିଖରୁ ଯୁକ୍ତ୨ ଲିଖିତ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମଙ୍ଗଳବାର ଆଉଏକ ପ୍ରସ୍ତୁତି ବୈଠକ ବସିବ। ମୁଖ୍ୟ ଶାସନ ସଚିବ ଯୋଗଦେଇ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିବେ। ଏ ସଂକ୍ରାନ୍ତରେ ସବୁ ଜିଲାପାଳ, କମିଶନରେଟ ପୋଲିସ ଓ କଲେଜ ପ୍ରିନ୍ସିପାଲଙ୍କୁ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ଶୁଭଶ୍ରୀ ନନ୍ଦ ଚିଠି ଲେଖିଛନ୍ତି। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା, ପତ୍ର ବିନିମୟ ପାଠ୍ୟକ୍ରମର ନିୟମିତ ଏବଂ ପୂର୍ବ ନିୟମିତ ଥିଓରି ପରୀକ୍ଷା ପ୍ରାୟ ସମାନ ସମୟରେ ଚାଲିବ। ପରୀକ୍ଷା ସରିବା ମାତ୍ରେ ଖାତାଦେଖା ଆରମ୍ଭ ହେବ। ଅନ୍‌ଲାଇନ ମୂଲ୍ୟାୟନକୁ ଚଳିତବର୍ଷ ଗୁରୁତ୍ୱ ଦିଆଯାଇଛି। କଳା ବିଭାଗର ଓଡ଼ିଆ ଓ ଇଂଲିଶ ବିଷୟର ଖାତାଦେଖା ସବୁବର୍ଷ ବିଳମ୍ବ ହୋଇଥାଏ। ତେଣୁ ପ୍ରଥମଥର ପାଇଁ ଅନ୍‌ଲାଇନ ମୂଲ୍ୟାଙ୍କନ କରିବା ପାଇଁ ପରିଷଦ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଅନ୍‌ଲାଇନ ମୂଲ୍ୟାଙ୍କନ କେନ୍ଦ୍ରଗୁଡ଼ିକୁ ବୃଦ୍ଧି କରାଯିବା ସହିତ ଶୀଘ୍ର ଏବଂ ଏକା ସମୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି।

LIC ଭାରତୀୟ ଜୀବନ ବୀମା ନିଗମ LIFE INSURANCE CORPORATION OF INDIA

LIFE INSURANCE CORPORATION OF INDIA
DIVISIONAL OFFICE, JEEVAN PRAKASH, AINTHAPALI, SAMBALPUR-768004
Ph.0663-2541550, E-mail Id:os.sambalpur@licindia.com

NOTICE FOR EMPANELMENT: 2025-28

Applications are invited from reputed firms for empanelment for Printing & order supply of Stationery forms and Envelops, Printing of Continuous Stationery Items and Supplier of I.T. consumable items at Sambalpur Divisional Office. **For complete details please log on to our website www.licindia.in and go to "Tenders" and click on the link "NOTICE FOR EMPANELMENT SAMBALPUR DIVISION, F.Y. 2025-28"** Application forms may be obtained from OS department of Sambalpur Divisional Office of LIC of India at above mentioned address from **04.02.2025 to 25.02.2025** on all working days from **10.00 a.m. to 04.00 p.m. except on Saturdays, Sundays** and holidays. **Last date for submission of application form is 25.02.2025 (4.00 p.m.). Any subsequent change in Terms & Conditions of the Notice of Empanelment will be published on our website only.**

Dt- 03.02.2025 **Sd/- Sr. Divisional Manager**

ଆଜି ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼

- ତ୍ରିଶମ୍ଭୁଙ୍କ ଅପେକ୍ଷାରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ
- ଆଜି ବିନା ଦେୟରେ ସୂର୍ଯ୍ୟମନ୍ଦିର ବୁଲିପାରିବେ ଶ୍ରଦ୍ଧାଳୁ

କୋଣାର୍କ,୩।୨(ଜ୍ୟୋତିରାଜ ମହାନ୍ତି)

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ମଙ୍ଗଳବାର ଭୋରରୁ ପବିତ୍ର ମାଘସପ୍ତମୀ ବୁଡ଼ ପକାଇବା ପାଇଁ ଏଠାରେ ସୋମବାର ଦେଶର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁ ଓ ସାଧୁସନ୍ତଙ୍କ ସମାଗମ ହୋଇଛି। ମେଳାପଡ଼ିଆ ଲୋକାରଣ୍ୟ ହୋଇପଡ଼ିଥିବାବେଳେ 'ତ୍ରିଶମ୍ଭୁ' ଭାବେ ପରିଚିତ ୩ ମହାଦେବଙ୍କ ଆଗମନକୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଉତ୍ସାହର ସହ ଅପେକ୍ଷା କରିଛି। ତ୍ରିଶମ୍ଭୁଙ୍କ ସ୍ନାନ ଓ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ। ସେହିପରି ମଙ୍ଗଳବାର ମାଘସପ୍ତମୀ ଉପଲକ୍ଷେ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି। ତେଣୁ ଶ୍ରଦ୍ଧାଳୁମାନେ ବିନା ଦେୟରେ ମନ୍ଦିର ପରିଦର୍ଶନ ସହ ପରିବାରର ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ନବଗ୍ରହ ମନ୍ଦିରରେ ପୂଜାର୍ଚ୍ଚନା କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ତ୍ରିଶମ୍ଭୁ ଭାବେ ପରିଚିତ ସ୍ଥାନୀୟ ମାଧ୍ୟପୁର ଗ୍ରାମର ଆରାଧ୍ୟ ଦେବତା ତ୍ରିବେଣୀଶ୍ୱର ମହାଦେବ, ସଙ୍କପୁର ଗ୍ରାମର ବାବା ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ବାବା ଦକ୍ଷିଣେଶ୍

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ବିଶ୍ୱ କର୍କଟ ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ କିଟ୍ ଓ କିମ୍ସର ସଚେତନତା ବାର୍ତ୍ତାକୁ ଆଧାର କରି ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ସୋମବାର ପ୍ରସ୍ତୁତ ବାଲୁକା କଳା।

ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କୁ ରାଗିଂ

ବଲାଙ୍ଗୀର,୩।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଡୁମ୍ବେରବାହାଲସ୍ଥିତ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟରେ ଛାତ୍ର ରାଗିଂ ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟର ଯୁକ୍ତ ଦୁଇ ଶ୍ରେଣୀର ପ୍ରାୟ ୧୫ ଛାତ୍ର ସେହି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ପୂର୍ଣ୍ଣଚନ୍ଦ୍ର ଧରୁଆଙ୍କ ସମେତ ୮ ଛାତ୍ରଙ୍କୁ ମାଡ ମାରିଥିବା ଅଭିଯୋଗ କରିଛନ୍ତି। ପୂର୍ଣ୍ଣଚନ୍ଦ୍ରଙ୍କ ବାପା ସୁଦାମ ଧରୁଆ ରବିବାର ରାତିରେ ପୁଇଁତଲା ଥାନାରେ ଏସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଗତ ୩୧ ତାରିଖ ୧୧ଟାରେ ଯୁକ୍ତଦୁଇ ଶ୍ରେଣୀର ଜଣେ ଛାତ୍ର ଛାତ୍ରାବାସକୁ ଆସି ଅଷ୍ଟମ ଶ୍ରେଣୀରେ ପଢୁଥିବା ପୂର୍ଣ୍ଣଚନ୍ଦ୍ରଙ୍କୁ ତାଙ୍କ ଛାତ୍ରାବାସକୁ ଡାକି ନେଇଥିଲେ। ସେଠାରେ ଅନ୍ୟ ୧୫ ଛାତ୍ର ମିଳିତ ଭାବେ ପୂର୍ଣ୍ଣଚନ୍ଦ୍ରଙ୍କୁ ମାଡ ମାରିଥିବା ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗପତ୍ରରେ ପୂର୍ଣ୍ଣଚନ୍ଦ୍ରଙ୍କ ସମେତ ବିଦ୍ୟାଳୟର ଅନ୍ୟ ୮ ଛାତ୍ରଙ୍କୁ ସମ୍ପୃକ୍ତ ଯୁକ୍ତ ଦୁଇ ଶ୍ରେଣୀ ଛାତ୍ରମାନେ ମାଡ ମାରିଥିବା ଉଲ୍ଲେଖ କରିଛନ୍ତି। ଏହି ଘଟଣା ଜଣାପଡିବା ପରେ ପୁଇଁତଲା ବିଡିଓ ଅମରେନ୍ଦ୍ର ସ୍ୱାଇଁ, ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଆଦିବାସୀ ନେତା ସତ୍ୟନାରାୟଣ ଭୋଇ, ପୁଇଁତଲା ଥାନା ଅଧିକାରୀ, ଉଭୟ ମାଡ ମାରିଥିବା ଏବଂ ମାଡ ଖାଇଥିବା ଛାତ୍ରଙ୍କ ଅଭିଭାବକ, ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ରାୟଗୁରୁଙ୍କ ଉପସ୍ଥିତିରେ ସୋମବାର ଅପରାହ୍ନରେ ସ୍କୁଲ ପରିସରରେ ଆଲୋଚନା ହୋଇଥିଲା। ଆଲୋଚନାରେ ଅଭିଯୁକ୍ତ ଯୁକ୍ତଦୁଇ ଛାତ୍ରମାନେ ମାଡ ମାରିଥିବା ସ୍ୱୀକାର କରିଥିବା ଜଣାପଡିଛି। ଆଗକୁ ଏଭଳି ଭୁଲ ହେବ ନାହିଁ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ବିଦ୍ୟାଳୟ ପରିସରରେ ରାଗିଂ ଅଭିଯୋଗ ପରେ ହଇଚଇ ସୃଷ୍ଟି ହୋଇଥିଲା। ଅଭିଭାବକମାନେ ଏହି ଘଟଣାକୁ ନେଇ ଚିନ୍ତାପ୍ରକଟ କରିଥିଲେ। ଆହତ ଛାତ୍ର ପୂର୍ଣ୍ଣଚନ୍ଦ୍ର ସୁସ୍ଥ ହୋଇ ନ ଥିବା ଜଣାଇଛନ୍ତି।

ବିକଶିତ ଓଡ଼ିଶା ନିର୍ମାଣରେ ସହାୟକ ହେବ ରେଳ ବଜେଟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୨(ସୁନିତ୍ ମିଶ୍ର)

ଓଡ଼ିଶାର ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଲାଗି ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଓଡ଼ିଶାକୁ ରେଳ ବଜେଟ ବାବଦରେ ମୋଟ ୧୦,୫୯୯ କୋଟି ମଞ୍ଜୁର ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏହି ରେଳ ବଜେଟ ମାଧ୍ୟମରେ ରେଳପଥର ବିକାଶ, ଭିତ୍ତିଭୂମିର ଉନ୍ନତି ଇତ୍ୟାଦି ତ୍ୱରାନ୍ୱିତ ହେବ ; ଯାହାକି ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହିତ ବିକଶିତ ଓଡ଼ିଶା ନିର୍ମାଣରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ଜଣାଇଛନ୍ତି।

ଏସ୍‌ସିବି ମେଡିକାଲ୍ କଲେଜରେ ପ୍ରତିଷ୍ଠା ହେବ ୫୦୦ ଶଯ୍ୟା ବିଶିଷ୍ଟ ଟ୍ରମା ସେଣ୍ଟର୍

ଭୁବନେଶ୍ୱର,୩।୨(ସୁନିତ୍ ମିଶ୍ର)

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍‌ପିଟାଲ(ଏସ୍‌ସିବି)ରେ ଏକ ୫୦୦ ଶଯ୍ୟା ବିଶିଷ୍ଟ ଟ୍ରମା ସେଣ୍ଟର୍ ପ୍ରତିଷ୍ଠା ହେବ। ଏହାଦ୍ୱାରା ବିଭିନ୍ନ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତୁରନ୍ତ ଉନ୍ନତ ଚିକିତ୍ସା ମିଳିପାରିବ। ଆଜି ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଟ୍ରମା ସେଣ୍ଟର୍‌ଟି କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା'ରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ କେନ୍ଦ୍ର ସରକାର ୬୦ ପ୍ରତିଶତ ଅର୍ଥ ବିନିଯୋଗ କରିବା ବେଳେ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ବିନିଯୋଗ କରିବେ। କଟକ ଏସ୍‌ସିବିରେ ଏହି ଟ୍ରମା ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ୨୦୨୪ ଜୁଲାଇ ୨ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡାଙ୍କ ନିକଟକୁ ପତ୍ର ଲେଖି ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ଏହାକୁ ନୀତିଗତ ଅନୁମୋଦନ ଦେବା ପରେ ଏବେ ଏହା ରାଜ୍ୟ ସରକାରଙ୍କ ଅନୁମୋଦନ ମଧ୍ୟ ହାସଲ କରିଛି। ପରେ ଏହାର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ ଏବଂ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ।

ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଯାଜପୁର ଟାଉନ,୩।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ମୃତଦେହ ଧରି ଧାରଣାରେ ବସିଲେ ପରିବାର ଲୋକେ

ଯାଜପୁରସ୍ଥିତ ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଚିକିତ୍ସା ଅବହେଳା କାରଣରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ସମ୍ପର୍କୀୟ ଆଶୁ ଚିକିତ୍ସା ବିଭାଗ ସମ୍ମୁଖରେ ମୃତଦେହ ରଖି ଧାରଣାରେ ବସିଛନ୍ତି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ଲାଗି ରହିଛି।

ସୂଚନା ଅନୁଯାୟୀ, ଦାନଗଦୀ ଅଞ୍ଚଳର ଅନିତା ରାଉତ ନାମ୍ନୀ ଜଣେ ମହିଳା ହୃଦ୍‌ରୋଗରେ ପୀଡ଼ିତ ହୋଇପଡିଥିଲେ। ସେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ପରେ ମହିଳାଙ୍କ ସମ୍ପର୍କୀୟ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଏ ବିଷୟରେ ଜଣାଇଥିଲେ। ତାଙ୍କର ନିଃଶ୍ୱାସ ନେବାରେ ଅସୁବିଧା ହେଉଛି। ସେ ୧୦୮ ଆମ୍ବୁଲାନ୍ସରେ ଅକ୍ସିଜେନ ଲାଗି ଅଛନ୍ତି। ସେଠାକୁ ଯାଇ ଦେଖିବା ପାଇଁ ମହିଳାଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କୁ ନିବେଦନ କରିଥିଲେ। ହେଲେ ଡାକ୍ତର ସମ୍ପର୍କୀୟଙ୍କ କଥା ଶୁଣି ନ ଥିଲେ। ପରିବାର ଲୋକେ ବାଧ୍ୟ ହୋଇ ଅକ୍ସିଜେନ ଖୋଲି ୧୦୮ ଆମ୍ବୁଲାନ୍ସରୁ ଆଣିବା ମଧ୍ୟରେ ରୋଗୀଙ୍କ ଅବସ୍ଥା ଆହୁରି ଗୁରୁତର ହୋଇପଡିଥିଲା। ଏହାପରେ ଡାକ୍ତର ତାଙ୍କୁ ଅକ୍ସିଜେନ ଲଗାଇ ଚିକିତ୍ସାଳୟର ୬ ମହଲାକୁ ପଠାଇ ଦେଇଥିଲେ। ସେଠାରେ ପହଞ୍ଚିଲା ପରେ ଡାକ୍ତର ନ ଥିଲେ। ପରିବାର ଲୋକେ ବହୁ ଅନୁରୋଧ ପରେ ୪୫ ମିନିଟ ପରେ ଡାକ୍ତର ଆସି ପହଞ୍ଚି ରୋଗୀଙ୍କ ଇସିଜି କରିବା ପରେ କହିଥିଲେ, ରୋଗୀଙ୍କମୃତ୍ୟୁ ହୋଇଯାଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଡାକ୍ତରଙ୍କ ଅବହେଳାରୁ ମହିଳାଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି, ୬ ତାଲା ମେଡିକାଲ କଲେଜ ଅଧୀନରେ ରହିଛି। ରୋଗୀଙ୍କ କାହିଁକି ମୃତ୍ୟୁ ଘଟିଲା ସେ କହିପାରିବେ ନାହିଁ। ଅଭିଯୋଗ ଅନୁଯାୟୀ ତଦନ୍ତ କରାଯାଇ ରିପୋର୍ଟ ଦିଆଯିବ।

ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଆପୋଲୋରେ ଭର୍ତ୍ତି

ବରଗଡ଼,୩।୨(ପ୍ରେମାନନ୍ଦ ଖମାରୀ)

ସୁଶାନ୍ତ ସିଂ

ପୂର୍ବତନ ମନ୍ତ୍ରୀ ତଥା ବରଗଡ଼ ଜିଲା ଭର୍ଲି ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସୁଶାନ୍ତ ସିଂ ପୁଣି ଅସୁସ୍ଥ ହୋଇ ପଡ଼ିଛନ୍ତି। ସୋମବାର ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସିଂ ଦୀର୍ଘଦିନ ହେଲା ଅସୁସ୍ଥତା ଅନୁଭବ କରୁଛନ୍ତି। ଗତ କିଛିଦିନ ହେଲା ରାୟପୁରର ଏକ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ସୋହେଲାସ୍ଥିତ ବାସଭବନକୁ ଫେରିଥିଲେ। ପୁଣି ଅସୁସ୍ଥତା ଅନୁଭବ କରିବାରୁ ୨ଦିନ ତଳେ ବରଗଡ଼ର ଏକ ଘରୋଇ ନର୍ସିଂହୋମ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ନିଆଯାଇଛି। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ସିଂଙ୍କୁ ଚିକିତ୍ସା କରୁଥିବା ବରଗଡ଼ ଡାକ୍ତରଙ୍କ ସହିତ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

୧୪ରେ ପାଟଣା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ଗଣତି

ପାଟଣା,୩।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ପାଟଣା ବ୍ଲକ୍ ଅଧ୍ୟକ୍ଷା ଶୁକାନ୍ତି ନାଏକଙ୍କ ବିରୋଧରେ ଗତ ଜାନୁଆରୀ ୪ରେ ଅନାସ୍ଥା ଭୋଟ ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କୁ ମିଶାଇ ମୋଟ ୩୫ ଜଣ ସଦସ୍ୟ ଉପସ୍ଥିତ ଥିଲେ। ୩୪ ଜଣ ସଦସ୍ୟ ମତଦାନ କରିଥିଲେ। ହାଇକୋର୍ଟଙ୍କ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶରେ ଗଣତିକୁ ସ୍ଥଗିତ ରଖାଯାଇଥିଲା। ତେବେ ଫେବୃଆରୀ ୧୪ ତାରିଖ ୧୧ଟା ୩୦ରେ ଭୋଟ ଗଣତି ହେବ ବୋଲି ଉପ ଜିଲାପାଳ ଉମାଶଙ୍କର ଦଳେଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶରେ ଭୋଟ ଗଣତିକୁ ସ୍ଥଗିତ ରଖାଯାଇଥିଲା।

ନନ୍ଦନକାନନର ବିକାଶ, ସଂରକ୍ଷଣ ବୃଦ୍ଧି ନିଷ୍ପତ୍ତି

ବାରଙ୍ଗ,୩।୨(ଲିଙ୍ଗରାଜ ରାଉତ)

୩୪ତମ ସାଧାରଣ ପରିଷଦ ବୈଠକ

ନନ୍ଦନକାନନର ପରିଚାଳନା ଏବଂ ବିକାଶ ପାଇଁ ୩୪ତମ ସାଧାରଣ ପରିଷଦ ବୈଠକ ସୋମବାର ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭାଗୀୟ ପଦାଧିକାରୀଙ୍କ ସହ ନନ୍ଦନକାନନ ଅଧିକାରୀ ଉପସ୍ଥିତ ଥିଲେ। ନନ୍ଦନକାନନର ବିକାଶ ଓ ସଂରକ୍ଷଣକୁ ଆହୁରି ବୃଦ୍ଧି କରିବାକୁ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରାଣୀ ଉଦ୍ୟାନରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିଏମ୍‌ସି ସହ ଏମ୍‌ଓୟୁ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରାଣୀ ଅଦଳବଦଳ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା, ଶିଶୁ ରେଳଗାଡ଼ି ସୁରକ୍ଷା ସହ ତୁରନ୍ତ କାର୍ଯ୍ୟକ୍ଷମ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୩.୪୪ କୋଟି ଟଙ୍କାର ବାର୍ଷିକ ବଜେଟ ବ୍ୟବସ୍ଥାକୁ ଅନୁମୋଦନ କରାଯାଇଛି। ସୁରକ୍ଷା ପାଇଁ ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ (ଓଆଇଏସ୍‌ଏଫ୍) ଏବଂ ପୂର୍ବତନ ସୈନିକଙ୍କ ନିଯୁକ୍ତି ସହ ଜଣେ ସହକାରୀ ଶିକ୍ଷା ଅଧିକାରୀ ଏବଂ ଜଣେ ସହକାରୀ ଜୀବ ବିଜ୍ଞାନୀ ନିୟୋଜନ, ସଂରକ୍ଷଣ ଗବେଷଣା ଏବଂ ତାଲିମ କେନ୍ଦ୍ର ପାଇଁ ଅଭିଜ୍ଞ ମାନବସମ୍ବଳ ନିଯୁକ୍ତି, ପାର୍କର ବିକାଶ ଏବଂ ସଂରକ୍ଷଣ ପାଇଁ ଅଧିକ ପୁଷ୍ଟପୋଷକ ନିୟୋଜନ, ବିକାଶମୂଳକ ପ୍ରକଳ୍ପଗୁଡ଼ିକର ତଦାରଖ ପାଇଁ ଅବସରପ୍ରାପ୍ତ ସରକାରୀ ଇଞ୍ଜିନିୟରଙ୍କୁ ନିୟୋଜିତ କରିବାକୁ ପ୍ରସ୍ତାବ ଗୃହୀତ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

Classified Everyday
0674-2580101, 9692975378

REAL ESTATE
SALE

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar- 7008459987. D-76232

11700 sqft. Gharabari land sale at Pitapalli, NH Side - 7008634668. D-76234

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ (ଗୁଡ଼ିଆକାଟେଣୀ) । Contact- 8917622925 D-2762

4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact- 9438362399. D-2772

GENERAL
SALE

For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222. D-75591

Positively Health benefited spa by expert female therapist, Nayapalli. 7846814019 D-76190

Herbal full body massage by smart/ expert therapist. 8327740003, 7205178829. D-76413

LOST

Lost of ROR- I Ramesh Biswal(57), S/o- Purushottam Biswal, Village/P.O.- Sama, P.S.- Purushottampur, Gm reported at P.S. that landed property of an Sama Mouza vide Khata No.- 383, Plot No.- 1114, Area Ac- 0.010dec. reporting in writting along with an Purushottampur P.S.- GD No.-15, dated 25.01.2025 on dtd 20.01.2025 at about 4 PM while I was returned from Purushottampur to Sama with keeping Original ROR. I searched the same but could not traced out. If anybody find the same please contact nearest Police Station or mentioned above address.
Sd./- Ramesh Biswal D-2800

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit sworn before Executive Magistrate, Angul, dated 03.02.2025, I, Suchitra Mukhi, Address: Village/ P.O.- Hulurisinga, P.S./ Dist.- Angul, Odisha 759132 declare that I have changed my son's name from Rudra Prasad Mukhi to Biswa Rudra Prasad Mukhi. Henceforth, he shall be known as Biswa Rudra Prasad Mukhi for all purposes.
Suchitra Mukhi D-2803

By virtue of an affidavit sworn before Executive Magistrate, Kamakhyanagar dated 08.01.2025, I Suresh Patra, Address: Village- Chilida, P.O.- Kantol, P.S.- Kankadahad, Dist.- Dhenkanal, Odisha- 759028 declare that I have changed my son's name from Anaresh Patra to Amaresh Patra. Henceforth, he shall be known as Amaresh Patra for all purposes.
Suresh Patra D-2797

By virtue of an affidavit sworn before Executive Magistrate, dated 03.02.2025, Sujata Pradhan, Address At/P.O.- Tamando, P.S.- Tamando, BBSR, Dist.- Khordha, declare that I have changed my name from Priyadarshini Panda to Sujata Pradhan. Henceforth, I shall be known as Sujata Pradhan for all purposes.
Sujata Pradhan D- 2799

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Notary Public, dated 31.01.2025, I, Jhilli Paraseth, At- Dhudusi, P.O.- Bilamal, P.S.- Belghar, Dist.- Kandhamal, declare that I have changed my daughter's name from N.Anmal Aisha to Aisha Nayak. Henceforth, she shall be known as Aisha Nayak for all purposes.
Jhilli Paraseth D-2802

By virtue of an affidavit sworn before Notary Public, Bhubaneswar, dated 30th January 2025, I, Prabhasini Jena, Address AT-Benagadia, P.O.-Patabandha, P.S.-Bolgarh, Dist.- Khordha, PIN-752066, Odisha, declare that I have changed my son's name from Pratish Jena to Pratyush Jena. Henceforth, he shall be known as Pratyush Jena for all purposes.
Prabhasini Jena D-2805

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୍ର୍ ୧୦/- ରେ। ରଙ୍ଗୀନ ଟ୍ର୍ ୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LEGAL NOTICE

IN THE COURT OF THE 1st ADDITIONAL SENIOR CIVIL JUDGE, BHUBANESWAR
CIVIL SUIT NO.1232 of 2017
Aliva Khuntia, aged about 49 years, W/o Sarat Chandra Khuntia, Resident of at Saheed Nagar, Plot No.- 553, Saheed Nagar, P.O./P.S.-Saheed Nagar, Bhubaneswar-751001, Dist.- Khurda, Odisha
.....Plaintiff
-Versus-
Bedajyoti Samantray and others ...Defendants
NOTICE U/O-5 RULE 20 OF C.P.C.
To
1. Bedajyoti Samantray, aged about 45 years, D/o Bansidhar Samantray of Village/P.O.- Ninima, P.S.- Gangapur, Dist.- Ganjam, 2. Maa Tarini Eastcon Pvt. Ltd., represented by its Managing Director Niranjan Rana, aged about 47 years, S/o Late Bansidhar Rana, Village- Balianta, P.O./P.S.-Balianta, Dist.- Khurda.
Take notice that the above named plaintiff has instituted a civil suit No.-1232 of 2017 in the Court of the 1st Additional Senior Civil Judge, Bhubaneswar against you. You are directed to appear in person or through pleader before the Court of the 1st Additional Senior Civil Judge, Bhubaneswar on 08.04.2025 at 10.30 AM positively to file WS. Why the Civil suit shall not be heard and in default your appearance on the above mentioned date and time, the Civil suit shall be heard and determined in your absence exparte.
Given under my hand and seal of the Court 30.01.2025.
Sd./- THE 1st ADDITIONAL SENIOR CIVIL JUDGE, BHUBANESWAR, Dt. 30.01.2025
D-75489

ଫ୍ୟାଶନ

ପାଇପିଂ ଡିଜାଇନ ବ୍ଲାଉଜ୍

ସମୟ ବଦଳୁଛି। ତା'ସହ ପାଦମିଳାଇ ଫ୍ୟାଶନ ଦୁନିଆରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯୁବତୀ ହୁଅନ୍ତୁ ଅବା ଗୃହିଣୀ ଦିନକୁ ଦିନ ନୂଆ ଟ୍ରେଣ୍ଡକୁ ଆପଣଉଛନ୍ତି। ଆଉଟଫିଟ୍ ୱେଷ୍ଟର୍ନ ହେଉ କି ଇଣ୍ଡିଆନ୍ ତାହାର ଚାହିଦା ବଢ଼ିଚାଲିଛି। ତାହା ମଧ୍ୟରୁ ଅନ୍ୟତମ ହେଲା ପାଇପିଂ ଡିଜାଇନ ବ୍ଲାଉଜ୍। ଜାଣନ୍ତୁ ସେ ସମ୍ପର୍କରେ..

ରାଉଣ୍ଡ ନେକ୍ ପାଇପିଂ ବ୍ଲାଉଜ୍
ଅଶୀ ଦଶକରେ ରାଉଣ୍ଡ ନେକ୍ ବ୍ଲାଉଜ୍ ଉପରେ ପାଇପିଂ ବ୍ଲାଉଜ୍‌ର ବହୁ ପ୍ରଚଳନ ଥିଲା। ଏହି ଡିଜାଇନ ସବୁ ବର୍ଗର ମହିଳାଙ୍କୁ ବେଶ୍ ପସନ୍ଦ ଆସିଥାଏ। ଆଜି ବି ଏହିପରି ବ୍ଲାଉଜ୍‌ରେ ସବୁ ପ୍ରକାର ଶାଢ଼ି ପିନ୍ଧିପାରିବେ। ଆପଣ ନିଜ ବ୍ଲାଉଜ୍‌ର ନେକ୍ ଲାଇନକୁ ଆଉଟ୍ ଲାଇନ୍ କରିବା ପାଇଁ ଡାର୍କ ଏବଂ ଲାଇଟ୍ ଶେଡ୍ ପାଇପିଂ ଲଗାଇପାରିବେ। ପୁଣି କ୍ଲାସିକ୍ ଲୁକ୍ ପାଇବାକୁ ହେଲେ ମଲ୍‌ଟି କଲର ପାଇପିଂ ଲଗାଇପାରିବେ। ଏହିଭଳି ବ୍ଲାଉଜ୍‌କୁ ଆପଣ କର୍ଟନ ,ସିଲ୍‌କ କିମ୍ବା ସାଟନ ଫାବ୍ରିକ୍ ଶାଢ଼ି ସହ ପିନ୍ଧିପାରିବେ।

ଭି –ନେକ୍ ପାଇପିଂ ବ୍ଲାଉଜ୍
ଭି ନେକ୍ ବ୍ଲାଉଜ୍‌ର ସାଇଡ୍‌ରେ କଣ୍ଟ୍ରାଷ୍ଟ ପାଇପିଂ ଲଗାନ୍ତୁ। ତେବେ ଶାଢ଼ି ଲୁକ୍‌ରେ ଏକ ଅଲଗା ଗ୍ଲାମର ଯୋଡ଼ିହୋଇଯିବ। ଆଜି ବି ଏହି ପାଇପିଂ ଡିଜାଇନ୍‌ର ବହୁତ କ୍ରେଜ୍ ଚାଲିଛି। ଏହା ଆପଣଙ୍କ ଲୁକ୍‌କୁ ମର୍ଡନ ଟଚ୍ ଦେବ।

ବ୍ୟାକ୍‌ଲେସ୍ ପାଇପିଂ ବ୍ଲାଉଜ୍
ବ୍ୟାକ୍‌ଲେସ୍ ବ୍ଲାଉଜ୍ କ୍ରିସ୍ କ୍ରସ୍ ପାଇପିଂ ଡିଜାଇନ ସେ ସମୟରେ ବହୁତ ବୋଲ୍ଡ ମାନିଥାନ୍ତି। ଆଜି ବି ଏହିପରି ବ୍ଲାଉଜ୍ ଡିଜାଇନ୍‌ର ପ୍ରଚଳନ ଚାଲିଛି। ଏହି ପ୍ରକାର ବ୍ଲାଉଜ୍ ଆପଣ କୌଣସି ପାର୍ଟି, ବାହାଘର ଆଦିରେ ପିନ୍ଧିପାରିବେ।

ବେଲ୍ ସ୍ଲିଭ୍ ପାଇପିଂ ବ୍ଲାଉଜ୍ ୮୦ ଦଶକରେ ଏହି ପ୍ରକାର ବ୍ଲାଉଜ୍ ବହୁ ଲୋକପ୍ରିୟ ଥିଲା। ଏହି ଡିଜାଇନ ହାଲ୍‌କା ଫାବ୍ରିକ୍ ଏବଂ ଚମକିଲା ଭଳି ରଙ୍ଗ ସହ ବହୁତ ସୁନ୍ଦର ମାନିଥାଏ।

ବାସ୍ତୁ ଟିପ୍ସ

⏭ଘରେ କୁଣ୍ଡରେ ଲାଗିଥିବା ଗଛକୁ ନିୟମିତି ରୂପେ ପାଣି ଦେବାକୁ ଭୁଲନ୍ତୁ ନାହିଁ। ଯଦି ଗଛ କୁଣ୍ଡରେ ଶୁଖିଯାଇଛି ତେବେ ତାକୁ ସେ ସ୍ଥାନରୁ କାଢ଼ି ଦିଅନ୍ତୁ।

⏭ଘରର କବାଟ ଖୋଲିବା ସମୟରେ ଦେଖି ଚାହିଁ ବନ୍ଦ କରନ୍ତୁ। ଲକ୍ଷ୍ୟକରନ୍ତୁ ଯେପରି କବାଟ ମଧ୍ୟରୁ କୌଣସି ଶବ୍ଦ ନ ବାହାରେ।

⏭ବେଡ୍ ରୁମ୍‌ରେ ସବୁବେଳେ ଡ୍ରେସିଂ ଟେବୁଲ ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଆବଶ୍ୟକ। ଶୋଇବା ପୂର୍ବରୁ ଡ୍ରେସିଂ ଟେବୁଲକୁ ଢାଙ୍କି ରଖନ୍ତୁ।

⏭ଶୋଇବା ସମୟରେ ଗୋଡ଼କୁ ଦୁଆରମୁହଁ ଆଡ଼କୁ ଦେଇ ଶୁଅନ୍ତୁ ନାହିଁ।

⏭ଘର ସଜାଇବା ଲାଗି କଣ୍ଟାଜାତୀୟ ଗଛ ରଖନ୍ତୁନାହିଁ।

⏭ଆପଣଙ୍କ ଘର ସାମ୍ନା କେବେ ବି ଅନ୍ଧାର ରଖନ୍ତୁ ନାହିଁ। କାରଣ ହେଉଥିବା କାମ ବି ଅଧାରୁ ବନ୍ଦ ହୋଇଯିବ।

⏭ଭାଙ୍ଗିଯାଇଥିବା ଫଟୋଫ୍ରେମ୍ ଘରେ ରଖନ୍ତୁ ନାହିଁ। ଏହାକୁ ରଖିବା ଦ୍ୱାରା ସମ୍ପର୍କରେ ତିକ୍ତତା ଆସିଥାଏ।

⏭ଯଦି ଆପଣଙ୍କ ଘରେ କପଡ଼ା, ଜୋତା ଆଦିକୁ ଇଆଡ଼େ ସିଆଡ଼େକରି ଫୋପାଡ଼ନ୍ତି ତେବେ ଏହା ବହୁତ ଖରାପ। କାରଣ ଏପରି କରିବା ଦ୍ୱାରା ମା'ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି।

⏭ଘରେ ସବୁବେଳେ ଟ୍ୟାପ୍ ବନ୍ଦ ରଖନ୍ତୁ। କେବେ ବି କୌଣସି ଟ୍ୟାପ୍ ଖୋଲା ରଖନ୍ତୁନାହିଁ।

⏭ଘରେ ଚେମେଣିର ପ୍ରବେଶ ଅଶୁଭ ମନାଯାଏ। ଏମାନେ ଯେପରି ଘରେ ପ୍ରବେଶ ନ କରିବେ ସେଥିପ୍ରତି ଦୃଷ୍ଟିଦିଅନ୍ତୁ।

ଜରାୟୁ କର୍କଟ ରୋଗର ପ୍ରତିଷେଧକ ଟିକା

–ଡା.ସରୋଜିନୀ ଷଡ଼ଙ୍ଗୀ

ଫେବୃୟାରୀ ୪ରେ ସାରା ପୃଥିବୀରେ ବିଶ୍ୱ କର୍କଟ ଦିବସ ପାଳନ କରାଯାଉଛି।
ମଣିଷ ଶରୀରରେ ହେଉଥିବା କର୍କଟ ରୋଗର କାରଣ ବିଷୟରେ ଜାଣି ସଚେତନ ହେବା ତଥା ଏହାର ରିସ୍କ(ବିପଦ) କମାଇବା ପାଇଁ ପଦକ୍ଷେପ ମାନ ନେବା ଏହି ଦିବସର ଲକ୍ଷ୍ୟ। ସବୁ ବର୍ଷ ଭଳି ଏ ବର୍ଷର ଥିମ୍ ହେଉଛି 'ୟୁନାଇଟେଡ୍ ବାଏ ୟୁନିକ୍'।
ମହିଳାମାନଙ୍କ କର୍କଟ ରୋଗକୁ ବିଚାରକୁ ନେଲେ ଆମେ ଜାଣିପାରିବା ଯେ ଭାରତରେ ମହିଳାମାନଙ୍କ ସ୍ତନ କର୍କଟ

ଆଜି ବିଶ୍ୱ କର୍କଟ ଦିବସ

ରୋଗ ଅପେକ୍ଷା ଜରାୟୁ ଗ୍ରୀବା କର୍କଟ(ସର୍ଭାଇକାଲ୍ କ୍ୟାନ୍‌ସର) ରୋଗ ବେଶି ଦେଖାଯାଇଥାଏ ଏବଂ ସାରା ଶରୀରରେ ଏହା ଏପରି ଏକ କର୍କଟ ରୋଗ ଯାହାର ପ୍ରତିଷେଧକ ଟିକା ନେଲେ ଏହାକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିହତ କରିହୋଇଥାଏ।
ଭାରତରେ କର୍କଟ ରୋଗ ଭୋଗୁଥିବା ଶତକଡ଼ା ୯୦ଭାଗ ମହିଳାଙ୍କର ଜରାୟୁ ଗ୍ରୀବା କର୍କଟ ରୋଗ ହୋଇଥାଏ। ପ୍ରତିବର୍ଷ ପ୍ରାୟ ୧୦ ଲକ୍ଷ ନୂତନ ଜରାୟୁ ଗ୍ରୀବା କର୍କଟରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଯେଉଁ ରୋଗୀମାନେ ସାଧାରଣତଃ ଚିକିତ୍ସା ପାଇଁ ଆସିଥାନ୍ତି ତନ୍ମଧ୍ୟରୁ ଶତକଡ଼ା ୯୦ଭାଗ ରୋଗୀ ଶେଷ ପର୍ଯ୍ୟାୟ (ତୃତୀୟ, ଚତୁର୍ଥ ଷ୍ଟେଜ୍)ରେ ପହଞ୍ଚିଥାନ୍ତି। ଫଳରେ ରୋଗୀର ଅସ୍ତ୍ରୋପଚାର ତଥା ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରେ ନାହିଁ ଓ ରୋଗୀ ମୃତ୍ୟୁମୁଖରେ ପଡ଼ିଥାଏ।
ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ରିପୋର୍ଟ ଅନୁଯାୟୀ ଭାରତବର୍ଷରେ ପ୍ରତି ୧ଲକ୍ଷରେ ୨୩–୨୪ ଜଣ ମହିଳା କ୍ୟାନ୍‌ସର ସର୍ଭିକ୍ସ ରୋଗରେ ପୀଡ଼ିତ ହୋଇଥାନ୍ତି ଏବଂ ପ୍ରତି ୭ ମିନିଟ୍‌ରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥାଏ। ପ୍ରାଥମିକ ଅବସ୍ଥାରୁ ଜରାୟୁ ଗ୍ରୀବା କର୍କଟ ରୋଗର ଚିହ୍ନଟ ଓ ଚିକିତ୍ସା କରିପାରିଲେ ୯୨% ରୋଗୀ ଭଲ ହୋଇଯାନ୍ତି। ଆଗରୁ ସତର୍କ ରହିଲେ ଓ ଝିଅମାନେ ଏଚ୍‌ପିଭି ଭାକ୍ସିନ୍ ନେଲେ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରତିହତ କରିହେବ।
କ୍ୟାନ୍‌ସର ସର୍ଭିକ୍ସ ପାଇଁ 'ହାଇରିସ୍କ' ମହିଳା–
ଅଳ୍ପ ବୟସରେ ବିବାହ ଓ ଅଳ୍ପ ବୟସରେ ଯୌନ ଜୀବନର ଆରମ୍ଭ, ଅଳ୍ପ ବୟସରେ ପ୍ରଥମ ଗର୍ଭଧାରଣ, ଅଳ୍ପ ସମୟ ବ୍ୟବଧାନରେ ବହୁ ସନ୍ତାନର ଜନନୀ, ନିମ୍ନ ମଧ୍ୟବିତ୍ତ ପରିବାରର ମହିଳା, ଅସ୍ୱାସ୍ଥ୍ୟକର ପରିବେଶରେ ବାସକରୁଥିବା ମହିଳା, ଯୌନକ୍ରିୟା ଦ୍ୱାରା ପ୍ରବାହିତ ହେଉଥିବା ଭୂତାଣୁ ଯଥା ହାଇରିସ୍କ 'ହ୍ୟୁମାନ୍ ପାପିଲୋମା ଭାଇରସ୍' ଓ 'ହର୍‌ପିସ୍ ସିମ୍ପ୍ଲେକ୍ସ ଭାଇରସ୍ ଟାଇପ୍ ଟୁ'କୁ ଏକ୍ସପୋଜର, ଯେଉଁ ମହିଳାମାନଙ୍କର ଅନେକ ଯୌନ ସଙ୍ଗୀ ଥାଆନ୍ତି, ଯେଉଁ ମହିଳାଙ୍କର ସ୍ୱାମୀଙ୍କର ପୂର୍ବ ସ୍ତ୍ରୀ ଜରାୟୁ ଗ୍ରୀବା କର୍କଟ ରୋଗରେ ମୃତ୍ୟୁବରଣ କରିଥାଆନ୍ତି, ଏଚ୍‌ଆଇଭି ପଜିଟିଭ ମହିଳା, ଗର୍ଭନିରୋଧକ ବଟିକା ସେବନ, ଧୂମପାନ କରୁଥିବା ମହିଳା।

ଏଚ୍‌ପିଭି ଭାକ୍ସିନ୍ ବା ଟିକା :
ସମ୍ପ୍ରତି ଅନୁଧ୍ୟାନରୁ ଜଣାଯାଇଛି ଯେ ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣ ଅନେକାଂଶରେ କ୍ୟାନ୍‌ସର ସର୍ଭିକ୍ସ ପାଇଁ ଏକ ବଡ଼ ରିସ୍କ ଫ୍ୟାକ୍ଟର। ଏଚ୍‌ପିଭି ଭୂତାଣୁର କ୍ୟାନ୍‌ସର ଉଦ୍ରେକକାରୀ ଗୁଣ ଯୋଗୁ ଏହାକୁ ୨ ଭାଗରେ ବିଭକ୍ତ କରାଯାଇଛି। ଏଥିରେ 'ହାଇ ଅଙ୍କୋଜେନିକ୍ ରିସ୍କ' ହେଉଛି ଟାଇପ୍ ୧୬,୧.୩୧,୩.୩୫,୪୮ ଏବଂ ୮୬ ଏବଂ 'ଲୋ ଅଙ୍କୋଜେନିକ୍ ରିସ୍କ' ହେଉଛି ଟାଇପ୍ ୬,୧.୪୨ ଏବଂ ୪୩। ଶତକଡା ୪୪ .୭ ପ୍ରତିଶତ ଜରାୟୁ ଗ୍ରୀବା କର୍କଟରୋଗୀମାନଙ୍କର ପ୍ରାୟ ହାଇରିସ୍କ ଏଚ୍‌ପିଭି ସଂକ୍ରମଣ ଥାଏ ଓ ଡିଏନ୍‌ଏ ଟେଷ୍ଟ ପଜିଟିଭ୍ ହୋଇଥାଏ।
ଏଭଳି ଏକ ମାରାତ୍ମକ ରୋଗର ନିରାକରଣ ପାଇଁ ଆଜିକାଲି ୨ପ୍ରକାର ଭାକ୍ସିନ୍ ବା ଟିକା ଉପଲବ୍ଧ 'ବାଇଭାଲେଣ୍ଟ ଭାକ୍ସିନ୍ ବା' ସର୍ଭାରିକ୍ସ' ଏହା ଏଚ୍‌ପିଭିର ଦୁଇଟି ଷ୍ଟ୍ରେନ୍ ୧୬,୧୮ ଏବଂ କ୍ୱାଡ୍ରିଭେଲେଣ୍ଟ ଭାକ୍ସିନ(ଗାର୍ଡାସିଲ) ଏଚ୍‌ପିଭି ଟାଇପ ୧୬,୧.୬ ଏବଂ ୧୧ (ଚାରିଟି ଷ୍ଟ୍ରେନ୍) ବିପକ୍ଷରେ କାମ କରିଥାଏ। ଏହି ଟିକା ପ୍ରାୟ ଶତକଡ଼ା ୯୦ ଭାଗ ସର୍ଭାଇକାଲ କ୍ୟାନ୍‌ସରକୁ ପ୍ରତିରୋଧ କରିଥାଏ। ବର୍ତ୍ତମାନ ମୋନାଭାଲେଣ୍ଟ ଟିକା ମଧ୍ୟ ଉପଲବ୍ଧ। ପ୍ରତ୍ୟେକ ଟିକା ଏଚ୍‌ପିଭି ଟାଇପ ୩୧,୩୩ ଏବଂ ୪୫କୁ କ୍ରସ୍ ପ୍ରୋଟେକ୍ସନ୍ ଦେଇଥାଏ।

ବୟସ: ଏହି ଟିକା ସାଧାରଣତଃ ୯ ରୁ ୧୪ ବର୍ଷର ଝିଅମାନଙ୍କୁ ୨ଟି ଡୋଜ୍‌ରେ ଦିଆଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(WHO)ର କାର୍ଯ୍ୟସୂଚୀ ଅନୁଯାୟୀ ୧୪ ବର୍ଷରୁ କମ୍ ବୟସର ଝିଅମାନଙ୍କୁ ୨ଟି ଡୋଜ୍‌ରେ (୦ ଓ ୬ ମାସ) ସମୟରେ ଏବଂ ୧୪ ବର୍ଷରୁ ଉର୍ଦ୍ଧ୍ୱ ବୟସର ଝିଅମାନଙ୍କୁ ଯଥା ୧୫ ରୁ ୨୬ ବର୍ଷ ଏମିତିକି ସ୍ଥଳବିଶେଷରେ ୩୫ ଓ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ଦିଆଯାଇପାରିବ। ତେବେ ୩୫ରୁ ୪୫ବର୍ଷ ବୟସର ମହିଳାମାନଙ୍କର ଏହି ଟିକା ଦେବା ପୂର୍ବରୁ ପାପ୍‌ସ୍ମିଅର ଓ ଏଚ୍‌ପିଭି ଟେଷ୍ଟ କରାଇବା ଜରୁରୀ। ସେମାନଙ୍କୁ ୩ଟି ଡୋଜ୍ ଯଥା (୦, ୨ ମାସ ତଥା ୬ ମାସ) ସମୟରେ ଦିଆଯାଇଥାଏ। ତେବେ ମଝିରେ ମଝିରେ ଏହି ମହିଳାମାନଙ୍କ ଡାଉନ ଷ୍ଟେଜିଂ ଓ ପାପ୍‌ସ୍ମିଅର ଟେଷ୍ଟ କରିବା ଆବଶ୍ୟକ।

ପ୍ରତ୍ୟେକ ମା' ନିଜ ଝିଅଙ୍କୁ କ୍ୟାନ୍‌ସର ସର୍ଭିକ୍ସ ଭଳି ମାରାତ୍ମକ ରୋଗରୁ ରକ୍ଷା କରିବା ପାଇଁ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଏଚ୍‌ପିଭି ଭାକ୍ସିନ ଭଳି ପ୍ରତିଷେଧକ ଟିକା ଦେବା ଆବଶ୍ୟକ।
–ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ

ସୌନ୍ଦର୍ଯ୍ୟ

କଞ୍ଚାକ୍ଷୀରରେ ରୂପଚର୍ଯ୍ୟା

ମୁହଁରେ ଆମେ କେତେକ ଘରୋଇ ଉପଚାର କରିଥାଉ। ଏସବୁ ମଧ୍ୟରେ ରହିଛି କଞ୍ଚାକ୍ଷୀର। କଞ୍ଚାକ୍ଷୀର ପ୍ରାକୃତିକ ଏବଂ ଶସ୍ତା ବିଉଟି ଟ୍ରିଟ୍‌ମେଣ୍ଟ। ସେ ସମ୍ପର୍କରେ କିଛି ଟିପ୍ସ...

⏭ଏଥିରେ ଭିଟାମିନ୍ ଏ,ଡି ଏବଂ ଲାକ୍‌ଟିକ୍ ଏସିଡ୍ ଭଳି କେତେକ ପୋଷକ ତତ୍ତ୍ୱ ରହିଛି । ଯାହା ତ୍ୱଚାର ଭିତରକୁ ଯାଇ ତାକୁ ହାଇଡ୍ରେଟ୍ କରିଥାଏ।

⏭ଏହା ବିଶେଷ ଭାବରେ ଡ୍ରାଏ ସ୍କିନ୍ ପାଇଁ ଭଲ କାମ କରିଥାଏ। କଞ୍ଚାକ୍ଷୀର ସ୍କିନ୍‌ର ଡେଡ୍ ସେଲ୍‌କୁ ବାହାର କରିଥାଏ ଏବଂ ନୂଆ ସେଲ୍ ବିକାଶରେ ସାହାଯ୍ୟ କରିଥାଏ।

⏭କଞ୍ଚାକ୍ଷୀର ତ୍ୱଚାର କୋଶିକାକୁ ଏକ୍ସଫୋଲିଏଟ୍ କରିଥାଏ। ଏହା ଝୁରିଆଁକୁ କମ୍ କରିଥାଏ।

⏭ଏଥିରେ ଲାକ୍‌ଟିକ୍ ଏସିଡ୍ ଥିବା କାରଣରୁ ଯାହା ତ୍ୱଚାକୁ ଅଧିକ ଟାଇଟ୍ ଏବଂ ୟଙ୍ଗ୍ ଦେଖାଯାଇଥାନ୍ତି।

⏭କ୍ଷୀରରେ ପ୍ରାକୃତିକ ଗୁଣ କାରଣରୁ ଏହା ଦାଗ ଚିହ୍ନ ଏବଂ ମୁଖବ୍ରଣର ଚିହ୍ନକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଏହାର ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ତ୍ୱଚା ଉପରେ ପିମ୍ପଲ୍ସ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରିଥାଏ।

ଖାଦ୍ୟରୁଚି

ଭେଜଟେବୁଲ ଇଡ୍‌ଲି

ଆବଶ୍ୟକ ସାମଗ୍ରୀ
ସୁଜି ଦେଢ଼ ୨ କପ, ଦହି ୨କପ, ଗାଜର ଅଧା କପ (କଦୁକସ୍ ହୋଇଥିବା), ପିଆଜ ଗୋଟିଏ ଛୋଟ ଆକାରରେ କଟାହୋଇଥିବା , କଞ୍ଚାଲଙ୍କା ୨/୩ଟି, ବିନ୍ସ ଅଧାକପ୍, ଗ୍ରୀନ୍ ମଟର ଅଧାକପ, ହଳଦୀ ପାଉଡର ଏକଚତୁର୍ଥାଂଶ,ଗୋଲମରିଚ ପାଉଡର ଏକ ଚତୁର୍ଥାଂଶ,ଜିରା ୧ଚାମଚ, ସୋରିଷ ଅଧାଚାମଚ, ହରଡ ଡାଲି ୧ ଚାମଚ, ଚଣାଡାଲି ୧ ଚାମଚ,ତେଲ ୩–୪ଚାମଚ,ସ୍ୱାଦ ଅନୁସାରେ ଲୁଣ,ବେକିଂ ସୋଡ଼ା ଚିମୁଟାଏ।

ପ୍ରସ୍ତୁତି ପ୍ରଣାଳୀ
ପ୍ରଥମେ ସୁଜିକୁ ଏକ ବାଓଲରେ କାଢ଼ନ୍ତୁ। ସେଥିରେ ଦହି ଏବଂ ପାଣିକୁ ଭଲ ଭାବେ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ବେଟରକୁ ଢାଙ୍କି ୧୫–୨୦ମିନିଟ୍ ରଖନ୍ତୁ। ଫଳରେ ସୁଜି ଯେପରି ଫୁଲିଯିବ। ଏବେ ଏକ ପ୍ୟାନ୍‌ରେ ୨ ଚାମଚ୍ ପାଖାପାଖି ତେଲ ନିଅନ୍ତୁ । ସେଥିରେ ଚଣାଡାଲି,ହରଡ଼ ଡାଲି,ଜିରା,କଞ୍ଚାଲଙ୍କା ପକାଇ ଛୁଙ୍କ ମାରନ୍ତୁ। ପୁଣି କୁହାଯାଇଥିବା ସବୁ ପନିପରିବାକୁ ପକାଇ ଭଲଭାବେ

ଗୋଳାଇ ଦିଅନ୍ତୁ। ପୁଣି ସେଥିରେ ଲୁଣ,ହଳଦୀ ପାଉଡର ଏବଂ ଗୋଲମରିଚ ଗୁଣ୍ଡ ଓ ପନିପରିବାକୁ ପକାଇ ନରମହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ପନିପରିବା ନରମ ହୋଇଗଲା ପରେ ତାକୁ ଇଡ୍‌ଲି ବେଟରରେ ପକାନ୍ତୁ। ଆବଶ୍ୟକ ପଡ଼ିଲେ ସେଥିରେ ଅଳ୍ପ ପାଣି ମିଶାନ୍ତୁ। ଏବେ ଇଡ୍‌ଲି ଷ୍ଟାଣ୍ଡରେ ତେଲ ଲଗାଇ ଦିଅନ୍ତୁ। ଏବେ ସେଥିରେ ବେଟର ପକାଇ ତାକୁ ଷ୍ଟିମ୍ କରନ୍ତୁ। ଇଡ୍‌ଲି ହୋଇଛି କି ନାହିଁ ପୁଣି ଚେକ୍ କରନ୍ତୁ। ଯଦି ଇଡ୍‌ଲି ହୋଇଯାଇଛି ତେବେ ଫ୍ଲେମ୍ ବନ୍ଦ କରିଦିଅନ୍ତୁ। ବର୍ତ୍ତମାନ ଇଡ୍‌ଲି ପୂରା ପ୍ରସ୍ତୁତ । ଏହାକୁ ଆପଣ ପିଲାଙ୍କୁ ଟିଫିନ୍‌ରେ ମଧ୍ୟ ଦେଇପାରିବେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୪/୨୦୨୫ Bhubaneswar, Tuesday, February 4/ 2025

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପିଚ୍ କ୍ୟୁରେଟର ପ୍ରକାଶ ଯାଦବ ସୋମବାର ବାରବାଟୀ ଷ୍ଟାଡିୟମ ପିଚ୍ ନିରୀକ୍ଷଣ କରୁଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଅନୁବନ୍ଧିତ ଅନୁଷ୍ଠାନକୁ ଟିକେଟ ବିକ୍ରି କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)।

ନକୁଳଙ୍କ ଶତକ: ଓଡ଼ିଶା ବିଜୟୀ

ଭୁବନେଶ୍ୱର, ୩।୨ (ତପନ ସ୍ୱାଇଁ): ବେଙ୍ଗାଲୁରୁଠାରେ ସୋମବାର ଆରମ୍ଭ ହୋଇଥିବା ଜାତୀୟ ଦୃଷ୍ଟିବାଧିତ ନଗେଶ ଟ୍ରଫି କ୍ରିକେଟ ସୁପର-୮ରେ ଓଡ଼ିଶା ୧୦୧ ରନ୍‌ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନକୁଳ ବଡ଼ନାୟକଙ୍କ ଶତକ (୧୦୨ ରନ) ଓ ପଙ୍କଜ ଭୁଏଙ୍କ ଅର୍ଦ୍ଧଶତକ (୬୨ ରନ) ସହାୟତାରେ ଓଡ଼ିଶା ୨୦ ଓଭରରେ ୬ ଉଇକେଟ ହରାଇ ୨୦୦ ରନ କରିଥିଲା। ଜବାବରେ ଝାଡ଼ଖଣ୍ଡ ପୂରା ୨୦ ଓଭର ଖେଳିଥିଲେ ମଧ୍ୟ ୭ ଉଇକେଟ ହରାଇ ୯୯ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ଦେବରାଜ ୨ଟି ଏବଂ ନକୁଳ, ପଙ୍କଜ ଓ ଲାଲ ପ୍ରସାଦ ସୋରେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ସ୍ଥିତି ପରଖିଲେ ବିସିସିଆଇ କ୍ୟୁରେଟର, କ୍ରୀଡ଼ା ସଚିବ

ବାରବାଟୀ ଏକଦିବସୀୟ କ୍ରିକେଟ ମ୍ୟାଚ

ଅନୁବନ୍ଧିତ ସଂସ୍ଥାଗୁଡ଼ିକୁ ଟିକେଟ ବିକ୍ରି ଆରମ୍ଭ

କଟକ,୩।୨ (କାର୍ତ୍ତିକ ସାହୁ)

ବାରବାଟୀ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ସମୟ ପାଖେଇ ଆସୁଛି। ସବୁଠି ତତ୍ପରତା, ପ୍ରସ୍ତୁତିପର୍ବ ଚଳଚଞ୍ଚଳ। ପ୍ରସ୍ତୁତି ବୃଢ଼ାନ୍ତ ପର୍ଯ୍ୟାୟରେ। ଏସବୁକୁ ପରଖିବା ପାଇଁ ବିସିସିଆଇ କ୍ୟୁରେଟର ପ୍ରକାଶ ଯାଦବ ଓ ରାଜ୍ୟ କ୍ରୀଡ଼ା ସଚିବ ଭାସ୍କରଜ୍ୟୋତି ଶର୍ମା ସୋମବାର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ପଡ଼ିଆର ସ୍ଥିତି, ପିଚ୍, ଗ୍ୟାଲେରିଠାରୁ ଆରମ୍ଭ କରି ପାରିପାର୍ଶ୍ୱିକ ବ୍ୟବସ୍ଥା ଆଦିକୁ ନଜର ପକାଇଛନ୍ତି। ଶୃଙ୍ଖଳିତ ଭାବେ ମ୍ୟାଚ ପରିଚାଳନା ଆଦି ସଂକ୍ରାନ୍ତରେ ଓସିଏ କର୍ମକର୍ତ୍ତାଙ୍କଠାରୁ ସେମାନେ ପଚାରି ବୁଝିଛନ୍ତି। ପ୍ରସ୍ତୁତିକୁ ନେଇ ଉଭୟେ ସନ୍ତୋଷ ପ୍ରକାଶ କରିଥିବା ଜଣାଯାଇଛି।

ଅପରପକ୍ଷରେ ଆସନ୍ତା ୯ ତାରିଖରେ ହେବାକୁଥିବା ବାରବାଟୀ ଲଢ଼େଇ ପାଇଁ ଆରମ୍ଭ ହୋଇଛି କାଉଣ୍ଟଡାଉନ। ମ୍ୟାଚ ପାଇଁ ରବିବାର ଅନଲାଇନ ଟିକେଟ ବିକ୍ରି ଶେଷ ହୋଇଛି।

ପୁଣି ସୋମବାରଠାରୁ ଓସିଏ ସହିତ ଅନୁବନ୍ଧିତ ସଂସ୍ଥାଗୁଡ଼ିକୁ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଏଥିପାଇଁ ଓସିଏ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଓସିଏ ଅନୁବନ୍ଧିତ ହୋଇଥିବା ଜିଲା କ୍ରୀଡା ସଂଘ ତଥା ସ୍କୁଲ, କଲେଜ ଓ କ୍ଲବ ଇତ୍ୟାଦିଙ୍କୁ ସେମାନଙ୍କ ଧାର୍ଯ୍ୟ କୋଟା ମୁତାବକ ଟିକେଟ ବିକ୍ରି କରାଯାଇଛି। ସୋମବାର ଏବଂ ମଙ୍ଗଳବାର ଏହି ଦୁଇ ଦିନ ଓସିଏ ସହିତ ଅନୁବନ୍ଧିତ ମୋଟ ୭୧ଟି ସଂଗଠନକୁ ପାଖାପାଖି ୯୦୦୦ ଟିକେଟ ବିକ୍ରି କରାଯିବ। ତେବେ ଅନଲାଇନ ଟିକେଟ କିଣିବା ପାଇଁ ଆଶା ବାନ୍ଧିଥିବା ହଜାର ହଜାର କ୍ରିକେଟପ୍ରେମୀ ନିରାଶ ହୋଇ ଅପେକ୍ଷା କରିଛନ୍ତି କାଉଣ୍ଟରରେ ଟିକେଟ ବିକ୍ରିକୁ ନେଇ। ସୂଚନା ଅନୁସାରେ, ଅନ୍‌ଲାଇନରେ ମାତ୍ର ୪୦୦୦ ଟିକେଟ ବିକ୍ରି ହେବାକୁ ଥିବାବେଳେ ୬୦ରୁ ୭୦ ହଜାର ଲୋକ ଅନ୍‌ଲାଇନ କ୍ୟୁ'ରେ ରହିଥିଲେ। ତେଣୁ ଅନ୍‌ଲାଇନରେ ଅଧିକ ଟିକେଟ ବିକ୍ରି ପାଇଁ ଦାବି ମଧ୍ୟ ହୋଇଛି। ଆସନ୍ତା ୫ ଓ ୬ ତାରିଖରେ କାଉଣ୍ଟରରେ ଟିକେଟ ବିକ୍ରି କରାଯିବ।

ସଞ୍ଜୁ ସାମସନ ୬ସପ୍ତାହ ଖେଳିପାରିବେନି

ନୂଆଦିଲ୍ଲୀ, ୩।୨ (ପି.ଟି.)

ଷ୍ଟାର ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନ ୫ରୁ ୬ ସପ୍ତାହ ପର୍ଯ୍ୟନ୍ତ କ୍ରିକେଟ ଖେଳିପାରିବେ ନାହିଁ। ଇଂଲଣ୍ଡ ବିପକ୍ଷ ୫ମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ବେଳେ ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ତାଙ୍କ ତର୍ଜନୀ ଆଙ୍ଗୁଠି ଭାଙ୍ଗିଯାଇଛି। ଫଳରେ ସେ ଆଗାମି ରଣଜୀ ଟ୍ରଫି କ୍ୱାର୍ଟରଫାଇନାଲ ମ୍ୟାଚ ଖେଳି ପାରିବେ ନାହିଁ। ଖବର ଅନୁସାରେ ସଞ୍ଜୁ ତାଙ୍କ ନିଜ ସହର ଥିରୁଭାନନ୍ତପୁରମ ଫେରିଯାଇଛନ୍ତି। ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ରିହାବିଲିଟେଶନ ଶେଷ ପରେ ସେ ଟ୍ରେନିଂ ଆରମ୍ଭ କରିପାରିବେ। ପ୍ରତିଯୋଗିତମୂଳକ କ୍ରିକେଟକୁ ଫେରିବା ପୂର୍ବରୁ ତାଙ୍କୁ ଏନ୍‌ସିଏରୁ ସବୁଜ ସଂକେତ ଆବଶ୍ୟକ। ସଞ୍ଜୁଙ୍କୁ ଫିଟ୍ ହେବାଲାଗି ୫ରୁ ୬ ସପ୍ତାହ ସମୟ ଲାଗିବାକୁଥିବାରୁ ପୁଣେଠାରେ ଫେବୃଆରୀ ୮ରୁ ୧୨ପର୍ଯ୍ୟନ୍ତ ଖେଳାଯିବାକୁଥିବା ଜମ୍ମୁ କଶ୍ମୀର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ତାଙ୍କର କେରଳ ପାଇଁ ଖେଳିବା ସମ୍ଭାବନା ନାହିଁ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ନାମ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି। ତେବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିବା ବେଳକୁ ସଞ୍ଜୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି ବୋଲି ସେ କହିଛନ୍ତି।

ବିଜୟ ସହ ଓଡ଼ିଶା ମହିଳା ବିଚ୍ ଭଲିବଲ ଦଳର ଅଭିଯାନ ଆରମ୍ଭ

କୋଚ୍‌ଙ୍କ ସହ କିଟ୍‌ର ଦୁଇ ଖେଳାଳି।

ଜାତୀୟ କ୍ରୀଡ଼ା

ଭୁବନେଶ୍ୱର, ୩।୨ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ମହିଳା ବିଚ୍ ଭଲିବଲ୍‌ରେ ଓଡ଼ିଶା ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସୋମବାର ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ୨-୦ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ଏହି ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ୨ ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ଓ ଆଶା ମୁଣ୍ଡାରୀ ସାମିଲ ଅଛନ୍ତି।

ଓଡ଼ିଶା ବିଜୟୀ

ସମ୍ବଲପୁର,୩।୨ (ବି.ଶଙ୍କର)

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଭ୍ରମଣକାରୀ ଚଣ୍ଡିଗଡ଼ ଦଳକୁ ଓଡ଼ିଶା ୮ଉଇକେଟରେ ପରାସ୍ତ କରିଛି । ଫଳରେ ଓଡ଼ିଶା ଦଳ ମ୍ୟାଚରୁ ୭ପଏଣ୍ଟ ହାସଲ କରିଛି । ଚଣ୍ଡିଗଡ ୭୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୯୩ ରନ କରିଥିଲା। ଓଡ଼ିଶାର ଆଶୁତୋଷ ଛୁରିଆ ୪ଟି ଉଇକେଟ ନେଇଥିଲେ । ୭୦ରନ୍‌ର ବିଜୟ ଲକ୍ଷ୍ୟକୁ ଓଡ଼ିଶା ଓମ୍ ମୁଣ୍ଡାଙ୍କ ୨୫ ଓ ସନ୍ଦୀପ ମହାପାତ୍ରଙ୍କ ଅପରାଜିତ ୨୩ ରନ୍ ସହାୟତାରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଚଣ୍ଡିଗଡ ପ୍ରଥମ ଇନିଂସରେ ୧୧୯ ଏବଂ ଦ୍ୱିତୀୟ ଇନିଂସରେ ୧୯୩ ରନ କରିଥିଲା ।

ପେନ୍‌ଚାକ୍ ସିଲାଟରେ ଓଡ଼ିଶାର ସଫଳତା

ଭୁବନେଶ୍ୱର, ୩।୨ (ତପନ ସ୍ୱାଇଁ): ଛତିଶଗଡ଼ର ବିଳାସପୁରରେ ଅନୁଷ୍ଠିତ ପୂର୍ବାଞ୍ଚଳ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ପେନ୍‌ଚାକ ସିଲାଟ ଲିଗ୍‌ରେ ଅଂଶ ଗ୍ରହଣ କରି ଓଡ଼ିଶା ପ୍ରତିଯୋଗୀମାନେ ସଫଳତା ପାଇଛନ୍ତି। ଜାନୁଆରୀ ୩୧ରୁ ଫେବୃଆରୀ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ କୋଚ୍ ରାହୁଲ ସା ଓ ଶ୍ୟାମ ଧାରୁଆଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୭୫ ପ୍ରତିଯୋଗୀ ଅଂଶଗ୍ରହଣ କରି ୩୩ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୧୬ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଥିରେ ଓଡ଼ିଶା ଓଭରଅଲ୍ ଚାମ୍ପିୟନ ଓ ଛତିଶଗଡ଼ ରନରଅପ ହୋଇଛି।

ଇସାକଙ୍କ ଇଞ୍ଜୁରି ଟାଇମ୍ ଗୋଲରେ ମ୍ୟାଚ ଡ୍ର

ଭୁବନେଶ୍ୱର, ୩।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ନର୍ଥ ଇଷ୍ଟ ୟୁନାଇଟେଡ ଏଫ୍‌ସି ବିପକ୍ଷରେ ପଏଣ୍ଟ ଭାଗ କରିଛି ଓଡ଼ିଶା ଏଫ୍‌ସି। ଇସାକ ଭାନ୍‌ଲାଲରୁଆତଫେଲାଙ୍କ ଇଞ୍ଜୁରି ଟାଇମ୍ ଗୋଲ ଓଡ଼ିଶା ଏଫ୍‌ସିର ସମ୍ମାନ ରଖିଥିଲା। ଫଳରେ ମରକ୍କୋର ଆଲାଦ୍ଦିନ ଆଜାରାଇଙ୍କ ଡବଲ ଗୋଲ ସତ୍ତ୍ୱେ ନର୍ଥଇଷ୍ଟ ବିଜୟ ହାସଲରୁ ବଞ୍ଚିତ ହୋଇଛି।

ଆଇଏସ୍‌ଏଲ୍

- ନର୍ଥଇଷ୍ଟ ୟୁନାଇଟେଡ୍ ୨
- ଓଡ଼ିଶା ଏଫ୍‌ସି ୨

ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ୨-୨ ଗୋଲରେ ଶେଷ ହୋଇଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହେବା ସତ୍ତ୍ୱେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ମ୍ୟାଚର ୬୭ତମ ମିନିଟରେ ଭାନ୍‌ଲାଲରୁଆତଫେଲା ଏକ ଗୋଲ ଦେଇ ନର୍ଥଇଷ୍ଟକୁ ଅଗ୍ରଣୀ କରିଥିଲେ। ଥୋଇବା ସିଂ ୭୮ତମ ମିନିଟରେ ଗୋଲ ପରିଶୋଧ କରିବାରୁ ମ୍ୟାଚ ସ୍ଥିତି ୧-୧ ହୋଇ ଯାଇଥିଲା। ଶେଷ ଭାଗରେ କଡ଼ା ଟକ୍କର ହୋଇଥିଲା। ବିଶେଷ କରି ଆଜାରାଇ ୮୩ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ଦର୍ଶକଙ୍କ ସମର୍ଥନ ସହ ଓଡ଼ିଶା ଏଫ୍‌ସି ଗୋଲ ପରିଶୋଧ ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼ିଥିଲା। ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୩ ମିନିଟରେ ଏହା ଫଳବତୀ ହୋଇଥିଲା। ଭାନ୍‌ଲାଲରୁଆତଫେଲାଙ୍କ ଗୋଲ ଓଡ଼ିଶା ଏଫ୍‌ସି ଓ ଘରୋଇ ଦର୍ଶକଙ୍କ ମୁହଁରେ ହସ ଖେଳାଇ ଦେଇଥିଲା। ଏହାକୁ ମିଶାଇ ନର୍ଥଇଷ୍ଟ ଚଳିତ ସିଜନରେ ବିଜୟ ପୋଜିଶନରୁ ୧୭ ପଏଣ୍ଟ ହାତଛଡ଼ା କରିଛି। ତେବେ ଆଜାରାଇ ଡବଲ ଗୋଲ କରି କୌଣସି ଆଇଏସ୍‌ଏଲ୍ ସିଜନରେ ସର୍ବାଧିକ ଗୋଲ ସ୍କୋରର ଫେରାନ କୋରୋମିନାସ (୨୦୧୭-୧୮) ଓ ବାର୍ଥୋଲୋମିଉ ଓଗବେଚେ (୨୦୨୧-୨୨)ଙ୍କ ସମକକ୍ଷ ହୋଇଛନ୍ତି। ଆଜାରାଇ ଏପର୍ଯ୍ୟନ୍ତ ୧୮ଟି ଗୋଲ ଦେଇ ଏହି ରେକର୍ଡ କରିଛନ୍ତି। ମ୍ୟାଚ ଡ୍ର ରହିବା ଫଳରେ ନର୍ଥଇଷ୍ଟ ୧୯ ମ୍ୟାଚରୁ ୨୯ ପଏଣ୍ଟ ସହ ଟେବୁଲର ୪ର୍ଥ ଏବଂ ୧୮ ମ୍ୟାଚରୁ ୨୫ ପଏଣ୍ଟ ପାଇ ଓଡ଼ିଶା ଏଫ୍‌ସି ୭ମ ସ୍ଥାନରେ ରହିଛି। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ଆସନ୍ତା ୬ ତାରିଖରେ ଗୋଆରେ ଏଫ୍‌ସି ଗୋଆକୁ ଭେଟିବ।

ଇଞ୍ଜୁରି ଟାଇମ୍‌ରେ ଗୋଲ୍ ଦେବା ପରେ ଉଲ୍ଲସିତ ଇସାକ ଭାନ୍‌ଲାଲରୁଆତଫେଲା।

ଫିକ୍ସିଂ ଅଭିଯୋଗରେ ଟାଏକୋଣ୍ଡୋ ଅଫିସିଆଲ ବହିଷ୍କୃତ

ଡେରାଡୁନ୍, ୩।୨ (ପି.ଟି.)

ଫିକ୍ସିଂ ଅଭିଯୋଗରେ ନ୍ୟାଶନାଲ ଗେମ୍ସ ଟେକ୍‌ନିକାଲ କଣ୍ଟକ୍ଟ କମିଟି(ଜିଟିସିସି) ଟାଏକୋଣ୍ଡୋ ପ୍ରତିଯୋଗିତାର ନିର୍ଦ୍ଦେଶକଙ୍କୁ ବହିଷ୍କାର କରିଛନ୍ତି। ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ୧୬ଟି ଓଜନ କାଟେଗୋରି ମଧ୍ୟରୁ ସେ ୧୦ଟିର ଫଳାଫଳ ପୂର୍ବରୁ ଫିକ୍ସ କରିସାରିଥିବା କେତେଜଣ ଅଫିସିଆଲଙ୍କ ଅଭିଯୋଗ ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ୩ ଜଣିଆ ସଦସ୍ୟ ବିଶିଷ୍ଟ କ୍ଷମତାଶାଳୀ ପ୍ରିଭେନ୍‌ଶନ ଅଫ୍ ମାନୁପୁଲେଶନ ଅଫ୍ କମ୍ପିଟିଶନ କମିଟିର କଡ଼ା ସୁପାରିସ ପରେ ଟେକ୍‌ନିକାଲ କଣ୍ଟକ୍ଟ କମିଟି ଟି. ପ୍ରବୀନ କୁମାରଙ୍କ ସ୍ଥାନରେ ଏସ୍. ଦି ଦେଶ କୁମାରଙ୍କୁ ନୂଆ ନିର୍ଦ୍ଦେଶକ ଭାବେ ମନୋନୀତ କରିଛି। ଭାରତୀୟ ଅଲିମ୍ପିକ ଆସୋସିଏଶନ ସଭାପତି ପି.ଟି. ଉଷା ଏହି ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି।

କଳିଙ୍ଗରେ ଦର୍ଶକଙ୍କ ପାଇଁ ଫ୍ରି ଟିକେଟ

ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଭୁବନେଶ୍ୱର, ୩।୨ (ତପନ ସ୍ୱାଇଁ)

ଓଡ଼ିଶା ହକି ପ୍ରେମୀଙ୍କ ପାଇଁ ଭଲ ଖବର। କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଆସନ୍ତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଦର୍ଶକମାନେ ମାଗଣାରେ ସେମାନଙ୍କ ପ୍ରିୟ ହକି ତାରକାଙ୍କ ଆକ୍ସନକୁ ଉପଭୋଗ କରିପାରିବେ। ହକି ଇଣ୍ଡିଆ ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି। କଳିଙ୍ଗରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଲିଗ୍ ଚଳିତ ମାସ ୧୫ରୁ ଆରମ୍ଭ ହୋଇ ୨୫ ପର୍ଯ୍ୟନ୍ତ ଚାଲିବ। ଷ୍ଟାଡିୟମରେ ଏକ ଫ୍ୟାନ-ଫ୍ରେଣ୍ଡଲୀ ପରିବେଶ ସୃଷ୍ଟି କରିବାକୁ ହକି ଇଣ୍ଡିଆ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଦର୍ଶକମାନେ WWW.TICKETGENIE.INରେ ନିଜ ସମ୍ପର୍କରେ ସବିଶେଷ ବିବରଣୀ ଦେଇ ଅତି ସହଜରେ ସହଜରେ ଭର୍ଚୁଆଲ ଟିକେଟ ହାସଲ କରିପାରିବେ। ଟିକେଟ ପାଇଁ କୌଣସି ଦାମ୍ ଦେବାକୁ ପଡୁ ନ ଥିବାରୁ ରିଡେମ୍ପଶନର ଆବଶ୍ୟକତା ନାହିଁ। ନିଜ ଭର୍ଚୁଆଲ ଟିକେଟ ଦେଖାଇ ଦର୍ଶକମାନେ ସହଜରେ ଷ୍ଟାଡିୟମରେ ପ୍ରବେଶ କରିପାରିବେ। ''ଭୁବନେଶ୍ୱରରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆୟୋଜନ ଅଧିକାର ପାଇଥିବାରୁ ଆମେ ଗର୍ବିତ। ଏଠାରେ ଅନେକ ବିଶ୍ୱସ୍ତରୀୟ ହକି ଅନୁଷ୍ଠିତ ହୋଇସାରିଛି। ଫ୍ରି-ଟିକେଟ ଅଫର ଦ୍ୱାରା ଆମେ ଷ୍ଟାଡିୟମରେ ଏକ ଭିନ୍ନ ପରିବେଶ ସୃଷ୍ଟି କରିବାକୁ ଚାହୁଁଛୁ। ସମସ୍ତ କ୍ଷେତ୍ରରୁ ଦର୍ଶକମାନେ ଆସି ଏହି ଗେମ୍‌କୁ ଉପଭୋଗ କରନ୍ତୁ। ବିଶ୍ୱସ୍ତରରେ ହକିପ୍ରତି ଆମର ଆବେଗ ପ୍ରଦର୍ଶନ ପାଇଁ ଏହା ଏକ ବଡ଼ ସୁଯୋଗ'' ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ସମ୍ପାଦକ ଭୋଳାନାଥ ସିଂ ମଧ୍ୟ ଖୁବ୍ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। ଫ୍ରିରେ ଟିକେଟ ଦେବା ଅର୍ଥ ସମସ୍ତେ ଆସି ଖେଳ ଉପଭୋଗ କରନ୍ତୁ ବୋଲି ଆମେ ଚାହୁଁଛୁ। ହକି ପ୍ରେମୀମାନେ ସେମାନଙ୍କ ଫ୍ରି ଟିକେଟକୁ ହାସଲ କରି ଆମ ଦଳକୁ ଉତ୍ସାହିତ କରନ୍ତୁ ବୋଲି ସେ କହିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣରେ ଭାରତ ପୁରୁଷ ବର୍ଗରେ ଇଂଲଣ୍ଡ, ସ୍ପେନ, ଜର୍ମାନୀ, ଆୟର୍ଲାଣ୍ଡ ସହିତ ମୁକାବିଲା କରିବ। ସେହିପରି ଭାରତୀୟ ମହିଳା ଦଳ ଜର୍ମାନୀ, ଇଂଲଣ୍ଡ, ନେଦରଲାଣ୍ଡ୍ସ ଓ ସ୍ପେନ୍ ସହିତ ଖେଳିବ। ପ୍ରତ୍ୟେକ ଦଳ ପରସ୍ପରକୁ ୨ଟି ଲେଖାଏ ମ୍ୟାଚରେ ଭେଟିବେ।

କଳିଙ୍ଗ ଷ୍ଟାଡିୟମରେ ସୋମବାର ଓଡ଼ିଶା ଏଫ୍‌ସି ଓ ନର୍ଥ ଇଷ୍ଟ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ